ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ସୋମବାର ୦୮ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 08 APRIL 2024
Vol.No. 35 ■ No.95 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ମନ୍ତବ୍ୟକୁ 'ଟୁକଡେ-ଟୁକଡେ ଗ୍ୟାଙ୍ଗ'ର ଭାଷା କହି ପ୍ରବଳ ବର୍ଷିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୦୭/୪ : ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଉପରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଦେଇଥିବା ମନ୍ତବ୍ୟ ଉପରେ ପ୍ରବଳ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। 'ଟୁକଡେ-ଟୁକଡେ ଗ୍ୟାଙ୍ଗ'ର ଭାଷା କହି କଂଗ୍ରେସକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ରାଜସ୍ଥାନର ଜୟପୁରରେ ଏକ ରାଜନୈତିକ କାର୍ଯ୍ୟକ୍ରମରେ ଖଡଗେ କହିଥିଲେ, 'ପ୍ରଧାନମନ୍ତ୍ରୀ ରାଜସ୍ଥାନରେ ଆସି ଜମ୍ମୁ କଶ୍ମୀର କଥା କହୁଛନ୍ତି। ରାଜସ୍ଥାନ ସହ ଧାରା ୩୭୦ ଉଚ୍ଛେଦର କି ସମ୍ପର୍କ ଅଛି ?' ଏହି ସମୟରେ ଖଡଗେ ଧାରା ୩୭୦କୁ ୩୭୧ କହିଥିଲେ। ପରେ ଭୁଲବଶତଃ ପାଟିରୁ ସ୍ଲିପ୍ କରିଯାଇଥିଲା ବୋଲି ଦଳ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା। ସେ



ଯାହା ବି ହେଉ, ଖଡଗେଙ୍କ ଏହି ମନ୍ତବ୍ୟକୁ ନେଇ ଆଜି ପ୍ରଧାନମନ୍ତ୍ରୀ ପ୍ରବଳ ବର୍ଷିଛନ୍ତି। ବିହାରର ନଓ୍ୱାଦାର ଏକ ରାଲିକୁ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ସେ କାହିଁକି ଜମ୍ମୁ କଶ୍ମୀର ପ୍ରସଙ୍ଗକୁ ପ୍ରାସଙ୍ଗିକ ନୁହେଁ ବୋଲି ଭାବୁଛନ୍ତି। ସେ କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷ, ଏହା ଏକ ଛୋଟିଆ ପଦ ନୁହେଁ, ତଥାପି ରାଜସ୍ଥାନରେ କଶ୍ମୀର ବିଷୟରେ କଥା ହେବାର କାରଣ କ'ଣ ବୋଲି ପଚାରୁଛନ୍ତି। ମୁଁ ଏହା ଶୁଣି ଲଜ୍ଜିତ ଅନୁଭବ କରୁଛି।' 'ଜମ୍ମୁ କଶ୍ମୀର କଣ ଭାରତର ନୁହେଁ କି? କଂଗ୍ରେସ ଧ୍ୟାନର ସହ ଶୁଣିବା ଉଚିତ୍... ବିହାରର ଅନେକ ସାହସୀ ଯୋଦ୍ଧା ଦେଶ ମାତୃଭୂମି ପାଇଁ ବଳିଦାନ ଦେଇଛନ୍ତି। ଜମ୍ମୁ କଶ୍ମୀରକୁ ରକ୍ଷା କରିବା ପାଇଁ ଭାରତ ପତାକାକୁ ଦେହରେ ଘୋଡାଇ ଫେରିଛନ୍ତି (ଶହୀଦ ହୋଇଛନ୍ତି)। ସେହିପରି ରାଜସ୍ଥାନରେ ମଧ୍ୟ ଅନେକ ଯୋଦ୍ଧା ବଳିଦାନ ଦେଇଛନ୍ତି। ହେଲେ ସେମାନେ କହୁଛନ୍ତି ଦେଶର ଗୋଟିଏ କୋଣ ସହ ଅନ୍ୟ କୋଣର ପ୍ରାସଙ୍ଗିକତା କ'ଣ?' ଏହା ହେଉଛି 'ଟୁକଡେ-ଟୁକଡେ' ଗ୍ୟାଙ୍ଗର ଭାଷା। ଆପଣାନେ ଏପରି ଲୋକଙ୍କୁ କ୍ଷମା କରି ପାରିବ କି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରକାଶ ଥାଉକି, ବିହାରରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଜୋରସୋରରେ ପ୍ରଚାର ପ୍ରସାର ଚାଲିଛି। ପ୍ରଥମ ପର୍ଯ୍ୟାୟରେ ନଓ୍ୱାଡା, ଗୟା, ଔରଙ୍ଗାବାଦ ଏବଂ ଜାମୁଇ ଲୋକସଭା ଆସନରେ ଭୋଟିଂ ହେବ।

## ଭବାନୀପାଟଣା ଜେଲ୍‌ରୁ ଦୁଇ ବିଚାରାଧୀନ କଏଦୀ ଫେରାର

ଭବାନୀପାଟଣା , ୦୭/୪ (ନି.ପ୍ର): ଭବାନୀପାଟଣା ଜେଲ୍‌ରୁ ଦୁଇ ଜଣ ବିଚାରାଧୀନ କଏଦୀ ଫେରାର ହୋଇ ଯାଇଥିବା ସୂଚନା ମିଳିଛି। ଆଜି ସକାଳେ ଉଭୟେ ଜେଲ୍‌ରେ ନ ଥିବା ଜଣାପଡ଼ିଥିଲା। ବହୁ ଖୋଜାଖୋଜି କରି ସେମାନଙ୍କୁ ପାଇ ନ ଥିଲେ ଜେଲ୍ କର୍ତ୍ତୃପକ୍ଷ। ଫେରାର ବିଚାରାଧୀନ କଏଦୀମାନେ ହେଉଛନ୍ତି ସିକନ୍ଦର ଜାଲ ଓ ନୀଳମଣି ମାଝି। ସିକନ୍ଦର ନୂଆପଡ଼ା ଜିଲ୍ଲାର ହୋଇଥିବା ବେଳେ ନୀଳମଣି ଧର୍ମଗଡ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ବିରୋଧରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିବା ବେଳେ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିଲେ। ହେଲେ ସେମାନେ କିପରି ଓ କେତେବେଳେ ଫେରାର ହେଲା, ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ।

## ଇଡି ଚାର୍ଜସିଟ୍‌ରେ ଟିଭି ଓ ଫ୍ରିଜ୍ ବିଲ୍: ବଢ଼ିଲା ହେମନ୍ତ ସୋରେନ୍‌ଙ୍କ ଅଡୁଆ

ନୂଆଦିଲ୍ଲୀ, ୦୭/୪ : ଥମୁନୁ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଅଡୁଆ। ଜମି ଦୁର୍ନୀତି ମାମଲା ସହ ଟଙ୍କା ହେରଫେର ଅଭିଯୋଗରେ ବନ୍ଧା ହୋଇଥିବା ହେମନ୍ତ ସୋରେନ୍‌ଙ୍କ ବିରୋଧରେ ଇଡି ଚାର୍ଜସିଟ୍ ଦାଖଲ କରିଛି ସେଥିରେ ଟିଭି ଓ ଫ୍ରିଜ୍‌ର ବିଲ୍ ମଧ୍ୟ ସାମିଲ ଅଛି। କୋର୍ଟର ଏହାର ରିସିଟ୍ ସହ ଏହାକୁ ଜମି ଦୁର୍ନୀତି ମାମଲା ସହ ଇଡି ଯୋଡିଛି। ହେମନ୍ତ ସୋରେନ୍ ୩୧ କୋଟି ଟଙ୍କାର ଅଧିକ ମୂଲ୍ୟର ୮.୮୬ ଏକର ଜମିକୁ ବେଆଇନ୍ ରୂପେ କିଣିଥିବା ଇଡି ଅଭିଯୋଗ କରିଛି। ଏହାକୁ ନେଇ ଗତ ମାସରେ ଇଡି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ନେତା ଓ ୪ ଜଣଙ୍କ ବିରୋଧରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା। ▶▶ପୃଷ୍ଠା ୭

## ବର୍ଷିବ, ବିଜୁଳି ମାରିବ: ୩ ଘଣ୍ଟା ପାଇଁ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୦୭/୦୪ (ନି.ପ୍ର): ଆଜି ଓ ଆସନ୍ତାକାଲି ରାଜ୍ୟର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବରୁ ଆକଳନ କରିଥିବା ବେଳେ ଆଜି ୩ ଘଣ୍ଟା ପାଇଁ ୪ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସକାଳ ୯ଟା ୪୦ ମିନିଟ୍‌ରେ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏଥିରେ କୁହାଯାଇଛି, ଆଗାମୀ ୩ ଘଣ୍ଟାରେ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହିତ ହାଲକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପାଗକୁ ଦେଖି ଲୋକମାନେ ସୁରକ୍ଷିତ ସ୍ଥାନରେ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆଜି ଭୋରରେ କେନ୍ଦୁଝରରେ ପବନ ଓ ବର୍ଷା



ହୋଇଥିଲା। ଅନ୍ୟପକ୍ଷରେ ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ଭୁବନେଶ୍ୱର ଓ ସମ୍ବଲପୁରର ତାପମାତ୍ରା ୩୧.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲିରେ ୩୧ ଡିଗ୍ରୀ, ପାରାଦୀପରେ ୩୦.୬, ହୀରାକୁଦରେ ୩୦.୪, ରାଉରକେଲାରେ ୩୦, ଝାରସୁଗୁଡ଼ାରେ ୩୦, ପୁରୀରେ ୨୯.୬, ବାଲେଶ୍ୱରରେ ୨୯.୬, ଗୋପାଳପୁରରେ ୨୮.୨ ଓ କେନ୍ଦୁଝରରେ ୨୬ ଡିଗ୍ରୀ ରହିଥିଲା।

## ବିଜେଡିରେ ମିଶିଲେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ଲେଖାଶ୍ରୀ ସାମନ୍ତସିଂହାର






ଭୁବନେଶ୍ୱର, ୦୭/୦୪ (ନି.ପ୍ର): ପାଞ୍ଚ ଦିନ ତଳେ କଂଗ୍ରେସରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଆଜି ବିଜେଡିରେ ମିଶିଛନ୍ତି। ଶଙ୍ଖ ଭବନରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ବିଧାୟକ ପ୍ରତାପ ଜେନା ଓ ଶଶିଭୂଷଣ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଗଣେଶ୍ୱର ବେହେରା ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିରେ ଯୋଗ ଦେବା ପରେ ସେ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, ଓଡ଼ିଶାର ବିକାଶରେ ନିଜର ସାମାନ୍ୟତମ ଅବଦାନ ରଖିବା ପାଇଁ ଓ କେନ୍ଦ୍ରାପଡ଼ାର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୁଁ ବିଜେଡିରେ ସାମିଲ ହୋଇଛି। କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ▶▶ପୃଷ୍ଠା ୭

## ଗାଁ ଗାଁ ବୁଲି କରୁଥିଲେ ମନ୍ଦିରରୁ ଚୋରି





ବାଲେଶ୍ୱର, ୦୭/୪ (ନି.ପ୍ର): ମନ୍ଦିରରୁ ଚୋରି କରୁଥିବା ୭ ଜଣିଆ ଲୁଟେରା ଗ୍ୟାଙ୍ଗକୁ ଧରିଛି ବାଲେଶ୍ୱର ପୁଲିସ। ସେମାନଙ୍କଠାରୁ ଠାକୁରଙ୍କ ଅଳଙ୍କାର ଜବତ କରାଯାଇଛି। ଜବତ ଅଳଙ୍କାରର ମୂଲ୍ୟ ୬ ଲକ୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଗିରଫ ଗ୍ୟାଙ୍ଗର ୫ ଜଣ ଲୋକ ମୟୁରଭଞ୍ଜ ଜିଲ୍ଲାର ହୋଇଥିବା ବେଳେ ଆଉ ଦୁଇ ଜଣ ବାଲେଶ୍ୱରର ବୋଲି ଯଣାପଡ଼ିଛି। ୫ ତାରିଖରେ ଚାନ୍ଦିପୁର ଅଞ୍ଚଳରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କୁ ରିମାଣ୍ଡ ନେବା ପରେ ପୁଣି ୩ ଜଣ ସାମ୍ନାକୁ ଆସିଛନ୍ତି। ସେମାନଙ୍କ ପାଖରୁ ଜବତ ଅଳଙ୍କାରର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଅଧିକ ହେବ ବୋଲି ?ଆକଳନ କରାଯାଉଛି। ତେବେ ଏହି ଗ୍ୟାଙ୍ଗ ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଥିବା ବହୁ ମନ୍ଦିରରୁ ପିତଳ ମୂର୍ତ୍ତି ସମେତ ରୂପାର ଅଳଙ୍କାର ଚୋରି କରି ଉଭାନ ହୋଇଯାଉଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ବ୍ୟକ୍ତି ମନ୍ଦିର ଅସବା ପତ୍ର ସହ ଅଳଙ୍କାର ଚୋରି କରୁଥିବା ବେଳେ ଆଉ ଦୁଇ ଜଣ ଏହିସବୁ ସାମଗ୍ରୀ କିଣୁଥିଲେ। ତେବେ ଏନେଇ ସାଇବର ଟିମ ଓ ଜିଲ୍ଲା ଗୁଇନ୍ଦା ବିଭାଗ ଏମାନଙ୍କ ଉପରେ ଦୀର୍ଘ ଦିନଧରି ନଜର ରଖିଥିଲା। ଶେଷରେ ସେମାନଙ୍କୁ ଧରିବାରେ ସଫଳ ହୋଇଛି। ତେବେ ସମୁଦାୟ ୧୯ ଟି ମନ୍ଦିର ଚୋରି କେସରେ ୮୦ ପ୍ରତିଶତ ଜିନିଷ ମିଳିଯାଇଛି। ବାକି ୬ ଟି ମନ୍ଦିର ଚୋରି କେସ ର ତଦନ୍ତ ଚାଲିଛି।

## କଶ୍ମୀରରେ ଜୋରଦାର ଟକ୍କର: ମୁହାଁମୁହିଁ ହେବେ ଗୁଲାମ ନବି ଓ ମୁଫ୍‌ତୀ

ନୂଆଦିଲ୍ଲୀ, ୦୭/୪ : ଏଥର ଜୋରଦାର କଶ୍ମୀର ଲୋକସଭା ନିର୍ବାଚନ। ପୁଣି ଥରେ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି ପିଡିପି ସୁପ୍ରିମୋ ମେହବୁବା ମୁଫତୀ। ଅନନ୍ତନାଗ ନିର୍ବାଚନ ମଣ୍ଡଳିରୁ ଏଥର ମୁଫତୀ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ସେପଟେ ଜମ୍ମୁକଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବି ଆଜାଦ ମଧ ଅନ୍ତନାଗର ରଜୌରୀ ନିର୍ବାଚନ ମଣ୍ଡଳିରୁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଫଳରେ ଏହି ଆସନରେ ଗୁଲାମ ନବି ଓ ମେହବୁବା ମୁଫତୀଙ୍କ ମଧ୍ୟରେ ଜୋରଦାର ଟକ୍କର ହେବ ବୋଲି କୁହାଯାଉଛି। କଶ୍ମୀର ତିନୋଟି ଲୋକସଭା ଆସନ ପାଇଁ ଆଜି ପଡିପି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇଛି। କଶ୍ମୀରର ଅନନ୍ତନାଗ-ରଜୌରୀ, ଶ୍ରୀନଗର ଏବଂ ବାରାମୁଲା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଦଳ। ତେବେ ଅନନ୍ତନାଗ-ରଜୌରୀ ଆସନରୁ ଦଳର ମୁଖ୍ୟ ମେହବୁବା ମୁଫତୀଙ୍କୁ ପ୍ରାର୍ଥୀ କରିଛି ପିଡିପି। ସେହିପରି ଶ୍ରୀନଗରରେ ଦଳ ଯୁବ ▶▶ପୃଷ୍ଠା ୭





## ନୀଳପ୍ରଭା ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ବସନ୍ତ ଆସର




ନୀଳଗିରି, ୦୭/୪ (ନି.ପ୍ର): ନୀଳପ୍ରଭା ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ବସନ୍ତ ଆସନର ଓ ବଂଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୯ ଘଟିକାରୁ ପୂର୍ବହ୍ନ ୧୧ ଘଟିକା ପର୍ଯ୍ୟନ୍ତ ବସନ୍ତ ଉପରେ କବିତା ପାଠ ଓ ଆଲୋଚନା କରାଯାଇଥିଲା । ଏହି ଅଧିବେଶନକୁ ସଭାପତିତ୍ୱ କରିଥିଲେ ଶ୍ରୀଯୁକ୍ତ ଶ୍ରୀକାନ୍ତ ବେହେରା, ମୁଖ୍ୟ ଅତିଥି ଡ. ଭାଗବତ ପ୍ରସାଦ ଦାସ ମୁଖ୍ୟ ବକ୍ତା ବ୍ୟଙ୍ଗକବି ପ୍ରଭାକର ସାହୁ ଓ ସଂଯୋଜନା କରିଥିଲେ ସୁଶ୍ରୀ ସତ୍ୟଭାମା ମୁଦୁଲି । ଧନ୍ୟବାଦ ଦେଇଥିଲେ ଶ୍ରୀଯୁକ୍ତ ମହେଶ୍ୱର ସାହୁ । ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚନା ଓ ସମ୍ବର୍ଦ୍ଧନା ପର୍ବରେ ସଭାପତିତ୍ୱ କରିଥିଲେ କବି ସୁବର୍ଣ୍ଣଶ୍ରୀର ସଂପାଦକ ଶ୍ରୀଯୁକ୍ତ କାଳୀପଦ ପଣ୍ଡା, ମୁଖ୍ୟ ବକ୍ତା ଧ୍ୱନିପ୍ରତିଧ୍ୱନିର ପରିଚାଳନା ସଂପାଦକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ା ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଅଭୟ ସୂତାର ବରେଣ୍ୟ ଅତିଥି ଶ୍ରୀଯୁକ୍ତ ପ୍ରାଧ୍ୟାପକ ଡ. ବଂଶିଧର ଚୌଧୁରୀ ଓ ସମ୍ମାନିତ ଅତିଥି ଶ୍ରୀମତୀ ଜାନକୀ ପାଢ଼ୀ ଓ ସଂଗଠନର ସହସଂପାଦକ ଗଂଗାଧର ଦାସ ବସନ୍ତ ଆସରର ଆଭିମୁଖ୍ୟ ଓ ଆଜିର ଦିନରେ ଅବକ୍ଷୟ ବସନ୍ତ ଉପରେ ନିଜର ଅଭିମତ ରଖିଥିଲେ । ପ୍ରାଧ୍ୟାପକ ରବିନାରାୟଣ ଚୌଧୁରୀ ବର୍ତ୍ତମାନର ସାହିତ୍ୟ ଧାରା ଉପରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସହସଂପାଦକ ଭକ୍ତଶ୍ରୀ ସମସ୍ତ କବି ଲେଖକଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଆସରରେ ଶ୍ରୀଯୁକ୍ତ ବେହେରା ଓ ଶ୍ରୀମତୀ ଜାନକୀ ପାଢ଼ୀଙ୍କୁ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପ୍ରଜାପତି ସାହିତ୍ୟ ଶାଖା 'ଅକ୍ଷର'ର କବିତା ପର୍ବ 'ଆମନ୍ତ୍ରଣ' ଅନୁଷ୍ଠିତ

### ଭାବ ଓ ପ୍ରେମର ଚିର ଶାଶ୍ୱତ ରୂପ ହିଁ କବିତା




ବାଲେଶ୍ୱର, ୦୭/୪ (ନି.ପ୍ର): ବାଲେଶ୍ୱର, ଶିକ୍ଷା ଓ ଜ୍ଞାନର ଦିବ୍ୟଜ୍ୟୋତି ପ୍ରଜାପତି ଅନୁଷ୍ଠାନର ସାହିତ୍ୟ ଶାଖା ଅକ୍ଷରର କବିତା ପର୍ବ 'ଆମନ୍ତ୍ରଣ' ସୋନପୁର, ସମ୍ବଲପୁର, ରାଉରକେଲା, କେନ୍ଦ୍ରାପଡ଼ା ଓ ବାଲେଶ୍ୱରରୁ ଯୋଗ ଦେଇଥିବା ଆମନ୍ତ୍ରିତ କବିମାନଙ୍କ ଗହଣରେ ଏକ କବିତାମୟ ପରିବେଶରେ ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କବିତା ପର୍ବ ଆମନ୍ତ୍ରଣ ବାଲେଶ୍ୱର ମାଟିର ପ୍ରଣମ୍ୟ କବି ବ୍ରଜନାଥ ରଥ, ଚନ୍ଦ୍ରକୁମାର ମହାନ୍ତି ଓ ପଂଚାନନ ଦାସଙ୍କୁ ସମର୍ପିତ ହୋଇଥିବାବେଳେ କବିଙ୍କ ରଚନାରୁ କବିତା ପାଠ କରିଥିଲେ କବି ପ୍ରଶାନ୍ତ ଦାସ, ଉତ୍ପଳ ମହାନ୍ତି ଓ ଶୁଭେନ୍ଦୁ ଦାସ। ପ୍ରାରମ୍ଭରେ କବି ଓ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ଉତ୍ସବର କଥା ରଖିଥିବାବେଳେ ରାଜେଶ ଗିରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବିତାର ପର୍ବ ଉଦ୍‌ଘାଟନ ପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଭାବ ଓ ପ୍ରେମର ଚିର ଶାଶ୍ୱତ ରୂପ ହିଁ କବିତା ଓ କବିତା ଜୀବନକୁ ସୌନ୍ଦର୍ଯ୍ୟମୟ କରେ। ପ୍ରଜାପତିର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ପରିଚାଳିତ ଉତ୍ସବରେ ଉଦଘାଟନ ସଙ୍ଗୀତ ଗାନ କରିଥିଲେ ପ୍ରତିଭାବାନ ଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀ ଓ ଶିଳ୍ପୀଙ୍କୁ ଅତିଥିମାନେ ସଂସ୍କାର ସମ୍ମାନ ପ୍ରଦାନ କରିଥିଲେ। ଆମନ୍ତ୍ରିତ ଅତିଥି କବିଙ୍କ ବିଷୟରେ ପରିଚୟ ପ୍ରଦାନ କରିଥିଲେ ବିପ୍ଲବଦାସ ମହାପାତ୍ର, କବି ମଧୁସୂଦନ ମିଶ୍ର, ସନ୍ତୋଷ ଦଳେଇ, ▶▶ପୃଷ୍ଠା ୭

# ଯକ୍ଷ୍ମା ଔଷଧ ମିଳୁନି: କେନ୍ଦ୍ରରୁ ଯୋଗାଣ ବନ୍ଦ, ବଜାରରେ ବି ଉପଲବ୍ଧ ନାହିଁ

ଭୁବନେଶ୍ୱର/କେନ୍ଦୁଝର, ୦୭/୪ (ନି.ପ୍ର): ରାଜ୍ୟରେ ଯକ୍ଷ୍ମା ଔଷଧର ଗୁରୁତର ସଙ୍କଟ ଦେଖାଦେଇଛି। ପ୍ରାୟ ଦୁଇ ମାସ ହେବ କେନ୍ଦ୍ରରୁ ଔଷଧ ଯୋଗାଣ ବନ୍ଦ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଯେଉଁ ଔଷଧ ମହଜୁଦ ଥିଲା ତାହା ବି ସରିଗଲାଣି। ଚିନ୍ତାଜନକ ବିଷୟ ହେଉଛି ଯେ ଖୋଲା ବଜାରରେ ମଧ୍ୟ ଏହି ଔଷଧ ମିଳୁନାହିଁ। ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଔଷଧ ମିଳୁ ନ ଥିବାରୁ ଯକ୍ଷ୍ମା ରୋଗୀଙ୍କ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏ ସ୍ଥିତି କେବଳ ଓଡ଼ିଶାର ନୁହେଁ, ଦେଶବ୍ୟାପୀ ଏଭଳି ଚିତ୍ର ଆସୁଛି। ନିକଟ ଅତୀତରେ ସ୍ଥିତିରେ କେ ?ଣସି ସୁଧାର ଆସିବା ଆଶା କମ୍ ବୋଲି ସରକାର ଆଶଙ୍କା କରୁଛନ୍ତି। ବିଶ୍ୱରେ ଯକ୍ଷ୍ମା ରୋଗ ଔଷଧ ପ୍ରସ୍ତୁତ କରିବାରେ ଭାରତ ସର୍ବାଗ୍ରେ ରହିଛି। ହେଲେ ଭାରତରେ ଏହି ଔଷଧର ଅଭାବ ଦେଖାଦେବା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ଚିନ୍ତାରେ ପକାଇଛି। ଧାର୍ଯ୍ୟ କୋର୍ସ ପୂରଣ କରୁ ନ ଥିବା ରୋଗୀମାନଙ୍କୁ ଡ୍ରଗ୍ ରେସିଷ୍ଟାଣ୍ଟ ଟିବି(ଯକ୍ଷ୍ମା)ର ଭୟ ରହିଛି। ଏହାସହ ରୋଗ ସଂକ୍ରମଣ ବଢ଼ିବାର ମଧ୍ୟ ଆଶଙ୍କା ଦେଖାଦେଲାଣି। ଔଷଧ ଅଭାବକୁ ରାଜ୍ୟ ସରକାର କିଭଳି ମୁକାବିଲା କରିବେ ତାହା ବୁଝିପାରୁନାହାନ୍ତି। ଗୋଟିଏ ପଟେ ୨୦୨୫ ସୁଦ୍ଧା କେନ୍ଦ୍ର ସରକାର ଦେଶରୁ ଯକ୍ଷ୍ମା ନିରାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ହେଲେ ଔଷଧ ଅଭାବରୁ ଏହି ଲକ୍ଷ୍ୟକୁ ନେଇ ପ୍ରଶ୍ନ ଉଠାଲାଣି।

ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଭଳି ସବୁ ଜିଲ୍ଲାରୁ ଯକ୍ଷ୍ମା ଔଷଧ ମିଳୁ ନ ଥିବା ଚିତ୍ର ସାମ୍ନାକୁ ଆସିଲାଣି। ଔଷଧ ଯୋଗାଣ କେନ୍ଦ୍ରକୁ ରୋଗୀମାନେ ଆସୁଥିଲେ ହେଁ ସେମାନଙ୍କୁ ଫେରିବାକୁ ପଡୁଛି। କେନ୍ଦୁଝର ଜିଲ୍ଲାରେ ଏବେ ୧୭୮୫ଜଣ ଯକ୍ଷ୍ମା ରୋଗୀ ଚିକିତ୍ସିତ ହେଉଛନ୍ତି। ସରକାରୀ ଡାକ୍ତରଖାନାଗୁଡ଼ିକୁ ରାଜ୍ୟସ୍ତରରୁ ଔଷଧ ଯୋଗାଣ ହେଉ ନଥିବାରୁ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି। ସିଡିଏମ୍ଓ ଡା. କିଶୋର ପୃଷ୍ଟି କହିଛନ୍ତି, ମାସେ ହେଲା ଯକ୍ଷ୍ମା ଔଷଧର ଅଭାବ ରହିଛି। ଔଷଧ ଆସୁ ନ ଥିବାରୁ ଚିକିତ୍ସା ସେବା ପ୍ରଭାବିତ ହୋଇଛି। ଏହି ଅଚଳାବସ୍ଥା ଦୂର ହେବା ଲାଗି ଆହୁରି ମାସେ ସମୟ ଲାଗିବ ବୋଲି ସେ କହିଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ୍‌ରେ ୨୭୬୧ ଯକ୍ଷ୍ମା ରୋଗୀ ରହିଛନ୍ତି।



ତହିଁରେ ୧୮୩୦ ପୁରୁଷ, ୮୨୩ ମହିଳା ଓ ୧୦୮ ଶିଶୁ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର, କରଞ୍ଜିଆ ଭଳି ଉପଖଣ୍ଡରେ ଔଷଧ ଅଭାବରୁ ଯକ୍ଷ୍ମା ରୋଗୀଙ୍କ ଅବସ୍ଥା ବିଗିଡ଼ିବାରେ ଲାଗିଛି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଯକ୍ଷ୍ମା ଔଷଧ ସବୁବେଳେ କେନ୍ଦ୍ରରୁ ଯୋଗାଣ ହୋଇଥାଏ। ଏ ଦୃଷ୍ଟିରୁ ରାଜ୍ୟ ସରକାର କାଁ ଭାଁ ଏହି ଔଷଧ ଖୁଚୁରା ବଜାରରୁ କିଣିଥାନ୍ତି। ହେଲେ ପ୍ରାୟ ଦୁଇ ମାସ ହେବ ଏହି ଔଷଧ ଯୋଗାଣ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଲା ବଜାରରୁ ଏହାକୁ କିଣିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ରାଜ୍ୟ ଭେଷଜ ନିର୍ଦ୍ଦେଶକଙ୍କ ଜରିଆରେ ଯକ୍ଷ୍ମା ଔଷଧ ଯୋଗାଣକାରୀ ସି ଏଣ୍ଡ ଏଫ୍‌କୁ ଯୋଗାଯୋଗ କରାଯାଇଥିଲା। ସେଠାରେ ମଧ୍ୟ ଔଷଧ ନ ଥିବାରୁ ସିଧାସଳଖ କମ୍ପାନି ସହ ଯୋଗାଯୋଗ ହୋଇଥିଲା। ମାତ୍ର କଞ୍ଚାମାଲ୍ ଅଭାବରୁ ଦେଶରେ ଯକ୍ଷ୍ମା ଔଷଧ ପ୍ରସ୍ତୁତ ହୋଇପାରୁ ନଥିବା ଜଣାପଡ଼ିଛି। ପୂର୍ବରୁ ଦେଶରେ ଦୁଇଟି କମ୍ପାନି ଏହି ଔଷଧ ପ୍ରସ୍ତୁତ କରୁଥିଲେ। ଏବେ ଏହି କମ୍ପାନିମାନଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ଆଶ୍ଚର୍ଯ୍ୟର କଥା ଯେ ତଥାପି ଔଷଧ ମିଳୁନାହିଁ।

ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜ୍ୟରେ ଯକ୍ଷ୍ମା ରୋଗର ଅଭାବକୁ ଦୂର କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଚିବ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ତାଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆସନ୍ତା ୧୫ଦିନ ଭିତରେ ଔଷଧ ଯୋଗାଣ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ଜରୁରିକାଳୀନ ଔଷଧ ତାଲିକା(ଇଡିଏଲ୍)ରେ ପୂର୍ବରୁ ଯକ୍ଷ୍ମା ଔଷଧ ନ ଥିଲା। ମାତ୍ର ଏଭଳି ପରିସ୍ଥିତିକୁ ନଜରରେ ରଖି ଇଡିଏଲ୍‌ରେ ଏହାକୁ ସାମିଲ କରାଯାଇଛି। ହେଲେ ଖୋଲା ବଜାରରେ ଔଷଧ ମିଳୁ ନ ଥିବାରୁ ରାଜ୍ୟ ଔଷଧ ନିଗମ ପାଇଁ ମଧ୍ୟ ଏହା ସମସ୍ୟା ସୃଷ୍ଟି କରିଛି। ଔଷଧ ଅଭାବ ପାଇଁ ରାଜ୍ୟରେ ଯକ୍ଷ୍ମା ସଂକ୍ରମଣ ବଢ଼ିବା ଓ ଡ୍ରଗ୍ ରେଜିଷ୍ଟାଣ୍ଟ ଟିବି ବୃଦ୍ଧି ପାଇବା ସଂପର୍କରେ ଅଧିକାରୀ ଜଣକ କହିଛନ୍ତି ଯେ ଯଥାଶୀଘ୍ର ଔଷଧ ଯୋଗାଣ ହେଲେ ଏହାର ମୁକାବିଲା କରାଯାଇପାରିବ। ରାଜ୍ୟରେ ଏବେ ଟ୍ରୁ ନାଟ୍ ମେସିନ୍‌ରେ ଯକ୍ଷ୍ମା ରୋଗୀଙ୍କ ପରୀକ୍ଷା କରାଯାଉଛି। ତେଣୁ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ବଢ଼ିପାରେ। ହେଲେ ଏହା ଟ୍ରାନ୍ସମିସନ ବା ସଂକ୍ରମଣକୁ ରୋକିବାରେ ସହାୟକ ହେବ ବୋଲି ସେ କହିଛନ୍ତି।

# ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନରେ ଭୋଟର ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ

କନ୍ଧମାଳ, ୦୭/୪ (ନି.ପ୍ର): ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପାଇଁ ଏପ୍ରିଲ୍ ଓ ମେ ମାସରେ ବ୍ୟାପକ ସ୍ୱୀପ୍ କାର୍ଯ୍ୟକଳାପ ଉପରେ ନିର୍ବାଚନ ଆୟୋଗ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଁ ଶୃଙ୍ଖଳିତ ଭୋଟର ଶିକ୍ଷା ଏବଂ ନିର୍ବାଚନୀ ଅଂଶ ଗ୍ରହଣ କାର୍ଯ୍ୟକଳାପ କରାଯିବ। ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଘରକୁ ଘର ବୁଲି ଭୋଟରଙ୍କୁ ସଚେତନ କରାଯିବ। ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ନାଗରିକମାନଙ୍କୁ ଶିକ୍ଷିତ ଏବଂ ଉତ୍ସାହିତ କରାଯିବ। ଯୁବ ଓ ନବ ବିବାହିତ ଭୋଟରଙ୍କୁ ନିର୍ବାଚନରେ ଅଂଶ ଗ୍ରହଣ କରିବା ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଟାର୍ଗେଟେଡ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ନିର୍ବାଚନର ପର୍ବ, ଆମ ଦେଶର ଗର୍ବ '' ଥିମ୍ ଉପରେ ର୍ବା ଏବଂ ଭୋଟରଙ୍କୁ ମତଦାନ ପାଇଁ ନିମନ୍ତ୍ରଣ ସହିତ ଭୋଟରଙ୍କ ମଧ୍ୟରେ ଗର୍ବ ଓ ଦାୟିତ୍ୱବୋଧ ସୃଷ୍ଟି କରିବା ପାଇଁ କୁଇଜ୍, ଚିତ୍ରାଙ୍କନ, ରଙ୍ଗୋଲି ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯିବ। ସିଇଓଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଭିଡିଓ ଏବଂ ଜିଙ୍ଗଲକୁ ଭୋଟର ସଚେତନତା ପାଇଁ ବ୍ୟବହାର କରାଯିବ । ଭୋଟର ସଚେତନତା ବାର୍ତ୍ତା ସହ ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ୍ ପମ୍ପ୍, ପାର୍କ, ସର୍ବସାଧାରଣ ସ୍ଥାନ, ହାଟ ଇତ୍ୟାଦି ସ୍ଥାନରେ ହୋର୍ଡିଂ ଲଗାଯିବ ଏବଂ ଫ୍ଲେକ୍ସ ପ୍ରଦର୍ଶନ କରାଯିବ। ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ସରକାରୀ କାର୍ଯ୍ୟାଳୟ କାନ୍ଥରେ ନିର୍ବାଚନ ସଚେତନତା ଉପରେ ବିଭିନ୍ନ ସଚେତନତା ବାର୍ତ୍ତା ଚିତ୍ରାଙ୍କନ କରାଯାଇପାରିବ। ନିର୍ବାଚନ ପ୍ରକ୍ରିୟା ପ୍ରତି ଆକର୍ଷଣ ଓ ଦୃଷ୍ଟି ଆକର୍ଷଣ କରିବା ଏବଂ ନାଗରିକ ବିଶେଷ କରି ଯୁବ ଭୋଟରଙ୍କୁ ସେମାନଙ୍କର ମତଦାନ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସାଇକେଲ ରାଲି/ୱାକାଥନ/ମାରାଥନର ଆୟୋଜନ କରାଯିବ। ସେହିପରି ନାଗରିକମାନଙ୍କୁ ଦସ୍ତଖତ ଅଭିଯାନରେ ନିୟୋଜିତ କରାଯିବ ଏବଂ ଭୋଟ ଦେବାପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରତିଶ୍ରୁତି ଦେବା ସହିତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରାଯିବ।

ଏହି କ୍ରମରେ ଆଜି ସ୍ଥାନୀୟ ସର୍କିଟ୍ ହାଉସ୍ ପରିସର ମଧ୍ୟରୁ ଏକ ରାଲି ବାହାରି ଫୁଲବାଣୀ ସହର ପରିକ୍ରମା କରିଥିଲା। ଏଥିରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ(ନିର୍ବାଚନ) ରମେଶ ଚନ୍ଦ୍ର ଜେନା, କନ୍ଧମାଳ ଉପ-ଜିଲ୍ଲାପାଳ ଚିରଞ୍ଜନ ମହନ୍ତ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ସୁଶ୍ରୀ ଦେବାଯାନୀ ଭୁୟାଁ, ଡେପୁଟି କଲେକ୍ଟର, ନିର୍ବାଚନ ଡି. ମାଲେଶ୍ୱର ପାତ୍ରଙ୍କ ସମେତ ବିଭାଗୀୟ ପଦାଧିକାରୀ, ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଇ-ଲାଇବ୍ରେରୀ ଓ ସିଭିଲ୍ ସର୍ଭିସ୍ ସେଣ୍ଟରର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ପି.ଡବ୍ଲୁ.ଡି. ଟ୍ରାନ୍ସଜେଣ୍ଡର, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସିଭିଲ୍ ସର୍ଭିସ୍ ସେଣ୍ଟରର ଛାତ୍ରଛାତ୍ରୀମାନେ ମାଦିକୁନ୍ଦା ଛକ ଓ ଗୋପବନ୍ଧୁ ଛକ ଠାରେ ପଥପ୍ରାନ୍ତ ନାଟକ ସହରଠୁ ଗାଁ ଭୋଟ ଦେଇ ରଖିବା ନାଁ '' ପ୍ରଦର୍ଶନ କରିଥିଲେ।

# ହରଡ଼ ଡାଲି ମହଙ୍ଗା: କ୍ୱିଣ୍ଟାଲ ପିଛା ୪୦୦ ବଢ଼ିଲା

ଭୁବନେଶ୍ୱର, ୦୭/୪ (ନି.ପ୍ର): ଲୋକସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଏବଂ ପ୍ରଚାର ଜୋର ଧରିଲାଣି। ଏଭଳି ସମୟରେ ଦରଦାମ୍ ଅସ୍ତବ୍ୟସ୍ତ କଲାଣି। ପୂର୍ବରୁ ଅନ୍ୟାନ୍ୟ ସାମଗ୍ରୀର ଦର ଉଚ୍ଚା ଥିବାବେଳେ ଏବେ ବଜାରରେ ହଠାତ୍ ହରଡ଼ ଡାଲି ମହଙ୍ଗା ହୋଇଯାଇଛି। କ୍ୱିଣ୍ଟାଲ ପିଛା ୩୦୦ରୁ ୪୦୦ ଟଙ୍କା ବଢ଼ିଯାଇଛି। ପାଇକାରୀ ବଜାରରେ କିଲୋପିଛା ହରଡ଼ ଡାଲି ୧୩୫ରୁ ୧୫୩ ଟଙ୍କାରେ ପହଞ୍ଚିଯାଇଛି। ଡାଲି ଦର ବୃଦ୍ଧି ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ବିଶେଷତଃ ଓଡ଼ିଶା ଭଳି ରାଜ୍ୟର ସମସ୍ୟା ଅଧିକ। କାରଣ ରାଜ୍ୟରେ ମୋଟ୍ ଡାଲି ଆବଶ୍ୟକତା ୯ ଲକ୍ଷ ୩୦ ହଜାର ଟନ୍। କିନ୍ତୁ ଏଥିରୁ ମାତ୍ର ୭୦ରୁ ୮୦ ହଜାର ଟନ୍ ଡାଲି ରାଜ୍ୟରେ ଉତ୍ପାଦନ ହୋଇଥାଏ। ତେଣୁ ଅବଶିଷ୍ଟ ଡାଲି ପାଇଁ ଓଡ଼ିଶା ଗ୍ରାହକଙ୍କୁ ବାହାର ରାଜ୍ୟ ଏବଂ ବିଦେଶ ବଜାର ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତେଣୁ ଡାଲି ଦରବୃଦ୍ଧି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନକମିଲେ ଓଡ଼ିଶାରେ ଏହା କମିବା ସମ୍ଭାବନା ନଥାଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କୁହନ୍ତି, ଦର ଉପରେ ଛୋଟ ବ୍ୟବସାୟୀଙ୍କର କୌଣସି ନିୟନ୍ତ୍ରଣ ନାହିଁ। ସେମାନେ ଯେତିକିରେ କିଣିବେ ସେହି ଅନୁସାରେ ବିକ୍ରି କରିବେ। କିନ୍ତୁ ଦେଶରେ ଦରବୃଦ୍ଧି ପାଇଁ ସେ ବଡ଼ ବଡ଼ କର୍ପୋରେଟ୍ ହାଉସ୍‌କୁ ଦାୟୀ କରିଛନ୍ତି। ସେମାନେ ବିପୁଳ ପରିମାଣର ଖାଦ୍ୟଶସ୍ୟ ମହଜୁଦ କରି ରଖିବା ସହିତ ସେମାନଙ୍କ ମନ ମୁତାବକ ଦର ନିର୍ଦ୍ଧାରଣ କରୁଛନ୍ତି। ଏହାଦ୍ୱାରା ଗ୍ରାହକମାନେ ଶୋଷଣର ଶିକାର ହେଉଛନ୍ତି। ତେଣୁ ଦରଦାମ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

# ସରକାରୀ ଡାକ୍ତରଙ୍କ ଘରୋଇ ଚିକିତ୍ସା: ଜବାବ ମାଗିଲେ ହାଇକୋର୍ଟ

କଟକ, ୦୭/୪ (ନି.ପ୍ର): ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କ ପ୍ରାଇଭେଟ ପ୍ରାକ୍ଟିସ ବା ଘରୋଇ ଚିକିତ୍ସା ଉପରେ ସଂପୂର୍ଣ୍ଣ କଟକଣା ଜାରି ପ୍ରସଂଗ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିକଟରୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ସମ୍ୱଳିତ ପ୍ରସଙ୍ଗ ବୋଲି ହାଇକୋର୍ଟ ଆଜି ଶୁଣାଣି ବେଳେ ମତ ରଖିବା ସହିତ ଚାରି ସପ୍ତାହ ଭିତରେ ମାମଲାରେ ଜବାବ ରଖିବା ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସମାଜସେବୀ ନାରାୟଣ ଚନ୍ଦ୍ର ଜେନାଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରୁଛନ୍ତି। ମେ' ୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆଜି ଶୁଣାଣି ସମୟରେ ଆବେଦନକାରୀ ଦର୍ଶାଇଥିଲେ ଯେ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଉଥିବା ଗରିବ ରୋଗୀଙ୍କୁ ଅନେକ ସମୟରେ ପରୋକ୍ଷରେ ଘରୋଇ ଡାକ୍ତରଖାନାକୁ ଯିବାକୁ ବାଧ କରାଯାଉଛି। ଜମି, ସୁନାଗହଣା ବିକ୍ରି କରି ଗରିବ ରୋଗୀ ଘରୋଇ ଡାକ୍ତରଖାନା ଚିକିତ୍ସା ଖର୍ଚ୍ଚ ପଇଠ କରୁଛନ୍ତି। ସରକାରୀ ଚିକିତ୍ସାଳୟର ଡାକ୍ତରମାନେ ଘରୋଇ ଚିକିତ୍ସା କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। କେତେକ ରାଜ୍ୟରେ ସରକାରୀ ଡାକ୍ତରଖାନାର ଡାକ୍ତରଙ୍କୁ ଘରୋଇ ଚିକିତ୍ସା କରିବା ପାଇଁ ଅନୁମତି ନାହିଁ ବୋଲି ଶ୍ରୀ ଜେନା ଦର୍ଶାଇଥିଲେ।

ସରକାରୀ ଡାକ୍ତରଖାନାରେ ନିଜ ଦାୟିତ୍ୱ ଠିକ୍ ଭାବେ ସଂପାଦନ ନ କରି ଡାକ୍ତର ଅଧିକ ଟଙ୍କା ପାଇବା ପାଇଁ ଘରୋଇ ଚିକିତ୍ସା କରୁଥିବାରୁ ସରକରୀ ଡାକ୍ତରଖାନା ଆସୁଥିବା ରୋଗୀଙ୍କୁ ବହୁ ସମୟରେ ଉପଯୁକ୍ତ ଚିକିତ୍ସା ଓ ପରାମର୍ଶ ଦିଆଯାଉ ନଥିବା ଅଭିଯୋଗ ହେଉଛି। ସରକାରୀ ବ୍ୟବସ୍ଥାରେ ଡାକ୍ତର ଯେଉଁଭଳି ରୋଗୀ ଚିକିତ୍ସା କରୁଛନ୍ତି ତା ଠାରୁ ଉତ୍ତମ ଧରଣର



ଚିକିତ୍ସା ସଂପୃକ୍ତ ଡାକ୍ତର ଘରୋଇ ଡାକ୍ତରଖାନାରେ ପ୍ରଦାନ କରୁଛନ୍ତି। ଅନେକ ସମୟରେ ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଉତ୍ତମ ଚିକିତ୍ସା ପାଇବା ପାଇଁ ଘରୋଇ ଚିକିତ୍ସା ନେବାକୁ ବାଧ କରାଯାଉଛି। ଯେଉଁ ସମୟରେ ସରକାରୀ ଡାକ୍ତରଖାନାରେ ରୋଗୀ ଦେଖିବା କଥା ସେହି ସମୟରେ ଡାକ୍ତର ଜାଣିଶୁଣି ଅନୁପସ୍ଥିତ ରହୁଛନ୍ତି। ସେହି ସମୟରେ କିନ୍ତୁ ସଂପୃକ୍ତ ଡାକ୍ତର ଘରୋଇ କ୍ଲିନିକ ବା ଡାକ୍ତରଖାନାରେ ରୋଗୀ ଦେଖୁଛନ୍ତି। ଯାହାଫଳରେ ସରକାରୀ ଡାକ୍ତରଖାନାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡୁଛି। ସରକାରୀ ମେଡିକାଲ କଲେଜ ଗୁଡିକରେ ସମସ୍ତ ସୁବିଧା ସୁଯୋଗ ପାଇ ଏମବିବିଏସ୍ ଡିଗ୍ରି ହାସଲ ପରେ ଡାକ୍ତରଙ୍କୁ ସରକାର ନିଯୁକ୍ତି ଦେଉଥିବା ବେଳେ ସେମାନେ ପ୍ରାଇଭେଟ କ୍ଲିନିକ୍ କରି ଅର୍ଥ ଉପାର୍ଜନ କରୁଛନ୍ତି। ଏଭଳି କ୍ଷେତ୍ରରେ ଡାକ୍ତରଙ୍କୁ ପ୍ରାଇଭେଟ ପ୍ରାକ୍ଟିସ ପାଇଁ ଅନୁମତି ଦିଆ ନ ଯାଉ। ଏଥିପାଇଁ ସ୍ୱତନ୍ତ୍ର ଆଇନ, ନୀତି ଅବା ମାର୍ଗଦର୍ଶିକା ଜାରି ପ୍ରସଙ୍ଗରେ ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଶ୍ରୀ ଜେନା ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

## ଡକାୟତି ଯୋଜନା ପଣ୍ଡ: ୪ ଗିରଫ

କେନ୍ଦ୍ରାପଡ଼ା, ୦୭/୪ (ନି.ପ୍ର): ମାର୍ଶାଘାଇ ଥାନା ଅଂଚଳରେ ରାତିରେ ଡକାୟତି କରିବାକୁ ଯୋଜନା କରୁଥିବାବେଳେ ପୋଲିସ ଘଟଣା ସ୍ଥଳରେ ପହଂଚି ୪ ଜଣଙ୍କୁ ଗିରଫ କରିଥିବା ବେଳେ ୨ ଜଣ ଫେରାର ହେଇଯାଇଥିଲେ। ପୋଲିସ ସୂଚନାରୁ ପ୍ରକାଶ, ରାତିରେ ଏ.ଏସ.ଆଇ. ରାମଚନ୍ଦ୍ର ଦାସଙ୍କ ନେତୃତ୍ୱରେ ପୋଲିସ ଟିମ ଜାତୀୟ ରାଜପଥ ରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପସ୍ତା -ବାଲିସାହି ରାସ୍ତା ରେ ୫ରୁ ୬ ଜଣ ଯୁବକ ରାସ୍ତାରେ ଯାଉଥିବା ଲୋକ ତଥା ବେବସାୟ କରି ଘରକୁ ଫେରୁଥିବା ଦୋକାନୀମାନଙ୍କ ଠାରୁ ଡକାୟତି କରିବା ପାଇଁ ଯୋଜନାବେଳେ ପୋଲିସ ଘଟଣା ସ୍ଥଳରେ ପହଂଚି ଦେଖିବାକୁ ପାଇଥିଲା ଯେ, ରାସ୍ତାରେ ଏକ କଲଭର୍ଟ ନିକଟରେ ଗୋଟିଏ କାରକୁ ରାସ୍ତା ଉପରେ ରଖି ଯୁବକ ମାନେ ଗାଡି ହେଡଲାଇଟି ଜରିଆରେ ପଥଚାରୀଙ୍କ ଉପରେ ନଜର ରଖୁଥିଲେ। ପୋଲିସ ଆସିବା ଜାଣିପାରି ସେମାନେ ଅନ୍ଧାରରେ ଦୌଡିବାକୁ ଉଦ୍ୟମ କରିଥିଲେ । ପୋଲିସ ଗୋଡ଼ାଇ ଗୋଡ଼ାଇ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ କାବୁ କରିଥିବାବେଳେ ୨ଜଣ ଫେରାର ହୋଇଯାଇଥିଲେ। ଗିରଫ ୪ ଅଭିଯୁକ୍ତ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ଧନିଆ ପଡା ଗାଁର ସଞ୍ଜୟ କୁମାର ବେହେରା(୩୯), ନିହାର ରଞ୍ଜନ ସ୍ୱାଇଁ ଓରଫ ବାପି(୩୨) ଓ ନିର୍ଭୟ ସ୍ୱାଇଁ ଓରଫ କାଳିଆ(୩୪), ପାଟକୁରା ଥାନା ଅନ୍ତର୍ଗତ ରତନପୁର ଗାଁର ସତ୍ୟବ୍ରତ ବେହେରା ଓରଫ ବୁଦ୍ଧିଆ। ଫେରାର ଅଭିଯୁକ୍ତମାନେ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ଆଶ୍ରମ ବାଲିକୁଦା ଗାଁର ସୁଶାନ୍ତ ମଳିକ ଓରଫ ସୁଶା କାଳିଆ ଓ ଦୁମୁକାର ନରେଶ ସେଠି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଛୁରୀ ଓ କାର ଜବତ କରାଯାଇଛି । ଏ ନେଇ ଥାନାରେ ନଂ.୮୨/୨୪ ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରି ଅଧିକାରୀ ଏସ. ଆଇ ଅଜୟ କୁମାର ସାହୁ ପ୍ରକାଶ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତ ଗିରଫ କରାଯିବ।

# ରାଜ୍ୟରେ ଅଛନ୍ତି ୩୩୮୦ କିନ୍ନର ଭୋଟର: କେନ୍ଦୁଝରରେ ନାହାନ୍ତି କିନ୍ନର ମତଦାତା, କନ୍ଧମାଳରେ ଜଣେ

ଭୁବନେଶ୍ୱର, ୦୭/୪ (ନି.ପ୍ର): ଚଳିତ ନିର୍ବାଚନରେ ରାଜ୍ୟରେ ମାତ୍ର ୩୩୮୦ କିନ୍ନର ଦେବେ ଭୋଟ। ସେଥିରେ ପୁଣି କେନ୍ଦୁଝରରେ କୌଣସି କିନ୍ନର ମତଦାତା ନାହାନ୍ତି। ବୌଦ୍ଧ ଜିଲ୍ଲାର କନ୍ଧମାଳରେ ୧, ସମ୍ୱଲପୁର ଜିଲ୍ଲା କୁଚିଣ୍ଡା, ବରଗଡ଼ ଜିଲ୍ଲା ଭଟଲି, କେନ୍ଦୁଝର ଜିଲ୍ଲା ପଟନା ପ୍ରତ୍ୟେକରେ ୨ ଜଣ ଲେଖାଏଁ, ନବରଙ୍ଗପୁର ଝରିଗ୍ରାମ, ପୁରୀ ଜିଲ୍ଲା କାକଟପୁରରେ ମାତ୍ର ୩ ଜଣ କିନ୍ନର ଭୋଟର ଥିବା ନେଇ ନିର୍ବାଚନ କମିସନଙ୍କ ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ୨୦୧୯ରେ କିନ୍ନର ମତଦାତାଙ୍କ ସଂଖ୍ୟା ୨୯୨୩ ରହିଥିଲା। ୨୦୧୪ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟର ଗୁରୁତ୍ୱପୂର୍ଣ୍ଣ ରାୟ ଅନୁସାରେ, କିନ୍ନରମାନଙ୍କୁ ସ୍ୱତନ୍ତ୍ର ଲିଙ୍ଗର ମାନ୍ୟତା ମିଳିଛି। ୨୦୧୧ ମସିହାର ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ୨୦ ହଜାର। ବର୍ତ୍ତମାନ ଏହା ୫୦ ହଜାରକୁ ଅତିକ୍ରମ କରିବା ନେଇ ବିଭିନ୍ନ କିନ୍ନର ଗୋଷ୍ଠୀଙ୍କ ପକ୍ଷରୁ ଅନୁମାନ କରାଯାଉଛି। ଏଭଳି ସ୍ଥିତିରେ ନିର୍ବାଚନରେ ଏତେ କମ ସଂଖ୍ୟକ ମତଦାତା ରହିବା ବିସ୍ମିତ ସୃଷ୍ଟି କଲାଣି। ଆଜିବି ରାଜ୍ୟରେ କିନ୍ନରଙ୍କ ପ୍ରତି ସାମାଜିକ ଅସ୍ପୃଶ୍ୟତା ଏବଂ ଉପହାସ କେତେ ଭୟଙ୍କର ସ୍ଥିତିରେ



ରହିଛି ତାହା ଏଥରୁ ସ୍ପଷ୍ଟ ଅନୁମେୟ। ତେଣୁ ସେମାନେ ପୁରୁଷ ଏବଂ ମହିଳାଙ୍କ ପରିଚୟରେ ଲୁଚିବାକୁ ବାଧ ହେଉଛନ୍ତି। କିନ୍ନରମାନଙ୍କର କହିବା ଅନୁସାରେ, ଦେଶରେ ୧୯୯୮ ମସିହାରେ ମଧ୍ୟପ୍ରଦେଶର ସବନମ ମାଉସୀ ପ୍ରଥମ କିନ୍ନର ବିଧାୟକ ହୋଇଛନ୍ତି। ମଧ୍ୟପ୍ରଦେଶ, ରାୟପୁରରେ କିନ୍ନର ମେୟର ମଧ୍ୟ ହୋଇଛନ୍ତି। ଓଡ଼ିଶାର ସବୁ ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସରେ କିନ୍ନର ନେତ୍ରୀ ଥିବା ସତ୍ତ୍ୱେ ନିର୍ବାଚନରେ କାହାକୁ ସୁଯୋଗ ଦିଆଯାଇ ନାହିଁ। ଗତ ନିର୍ବାଚନରେ ଯାଜପୁର ଏବଂ କଟକ ବାରବାଟି ବିଧାନସଭାରେ କିନ୍ନର ପ୍ରାର୍ଥୀ ହୋଇଥିଲେ ମଧ୍ୟ ସେମାନେ ହାରି ଯାଇଥିଲେ। ମୀରା ପରିଡ଼ା କହିଛନ୍ତି, ରାଜ୍ୟରେ କିନ୍ନର ନୀତି-୨୦୧୭ର ଚିଠା ପ୍ରସ୍ତୁତ ହୋଇଛି। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ, ଆୟ ମାନଦଣ୍ଡ ଅନୁଯାୟୀ ପେନସନ ଏବଂ ଏସଏଚଜି ଜରିଆରେ ସ୍ୱାବଲମ୍ବୀ ହେବା ପାଇଁ ୧ ଲକ୍ଷ ୨୫ ହଜାର ଋଣ, ସହରାଞ୍ଚଳ ବିକାଶ ବିଭାଗ ପକ୍ଷରୁ ଜଳ ବିଶୋଧନ ପ୍ରକଳ୍ପ, ପାର୍କିଂ ଆଦି ସମେତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ରୋଜଗାରର ଯୋଜନା କରାଯାଉଛି। ସାମାଜିକ କର୍ମକର୍ତ୍ତା ମେଘନାଙ୍କ କହିବା ଅନୁସାରେ, କିନ୍ନରମାନଙ୍କ ପାଇଁ ଏହି ଯୋଜନାଗୁଡ଼ିକ ରହିଥିଲେ ମଧ୍ୟ ଏହା ଠିକ ଭାବରେ କାର୍ଯ୍ୟକାରୀ ହେଉ ନାହିଁ। ଉଦାହରଣ ସ୍ୱରୂପ, ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ତୃତୀୟ ଲିଙ୍ଗ ମାନ୍ୟତା ସତ୍ତ୍ୱେ ଆଧାର କାର୍ଡ, ପାସପୋର୍ଟରେ ସ୍ୱତନ୍ତ୍ର ପରିଚୟ ପତ୍ର ପାଇବା ସହଜ ନୁହେଁ କି ସମ୍ଭବ ନୁହେଁ। ଯେତେ ଦିନ ପର୍ଯ୍ୟନ୍ତ ସେମାନଙ୍କୁ ସାମାଜିକ ମର୍ଯ୍ୟାଦା ମିଳିବ ନାହିଁ ଏହା କୌଣସି ଉପଯୋଗରେ ଆସିବ ନାହିଁ। ଏଥିପାଇଁ ଜନସଚେତନତାର ଅଭିଯାନ ସହିତ ଶିକ୍ଷାରୁ ଚାକିରି ପର୍ଯ୍ୟନ୍ତ ସ୍ୱତନ୍ତ୍ର ଯୋଜନା ଦରକାର। ରାଜ୍ୟର କିନ୍ନର ମତଦାତାଙ୍କ ସଂଖ୍ୟା ଖୋର୍ଦ୍ଧାରେ ୫୬୦, ବଲାଙ୍ଗୀରରେ ୨୭୫, ଗଞ୍ଜାମରେ ୨୭୩, କଟକରେ ୨୬୫, ସୁନ୍ଦରଗଡ଼ରେ ୧୬୮, ଭଦ୍ରକରେ ୧୫୧, ଅନୁଗୁଳରେ ୧୩୨, ବାଲେଶ୍ୱରରେ ୧୪୪ ଜଣ ରହିଛନ୍ତି।

# ଆରଜିଏଚ୍‌ରେ ଏମିତି ହେଉଛି ଚିକିତ୍ସା: ଷ୍ଟୋରରେ ପଡ଼ିଛି ହ୍ୟାଣ୍ଡ ଲାପ୍ରୋସ୍କୋପି ମେସିନ୍

ରାଉରକେଲା, ୦୭/୪ (ନି.ପ୍ର): ପରିଚାଳନାଗତ ତ୍ରୁଟି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନି। ବାରମ୍ବାର ଏମିତି ଅଭିଯୋଗ ଆସୁଛି। ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନି। କେତେବେଳେ ଏକ୍ସ-ରେ, ଡାୟଲେସିସ୍ କାମ କରୁନି ତ ଅନ୍ୟ କେତେବେଳେ ସିଟି ସ୍କାନ୍‌ରେ ବି ସମାନ ସମସ୍ୟା ଉପୁଜୁଛି। କେବଳ ଏତିକି ନୁହେଁ ନକଲି ନର୍ସ ମାସ ମାସ ଧରି କାମ କରୁଥିଲେ ହେଁ ଧରାପଡୁନାହାନ୍ତି। ଏବେ ଆଉ ଏକ ସମସ୍ୟା ସାମ୍ନାକୁ ଆସିଛି। ଗର୍ଭବତୀ ମହିଳାଙ୍କ ଅସ୍ତୋପଚାର ପାଇଁ ଆରଜିଏଚ୍‌କୁ ହ୍ୟାଣ୍ଡ ଲାପ୍ରୋସ୍କୋପ୍ ମେସିନ୍ ଦେବାକୁ ଆରଜିଏଚ୍ କର୍ତ୍ତୃପକ୍ଷ ପାୱାରଗ୍ରୀଡ୍‌କୁ ଚିଠି ଲେଖିଥିଲେ। ପାୱାରଗ୍ରୀଡ୍ ସହମତି ପ୍ରକାଶ କରିବା ପରେ ଆରଜିଏଚ୍ ପକ୍ଷରୁ ମେସିନ୍‌ର ବିସ୍ତୃତ ତଥ୍ୟ ଦିଆଯାଇଥିଲା। ମେସିନ୍ କେଉଁଠୁ କିଣାଯିବ, ତା'ର ମଧ୍ୟ ତଥ୍ୟ ପାୱାରଗ୍ରୀଡ୍ ଅଧିକାରୀଙ୍କୁ ଦେଇଥିଲେ। ମେସିନ୍ କିଣାଯାଇ ଆରଜିଏଚ୍‌କୁ ଆସିଲା। କାର୍ଯ୍ୟକ୍ଷମ ହେଲାନି। ମାସ ମାସ ଧରି ଷ୍ଟୋରରୁମ୍‌ରେ ପଡ଼ି ରହିବା ପରେ ଗତ ମାସ ପୂର୍ବରୁ ଚାଲୁ କରାଗଲା। ଜଣେ ମାତ୍ର ଗର୍ଭବତୀ ମହିଳାଙ୍କୁ ଅସ୍ତୋପଚାର କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ମେସିନ୍‌ଟି ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇନଥିଲା। କାର୍ଯ୍ୟକ୍ଷମ ନ ହେବାରୁ କିଣାଯାଇଥିବା ସଂସ୍ଥାକୁ ଅବଗତ କରାଯାଇ କାମ ସାରି ଦିଆଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ମୂଲ୍ୟବାନ୍ ମେସିନ୍ ସେମିତି ଷ୍ଟୋରରୁମ୍‌ରେ ପଡ଼ିରହିଛି। ମେସିନ୍ ପରିଚାଳନା ଦାୟିତ୍ୱ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଟି.କେ. ଦାସଙ୍କୁ ଦିଆଯାଇଛି। କେବେ ପ୍ରାୟ ଦେଢ଼ କୋଟିର ମୂଲ୍ୟର ମେସିନ୍ କାର୍ଯ୍ୟକ୍ଷମ ହେବ ? ଗର୍ଭବତୀ ମହିଳାମାନେ ଉପଯୁକ୍ତ ଚିକିତ୍ସା ପାଇବେ ? ତା'ର ଉତ୍ତର କାହାରି ପାଖରେ ନାହିଁ। ସାଧାରଣ ଗରିବ ଗର୍ଭବତୀ ମହିଳା ପାଇଁ ଆସିଥିବା ମୂଲ୍ୟବାନ୍ ମେସିନ୍‌କୁ ଚାଲୁ କରାଯାଉ ନଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେପଟେ ମେସିନ୍ କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ମେସିନ୍ ଦେବାକୁ ଅର୍ଡର ଦିଆଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ଡାକ୍ତରଖାନାର ମ୍ୟାନେଜର ମୋହିତ ଶ୍ରୀବାସ୍ତବଙ୍କୁ ପଚାରିବାରୁ ସେ କହିଛନ୍ତି, ମେସିନ୍ ଚଳାଇବା ପାଇଁ ଆବଶ୍ୟକ ବ୍ୟବସ୍ଥା ନଥିବାରୁ ଏଭଳି ସମସ୍ୟା ଉପୁଜିଥିଲା। ଆସନ୍ତା ମଙ୍ଗଳବାର ସୁଦ୍ଧା ମେସିନ୍‌କୁ କାର୍ଯ୍ୟକ୍ଷମ କରି ଦିଆଯିବ। ମେସିନ୍ କିଣାରେ ଦୁର୍ନୀତି ହୋଇଥିବା ନେଇ ଆସୁଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ଏଥିରେ କୌଣସି ସତ୍ୟତା ନାହିଁ। ପାୱାରଗ୍ରୀଡ୍ ମେସିନ୍ କିଣି ଆରଜିଏଚ୍‌କୁ ଦେଇଛନ୍ତି। କେତେ ଟଙ୍କାର ବିଲ୍ ହୋଇଛି, ତା'ର କୌଣସି ତଥ୍ୟ ଆମ ପାଖରେ ନାହିଁ।

# ଆପଣ ଜଣେ ୱାର୍କିଂ ଲେଡି କି... ଜାଣନ୍ତୁ ପିଲାର ଯତ୍ନ ନେବାର ୭ଟି ଉପାୟ

ଆଜିକାଲିର ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଭୟ ସ୍ୱାମୀ-ସ୍ତ୍ରୀ କାମ କରିବାକୁ ବାଧ ହେଉଛନ୍ତି। ତେବେ ଅଫିସ୍, ଘର ଏବଂ ପିଲାମାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏକ ସହଜ କାମ ନୁହେଁ। କିନ୍ତୁ ଯଦି ଆପଣଙ୍କର ଯୋଜନା ଠିକଠାକ ଅଛି ତେବେ ଆପଣଙ୍କ ଜୀବନ ବହୁ ପରିମାଣରେ ସହଜ ହୋଇଯାଇପାରେ।

ଆଜିକାଲିର ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଭୟ ସ୍ୱାମୀ-ସ୍ତ୍ରୀ କାମ କରିବାକୁ ବାଧ ହେଉଛନ୍ତି। ତେବେ ଅଫିସ୍, ଘର ଏବଂ ପିଲାମାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏକ ସହଜ କାମ ନୁହେଁ। କିନ୍ତୁ ଯଦି ଆପଣଙ୍କର ଯୋଜନା ଠିକଠାକ ଅଛି ତେବେ ଆପଣଙ୍କ ଜୀବନ ବହୁ ପରିମାଣରେ ସହଜ ହୋଇଯାଇପାରେ।

ଏମିତି କିଛି ଟିପ୍ସ ଅଛି ଯାହାକୁ ଆପଣେଇବା ଦ୍ୱାରା ଜଣଙ୍କ ପକ୍ଷରେ ଅଫିସ୍, ଘର ଏବଂ ପିଲାମାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହଜ ହୋଇଯାଏ। ଏଠାରେ ଆମେ ଆପଣଙ୍କୁ ଏମିତି କିଛି ଟିପ୍ସ କହିବୁ, ଯେମିତି ଆପଣ ବ୍ୟସ୍ତ ରହିବା ସତ୍ତ୍ୱେ ନିଜ ପିଲାଙ୍କ ଯତ୍ନ ନେଇପାରିବେ।



*ରୁଟିନ୍ ଅନୁସରଣ:*
ଯଦି ଆପଣ ସମୟ ପରିଚାଳନା କରିବାକୁ ଶିଖନ୍ତି, ତେବେ ଆପଣ ପ୍ରତ୍ୟେକ କାମ ପାଇଁ ସମୟ ପାଇପାରିବେ। ଏହା କରିବାର ସର୍ବୋତ୍ତମ ଉପାୟ ହେଉଛି ନିଜ ପାଇଁ ଏବଂ ଆପଣଙ୍କ ପିଲାମାନଙ୍କ ପାଇଁ ଏକ ରୁଟିନ୍ କରିବା ଏବଂ ଏହାକୁ ଅନୁସରଣ କରିବା।

*ନିଜର ଯତ୍ନ ପାଇଁ ସମୟ:*
ଜଣେ ଯଦି ନିଜର ଯତ୍ନ ନେଇ ପାରିବେ ତେବେ ସେ ପରିବାରର ଯତ୍ନ ନେବାକୁ ସକ୍ଷମ ହେବ। ଏଥିପାଇଁ, ଏହା ଜରୁରୀ ଯେ ନିଜ ପାଇଁ ବ୍ୟାୟାମ, ଧ୍ୟାନ, ଯୋଗ ଇତ୍ୟାଦି ପାଇଁ ସମୟ ବାହାର କରିବା। ଏହା କରିବା ଦ୍ୱାରା ଆପଣ ନିଜେ ଖୁସି ଅନୁଭବ କରିବେ ଏବଂ ପିଲାମାନଙ୍କ ସହିତ ଶାନ୍ତିପୂର୍ଣ୍ଣ ଆଚରଣ କରିବାକୁ ସମର୍ଥ ହେବେ।

*ନିଜକୁ ସୁପର ମଦର୍ ଭାବନ୍ତୁ ନାହିଁ:*
ଯଦି ଆପଣଙ୍କ ଉପରେ ନିଜର ବହୁତ ଆଶା ଅଛି ତେବେ ଏହା ଆପଣଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିପାରେ। ଏହା ଭଲ ହେବ ଯେ ଆପଣ ଜଣେ ସୁପର ମଦର୍ ହେବାକୁ ଚେଷ୍ଟା କରନ୍ତୁ ନାହିଁ କିନ୍ତୁ ଆପଣ ସାମର୍ଥ୍ୟ ଅନୁଯାୟୀ ପ୍ରତ୍ୟେକ କାମକୁ ଡିଲ୍ କରନ୍ତୁ।



*ଏକ ସିଷ୍ଟମ କରିବା:*
ଏହା ଜରୁରୀ ନୁହେଁ ଯେ ଆପଣ ନିଜେ ସବୁକିଛି କରିବେ କିମ୍ବା ଏହା କରିପାରୁ ନ ଥିବାରୁ ଦୁଃଖ ଅନୁଭବ କରିବେ। ଯଦି ଆପଣ କିଛି କାମରେ ଆଉ କାହାର ସାହାଯ୍ୟ ନେବାକୁ ଶିଖନ୍ତି ତେବେ ଏହା ଭଲ ହେବ। ଯଦି ଆପଣ ବ୍ୟସ୍ତ ଅଛନ୍ତି ତେବେ ସାଙ୍ଗ ଏବଂ ପରିବାରର ସାହାଯ୍ୟ ନିଅନ୍ତୁ। ଯଦି ଆବଶ୍ୟକ ହୁଏ, ଅଫିସ୍ ମ୍ୟାନେଜରଙ୍କ ସହ କଥା ହୁଅନ୍ତୁ କିମ୍ବା ଡେ କେୟାର ବ୍ୟବସ୍ଥା କରନ୍ତୁ।

*ପରିଚାଳନା ଶିଖିବା:*
ପିଲାମାନେ ଆପଣଙ୍କ ଭବିଷ୍ୟତ କିନ୍ତୁ ଏହି ଭବିଷ୍ୟତ ଗଢିବା ପାଇଁ ଅଫିସ୍ କାମ ମଧ୍ୟ କରିବା ଆବଶ୍ୟକ। ଏପରି ପରିସ୍ଥିତିରେ, ସମସ୍ତଙ୍କ ପାଇଁ ପ୍ରାଥମିକ ଯୋଜନା କରନ୍ତୁ, ଚଳଚ୍ଚିତ୍ର ପାଇଁ ସମୟ ବାହାର କରନ୍ତୁ, ଏକାଠି ଖେଳନ୍ତୁ, ଅତିକମରେ ୨୦ ମିନିଟ୍ ପାଇଁ ଖୋଲାଖୋଲି ଭାବରେ କଥାବାର୍ତ୍ତା କରନ୍ତୁ ଏବଂ ପ୍ରତ୍ୟେକ କାମ ପାଇଁ ଏକ ଡାଏରୀ ମେଣ୍ଟେନ୍ କରନ୍ତୁ। କେଉଁ କାମ ଆଗ ହେବା ଆବଶ୍ୟକ ଏବଂ କେବେ ହେବ ତାହା ପ୍ରତି ମାସରେ ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଏହି ଉପାୟରେ ଆପଣ ପ୍ରତ୍ୟେକ କାମକୁ ଶାନ୍ତିପୂର୍ଣ୍ଣ ଭାବରେ ସମାପ୍ତ କରିବାକୁ ସମର୍ଥ ହେବେ।

*ପିଲାମାନଙ୍କୁ ଶିକ୍ଷାଦେବା:*
ପିଲାଦିନରୁ ପିଲାମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା, ଜିନିଷଗୁଡ଼ିକୁ ଠିକ୍ ସ୍ଥାନରେ ରଖିବା, ସ୍ୱଚ୍ଛତା, ଲୋକଙ୍କୁ ସାହାଯ୍ୟ କରିବା ଇତ୍ୟାଦି ଶିକ୍ଷାଦେବା ଜରୁରୀ। ସେମାନଙ୍କୁ ଏହା ମଧ୍ୟ ଶିଖାନ୍ତୁ ଯେ ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ କଥା ଅଛି ବା କୌଣସି ସମସ୍ୟା କହିବାରେ ଅଛି ଏବଂ ଆପଣ ପାଖରେ ନାହାନ୍ତି, ତେବେ ଏସବୁକୁ ନିଶ୍ଚିତ ଭାବରେ ମେସେଜ୍ ପଠାଇ କିମ୍ବା ଏକ ଚିଠି ଲେଖି ଜଣାଇବେ।

*ଦିନକୁ ହସରୁ ଆରମ୍ଭ କରନ୍ତୁ:*
ଯଦି ଆପଣ ସକାଳେ ପିଲାମାନଙ୍କ ସହିତ ହସି ହସି କଥା ହୁଅନ୍ତି, ତେବେ ସେମାନଙ୍କର ଦିନ ଭଲରେ କଟିବ ଏବଂ ଆପଣ ଦୁହେଁ ଦିନସାରା ଖୁସି ରହିବେ। ଏହି ଉପାୟରେ ଏକ ଭଲ ରୁଟିନ୍ ସହିତ ନିଜର ପିଲାମାନଙ୍କର ଉଚିତ ଯତ୍ନ ନେବାକୁ ଆପଣ ସକ୍ଷମ ହେବେ।

# ଡିଏନ୍ଏ ପେଡ଼ିରେ ସାଇତା ସ୍ମୃତି

ନ୍ୟୁୟର୍କର ଆଲବର୍ଟ ଆଇନ୍‌ଷ୍ଟାଇନ ଭେଷଜ ମହାବିଦ୍ୟାଳୟର ଦଳେ ଗବେଷକଙ୍କ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଆମ ମସ୍ତିଷ୍କରେ ଡିଏନ୍ଏଗୁଡ଼ିକ ଭାଙ୍ଗିଯିବା ଓ ସେଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟା ବଳରେ ଆମ ମନରେ କୌଣସି କଥା ଦୀର୍ଘ ଦିନ ମନେ ରହିଥାଏ। ପଲେ ମୂଷାଙ୍କ ଉପରେ ଗବେଷଣା ଚଳାଇ ସେମାନେ ଏହି ନିଷ୍କର୍ଷ ପାଇଛନ୍ତି।

ସାଧାରଣତଃ ରୋଗ ପ୍ରତିରୋଧକ ଶକ୍ତିର ବିନିଯୋଗ ତଥା ଶିକ୍ଷାଲାଭ ପ୍ରକ୍ରିୟା ସହ ମସ୍ତିଷ୍କ ଡିଏନ୍ଏର ଭଙ୍ଗୁରଶୀଳତା ଜଡ଼ିତ ବୋଲି ପୂର୍ବରୁ ଜଣାଯାଇଛି। ତେବେ ଦୀର୍ଘକାଳୀନ ସ୍ମୃତି ସହ ମଧ୍ୟ ଏହା ଜଡ଼ିତ ବୋଲି ଏବେ ସ୍ପଷ୍ଟ ହୋଇଛି।

ସେମାନଙ୍କ ନିର୍ଯାସ ଅନୁଯାୟୀ, ଦୀର୍ଘକାଳୀନ ସ୍ମୃତି ଧାରଣ କରିବା ଲାଗି ମସ୍ତିଷ୍କର କିଛି ନ୍ୟୁରନ୍ ଏକ ଶକ୍ତ ବିଦ୍ୟୁତ୍ ତରଙ୍ଗ ଅନୁଭବ କରିଥା'ନ୍ତି ଯାହା ଡିଏନ୍ଏଗୁଡ଼ିକର ଭାଙ୍ଗିବା ଓ ଯୋଡ଼ିହେବା ପ୍ରକ୍ରିୟାରୁ ଜାତ ହୋଇଥାଏ। ଏହି ତରଙ୍ଗ ଆମର ରୋଗପ୍ରତିରୋଧକ ପ୍ରଣାଳୀକୁ ଉତ୍ତେଜିତ କରି ନଷ୍ଟ ହୋଇଥିବା ଡିଏନ୍ଏର ମରାମତି କରିଥାଏ। ଏହି ପ୍ରକ୍ରିୟା ଦ୍ୱାରା ଦୀର୍ଘସ୍ଥାୟୀ ସ୍ମରଣଶକ୍ତି ଆହରଣ ହୋଇଥାଏ। ସାଧାରଣତଃ ରୋଗ ପ୍ରତିରୋଧକ ଶକ୍ତିର ବିନିଯୋଗ ପ୍ରକ୍ରିୟାରେ ଡିଏନ୍ଏଗୁଡ଼ିକର ଭଙ୍ଗୁରତା ଦେଖାଯାଇଥାଏ। ଶିକ୍ଷା ସହ ମସ୍ତିଷ୍କ ଡିଏନ୍ଏର ଭଙ୍ଗୁରଶୀଳତା ଜଡ଼ିତ ବୋଲି ପୂର୍ବରୁ ଜଣାଯାଇଛି। ତେବେ ଦୀର୍ଘକାଳୀନ ସ୍ମୃତି ସହ ମଧ୍ୟ ଏହା ଜଡ଼ିତ ବୋଲି ଏବେ ସ୍ପଷ୍ଟ ହୋଇଛି। ଖରାପ ଅନୁଭୂତିର ସାମନା କଲାବେଳେ ମଧ୍ୟ ଡିଏନ୍ଏର ଭଙ୍ଗାଗଢ଼ା ପ୍ରକ୍ରିୟା ଉତ୍ପ୍ରେରିତ ହୋଇଥାଏ। ସୁତରାଂ ଖରାପ ସ୍ମୃତିସବୁ ବେଶୀ ଦିନ ମନେ ରହେ।

ଗବେଷକମାନଙ୍କ ଏହି ନୂତନ ତତ୍ତ୍ୱ ଅଲଝାଇମର୍ସ ପରି ରୋଗ ଉପରେ ବିଶେଷ ଆଲୋକପାତ କରିବ ବୋଲି ଆଶା କରାଯାଉଛି। ଭଗ୍ନ ଡିଏନ୍ଏର ମରାମତି ପ୍ରକ୍ରିୟାରେ ନ୍ୟୁରନ୍ ଅଧିକ ପ୍ରୋଟିନ୍ ଆହରଣ କରୁଥିବାରୁ ଅଲଝାଇମର୍ସ ହେଉଥାଇପାରେ ବୋଲି ସେମାନେ ଅନୁମାନ କରୁଛନ୍ତି।



# ଖରାଦିନେ ଘରେ ତିଆରି କରନ୍ତୁ ଶାଗୁ ପଣା

ଖରାଦିନେ ପେଟ ଥଣ୍ଡା ରଖିବା ପାଇଁ ବେଲ ପଣା ଓ ଶାଗୁ ପଣା କରି ପିଇଥାନ୍ତି। ସାଧାରଣତଃ ଆମେ ବଜାରରୁ କିଣି ପାଇଥାନ୍ତି। ଜାଣିଛନ୍ତି, ଏହାକୁ ଆପଣ ଘରେ ତିଆରି କରି ପିଇପାରିବେ। ଆସନ୍ତ ଜାଣିବା ଘରେ କିପରି ତିଆରି ଶାଗୁ ପଣା।



ଆବଶ୍ୟକ ସାମଗ୍ରୀ: ଶାଗୁ, ମିଶିରି, ନଡ଼ିଆ କୋରା, ଛେନା, କଟା ଅଙ୍ଗୁର, ବେଦନା, କାଜୁ, ଆଲମଣ୍ଡ, ଚେରି, କଦଳି, ସେଓ, ଦହି, ଗୋଲମରି ଗୁଣ୍ଡ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଶାଗୁକୁ ୨ରୁ ୩ ଘଣ୍ଟା ପୂର୍ବରୁ ଭିଜାଇ ରଖି ଦିଅନ୍ତୁ। ଏହା ଭଲ ଭାବରେ ଭିଜିଗଲା ପରେ ଶାଗୁକୁ ପାଣିରୁ ଛାଣି ଅନ୍ୟ ପାତ୍ରରେ ରଖନ୍ତୁ। ପରେ ଦହିକୁ ଏକ ପାତ୍ରକୁ ଆଣି ଭଲ କରି ଗୋଳାନ୍ତୁ। ପରେ ସେଥିରେ ଅଳ୍ପ ମିଶିର ପାଣି ପକାନ୍ତୁ। ପରେ ତାକୁ କିଛି ସମୟ ଗୋଳାନ୍ତୁ। ଏହାପରେ ସେଥିରେ ଶାଗୁ, ନଡ଼ିଆ କୋରା, ଛେନା, କଟା ଅଙ୍ଗୁର, ବେଦନା, କଟା କଦଳି, କଟା ସେଓ ଓ ଗୋଲମରି ଗୁଣ୍ଡ ପକାଇ ହାଲକା ଭାବରେ ଚକଟି ଦିଅନ୍ତୁ। ପରେ ଏହାକୁ ଏକ ଗ୍ଲାସକୁ ଢ଼ାଳି ରଖନ୍ତୁ। ତା' ଉପରେ କାଜୁ, ଆଲମଣ୍ଡ ଓ ଚେରି ଦେଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଶାଗୁ ପଣା। ଏହାକୁ ଆପଣ ଉପବାସରେ ମଧ୍ୟ ଖାଇପାରିବେ।

# ଓଜନ ବୃଦ୍ଧିକୁ ନେଇ ଚିନ୍ତିତ କି ? ଗ୍ରୀଷ୍ମଋତୁରେ ମିଳୁଥିବା ଏହି ସବୁ ଫଳ ହୋଇପାରେ ଲାଭଦାୟକ

**ମେଦବହୁଳତା ଏକ ରୋଗ ହୋଇନଥିଲେ ମଧ୍ୟ ଏହାକୁ ଅନେକର ରୋଗର ବାହାକ ରୂପେ ବିବେଚନା କରାଯାଉଛି। ଏହା ସହିତ ବର୍ତ୍ତମାନର ଯୁବପିଢି ଏକ ଆକର୍ଷଣୀୟ ଫିଟନେସ୍ ପାଇଁ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି। ଯଦି ଆପଣ ମଧ୍ୟ ମେଦବହୁଳତାକୁ ନେଇ ଚିନ୍ତାରେ ଅଛନ୍ତି, ତେବେ ଗ୍ରୀଷ୍ମଋତୁ ଲାଭ ଦେଇପାରେ। କାରଣ ଗ୍ରୀଷ୍ମଋତୁରେ ମିଳୁଥିବା କେତେକ ଫଳ ରହିଛି, ଯାହା ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ। କଣ ସେହି ସବୁ ଫଳ, ଜାଣନ୍ତୁ...**

*ଓଜନ ହ୍ରାସ ପାଇଁ ସର୍ବୋତ୍ତମ ଫଳ*

ତରଭୁଜ- ଗ୍ରୀଷ୍ମଋତୁରେ ତରଭୁଜ ପ୍ରଚୁର ପରିମାଣରେ ମିଳିଥାଏ। ଏହାକୁ ଡାଏଟରେ ଅନ୍ତର୍ଭୁକ୍ତ କରନ୍ତୁ। ତରଭୁଜ ମେଦବହୁଳତା ହ୍ରାସ କରିବାରେ ବେଶ୍ ଲାଭଦାୟକ। କାରଣ ଏଥିରେ ଫାଇବର ଭରପୂର ଥାଏ। ଏହା ପେଟକୁ ପୂର୍ଣ୍ଣ ରଖିଥାଏ, ଯାହା ଫଳରେ ଭୋକ ଲାଗିନଥାଏ ଏବଂ ଏଥିରେ କ୍ୟାଲୋରୀ ମଧ୍ୟ କମ୍ ଥାଏ। ତରଭୁଜରେ ଥିବା ଜଳୀୟଅଂଶ ଶରୀରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ହାଇଡ୍ରେଟ୍ ରଖେ। ତରଭୁଜ ଖାଇବାର ଆଉ ଏକ ମୁଖ୍ୟ ଉପକାର ହେଉଛି, ଏହା ଜଙ୍କ ଫୁଡ୍ ଆଦି ଖାଦ୍ୟ ଲୋଭକୁ ଦୂର କରିଥାଏ।

ଅମୃତଭଣ୍ଡା- ଓଜନ ହ୍ରାସ କରିବାକୁ ଚାହୁଁଥିଲେ ନିଶ୍ଚିତରୂପେ ଖାଦ୍ୟରେ ଅମୃତଭଣ୍ଡାକୁ ଅନ୍ତର୍ଭୁକ୍ତ କରନ୍ତୁ। କାରଣ ଅମୃତଭଣ୍ଡାରୁ ମିଳୁଥିବା ପୋଷକ ତତ୍ତ୍ୱ ଓଜନ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ଅମୃତଭଣ୍ଡା ଖାଇବା ଦ୍ୱାରା ଶରୀରକୁ ଅଧିକ ଫାଇବର ଏବଂ କମ୍ କ୍ୟାଲୋରୀ ମିଳିଥାଏ। ପେଟ ଫୁଲିବା ସମସ୍ୟାକୁ ଦୂର କରି ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ ଅମୃତଭଣ୍ଡା।

କିୱି- କିୱି ଗ୍ରୀଷ୍ମଋତୁରେ ପ୍ରଚୁର ପରିମାଣରେ ଉପଲବ୍ଧ। ଭିଟାମିନ୍-ସିରେ ଭରପୂର କିୱି ମଧ୍ୟ ମେଦବହୁଳତା ହ୍ରାସ କରିବାରେ ସହାୟକ ହୋଇଥାଏ। କିୱିରେ ଭିଟାମିନ୍-କେ, ଫୋଲେଟ୍ ଏବଂ ଫାଇବର ଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏକ ଗବେଷଣାରୁ ଜଣାପଡିଛି ଯେ, ଯେଉଁମାନେ ନିୟମିତ ଭାବେ କିୱି ଖାଉଛନ୍ତି, ସେମାନଙ୍କର ରକ୍ତଚାପ ନିୟନ୍ତ୍ରଣରେ ରହୁଛି।

କାକୁଡି- ଗ୍ରୀଷ୍ମଋତୁରେ ମିଳୁଥିବା ଉପକାରୀ ଫଳ ମଧ୍ୟରୁ କାକୁଡି ଅନ୍ୟତମ। ଏହାକୁ ଖାଇବା ଫଳରେ ପେଟ ପୂର୍ଣ୍ଣ ରହିଥାଏ ଏବଂ ହଜମ ପ୍ରକ୍ରିୟାରେ ଉନ୍ନତି ହୋଇଥାଏ। କାକୁଡି ଖାଇଲେ ମଧ୍ୟ ଡିହାଇଡ୍ରେସନ ହୋଇନଥାଏ।



# ପାର୍ଟନର ସହ ଝଗଡା ହେବା ପରେ କେବେ ବି କରନ୍ତୁ ନାହିଁ ଏହି ୩ ଭୁଲ୍

ପାର୍ଟନର ସହ ଝଗଡା ହେବା ପରେ ତିନୋଟି ଭୁଲ ବେଳେବେଳେ ମହଙ୍ଗା ପଡିଥାଏ। ଅନେକ ସମୟରେ ବୁଝାମଣା କରିବା ଚକ୍କରରେ ଅନେକ କିଛି ଭୁଲ୍ ହୋଇଯାଏ ଏବଂ ପଛରେ ଅନୁତାପ ଛଡା ଆଉ କିଛି ନ ଥାଏ। ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା। ଅନେକ ଲୋକ ଅଛନ୍ତି ଯେଉଁମାଙ୍କର ଅଭ୍ୟାସ ନିଜ ପାର୍ଟନର ସହ ଝଗଡା ପରେ ପରେ ଶୀଘ୍ର ଆପୋଷ ବୁଝାମଣା କରିନେବା। କିନ୍ତୁ ବିଚାର ସମାନ ହୋଇଥିଲେ ମଧ୍ୟ କାମ ଭିନ୍ନ ହୋଇଥାଏ ଏବଂ ବିବାଦ ବଢିଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣଙ୍କ ପାର୍ଟନରଙ୍କ ସହ ଝଗଡା ହେବା ପରେ ଆପଣ ଏହାର ସମାଧାନକୁ ନେଇ ଚିନ୍ତା କରନ୍ତି। କିନ୍ତୁ ଏହା କରିବା ସମୟରେ ହୋଇଯାଉଥିବା ତିନୋଟି ଭୁଲ ବେଳେବେଳେ ମହଙ୍ଗା ପଡିଥାଏ। ଅନେକ ସମୟରେ ବୁଝାମଣା କରିବା ଚକ୍କରରେ ଅନେକ କିଛି ଭୁଲ୍ ହୋଇଯାଏ ଏବଂ ପଛରେ ଅନୁତାପ ଛଡା ଆଉ କିଛି ନ ଥାଏ। ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା। ସମ୍ପର୍କରେ ଝଗଡା ହେବା ଏକ ସ୍ୱାଭାବିକ କଥା। ପ୍ରତିଦିନ ଏମିତି ହେବା ମଧ୍ୟ ଜରୁରୀ କାରଣ ଏହା ହିଁ ସମ୍ପର୍କକୁ ଦୃଢ ଏବଂ ମଧୁର କରିଥାଏ। କାରଣ ଯେପର୍ଯ୍ୟନ୍ତ କଥାବାର୍ତ୍ତା ବନ୍ଦ ନ ହୋଇଛି ଏବଂ ପରସ୍ପରର ଚେହେରା ଦେଖିବାକୁ ପସନ୍ଦ ନ କରିଛେ, ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ। ତେବେ ଝଗଡା ପରେ, କିଛି କଥା ଜାଣିଶୁଣି କିମ୍ବା ଅଜାଣତରେ ବିବାଦ ବଢାଇବା ଆରମ୍ଭ କରେ। ତେବେ ଆସନ୍ତୁ ସେସବୁ ବିଷୟରେ ଜାଣିବା।

*ଝଗଡାର କାରଣକୁ ନେଇ ଚିନ୍ତା କରିବା:*
ଅନେକ ସମୟରେ ପାର୍ଟନରଙ୍କ ମଧ୍ୟରେ ହେଉଥିବା ଝଗଡା ମନକୁ ମନ ଶାନ୍ତ ପଡିଯାଏ। କିନ୍ତୁ କେହି ଯଦି ସବୁବେଳେ ଭାବେ ଯେ ସେମାନଙ୍କ ମଧ୍ୟ ଝଗଡା କାହିଁକି ହେଲା, ତେବେ ଏଥିରେ ଝଗଡା କମିବ ନାହିଁ। ତେଣୁ ଯଦି ଆପଣ ଝଗଡାକୁ ଅନ୍ତ କରିବାକୁ ଚାହାଁନ୍ତି, ତେବେ ଝଗଡା କେଉଁଠାରୁ ଆରମ୍ଭ ହେଲା ସେ ବିଷୟରେ ଆଲୋଚନା କରନ୍ତୁ ନାହିଁ, କାରଣ ଏହା କରିବା ଦ୍ୱାରା ଝଗଡା ପୁଣି ଥରେ ହୋଇପାରେ। କାରଣ ଏହା ପାର୍ଟନରକୁ ଆହୁରି କ୍ରୋଧିତ କରିଥାଏ।

*ଦେଖାଣିଆ ବୁଝାମଣା:*
ଯଦି ଆପଣ ଝଗଡା ସମାଧାନ କରିବାକୁ ଏବଂ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହାନ୍ତି ତେବେ ଏହାକୁ କେବଳ ଦେଖାଣିଆ ପାଇଁ ନୁହେଁ ବରଂ ଏହାକୁ ହୃଦୟରୁ କରନ୍ତୁ। କାରଣ ଅନେକ ସମୟରେ ଛଳନା ଧରାପଡିଯାଏ ଏବଂ ତା'ପରେ ଆଉ ଏକ ନୂଆ ବିତର୍କ ଆରମ୍ଭ ହୁଏ। ଯଦି ଭୁଲଟି ନିଜର ତେବେ ଏହାକୁ ସହଜରେ ଗ୍ରହଣ କରନ୍ତୁ ଏବଂ ସରୀ ମାଗନ୍ତୁ ଏବଂ ଯଦିବି ଭୁଲ ପ୍ରତିପକ୍ଷର ଥାଏ ତେବେ ପରିସ୍ଥିତିକୁ ବୁଝି ସମାଧାନ କରିବାର ବାଟ କାଢନ୍ତୁ। ଅଧିକାଂଶ ଯୋଡି ସମାଧାନକୁ କେବଳ ଦେଖାଣିଆ କରନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ଆପଣଙ୍କ ସମ୍ପର୍କ ପାଇଁ ଠିକ୍ ନୁହେଁ। ଯଦି ଆପଣଙ୍କ ସାଥୀଙ୍କ ସହ ଆପଣଙ୍କର କୌଣସି ଅସୁବିଧା ଅଛି ତେବେ ଏହାକୁ ଆଲୋଚନା କରନ୍ତୁ ଏବଂ ସମାଧାନର ରାସ୍ତା ଖୋଜନ୍ତୁ।



*ତତ୍କ୍ଷଣାତ ପଦକ୍ଷେପ ନେବା:*
ଝଗଡାର ସମାଧାନ ପାଇଁ ତତ୍କ୍ଷଣାତ ପଦକ୍ଷେପର କୌଣସି ଅର୍ଥ ନାହିଁ। ଯଦି କୌଣସି ଏକ ଗମ୍ଭୀର ପ୍ରସଙ୍ଗକୁ ନେଇ ଯୁକ୍ତି ଅଛି, ତେବେ ଆପଣଙ୍କ ସାଥୀଙ୍କୁ ଶାନ୍ତ ହେବାକୁ ସୁଯୋଗ ଦିଅନ୍ତୁ। ଆଲୋଚନା ମାଧ୍ୟମରେ ସମାଧାନର ବାଟ ଖୋଜିବା ହେଉଛି ସଠିକ୍ ଉପାୟ, କିନ୍ତୁ ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରନ୍ତୁ। କ୍ରୋଧରେ, ଠିକ୍ କଥା ମଧ୍ୟ ଭୁଲ୍ ମନେହୁଏ ଏବଂ ସଠିକ୍ ନିଷ୍ପତ୍ତି ନେବା କଷ୍ଟକର ହୋଇଯାଏ। ଝଗଡା ପରେ, ଚିଡେଇବା ଏବଂ ଗାଳିଦେବାର ଅଭ୍ୟାସ ଛାଡି ପରସ୍ପରକୁ କିଛି ସମୟ ପାଇଁ ଏକଲା ଛାଡିଦିଅନ୍ତୁ। କିନ୍ତୁ ଏହାପରେ, ଘଟଣା କିପରି ଶାନ୍ତ କରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କଂଗ୍ରେସ: ନରମ ରାଜନୀତି, ଗରମ ପରିବେଶ

ପାଖେଇ ଆସୁଛି ଲୋକସଭା ନିର୍ବାଚନ । ଏଥିପାଇଁ କେତେକ ରାଜ୍ୟରେ ପ୍ରାର୍ଥୀପତ୍ର ଦାଖଲ ମଧ୍ୟ ଆରମ୍ଭ ହୋଇ ଗଲାଣି । କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ କଡ଼ା ଟକ୍କର ଦେବାକୁ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ବି ପୁରା ପ୍ରସ୍ତୁତିରେ ଲାଗି ପଡ଼ିଛି । ଇତି ମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେରଳର ୱେ ୟନାଡ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରି ସାରିଛନ୍ତି । ତେବେ ପ୍ରାର୍ଥୀପତ୍ର ଦାଖଲ କରିବା ପାଇଁ ସେ ୱେ ୟନାଡର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ସମୟରେ ଯେଉଁ ଭ୍ୟାଲି ହୋଇଥିଲା, ସେଥିରେ ତାଙ୍କ ସମର୍ଥକମାନଙ୍କ ହାତରେ ଦଳୀୟ ପତାକା ନଥିବା ଦେଖିବାକୁ ମିଳିଥିଲା । ଭ୍ୟାଲିରେ ଏତେ ହୋ ହାଲ୍ଲା ମଧ୍ୟ ହୋଇ ନଥିଲା । ଗତ ଏକ ଦଶନ୍ଧି ହେବ କଂଗ୍ରେସ ଏଇ ନରମ ରାଜନୀତିକ ପନ୍ଥାକୁ ଆପଣାଇ ଆସିଛି । ଏହାର କାରଣ, ସେ ସମୟରେ ୱେୟମଡରେ ଗ୍ୟାଲିରେ ଯାଉଥିବା କଂଗ୍ରେସର ସମର୍ଥକମାନେ ଧରିଥିବା ତ୍ରିରଙ୍ଗା ପତାକାଗୁଡ଼ିକ ତୁଳନାରେ ଆଇୟୁଏସ୍‌ଏଲ୍‌ର ସବୁଜ ରଙ୍ଗର ପତାକାଗୁଡ଼ିକର ସଂଖ୍ୟା ଢେର୍ ଅଧିକ ଥିଲା, ଯାହାକୁ ଲକ୍ଷ୍ୟ କରି ଶ୍ରୀଯୁକ୍ତ ଶାହ ଏମିତି କହିଥିଲେ। ପୁଣି ଏହା ସାଙ୍ଗରେ ମିଶି ଯାଇଥଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆକ୍ଷେପ– ବିରୋଧୀ ନେତାମାନେ ସେହିସବୁ ସ୍ଥାନକୁ ପଳାୟନ କରିଛନ୍ତି, ଯେଉଁଠାରେ ସବୁ ସଂଖ୍ୟାଗରିଷ୍ଠମାନେ ସଂଖ୍ୟାଲଘୁ ହୋଇ ଯାଇଛନ୍ତି । ଏହା ଦର୍ଶାଇ ଥିଲା ଯେ ସ୍ୱାଭାବିକ ଗଣତାନ୍ତ୍ରିକ ଏବଂ ରାଜନୀତିକ କାର୍ଯ୍ୟକଳାପଗୁଡ଼ିକର ସାମ୍ପ୍ରଦାୟିକୀକରଣ କଥା ଯେତେବେଳେ ଉଠେ, ବିଜେପି ସେତେବେଳେ ତାହା କରିବା ନିମନ୍ତେ ଯେ କୌଣସି ସ୍ତରକୁ ଯାଇପାରେ। ଏକ କପଟତାପୂର୍ଣ୍ଣ ରାଜନୀତିକ ବିରୋଧୀଙ୍କ ସାମ୍ନା କରିବା ପାଇଁ କଂଗ୍ରେସ ହାତରେ କେବଳ ଦୁଇଗୋଟି ବିକଳ୍ପ ରହିଛି: ଗୋଟିଏ ହେଉଛି ସ୍ପଷ୍ଟବାଦିତା ଏବଂ ଏକଥା ଘୋଷଣା କରି ଯେ ଆଇୟୁଏସ୍‌ଏଲ୍ ଏକ ସାମ୍ପ୍ରଦାୟିକ ରାଜନୀତିକ ଦଳ ନୁହେଁ ଏବଂ ତା' ପରିବର୍ତ୍ତେ ଏହା ଧର୍ମନିରପେକ୍ଷତାକୁ ପ୍ରୋତ୍ସାହନ ଦେଉଛି ବୋଲି ଦର୍ଶାଇ ଏହାର ମିତ୍ର ଦଳ ପାଖେ ପାଖେ ଠିଆ ହେବା, ନଚେତ୍ ରାଜନୀତିକ ବ୍ଲାକ୍‌ମେଲିଂ ନିକଟରେ ଆତ୍ମସମର୍ପଣ କରି ନିଜର ସ୍ୱଭାବ ସହିତ ବୁଝାମଣା କରିବା । କଂଗ୍ରେସ ଦ୍ୱିତୀୟଟିକୁ ପସନ୍ଦ କରିଛି । ଶ୍ରୀଯୁକ୍ତ ଗାନ୍ଧୀ, ଯିଏକି ୨୦୧୯ରେ ୟନାଡରୁ ବିଜୟ ଲାଭ କରିଥିଲେ, ସେ ଏମିତି ଏକ ଦଳର ନେତୃତ୍ୱ ନେଉଥିଲେ ଯାହା ଦୃଢ଼ ଭାବରେ ଗେରୁଆ ଦଳର ସମଷ୍ଟି ସାମ୍ନାରେ ଠିଆ ହୋଇଥିଲା । ଶ୍ରୀଯୁକ୍ତ ଗାନ୍ଧୀ ଏମିତି ଏକ ନିର୍ବାଚନ ମଣ୍ଡଳୀ ବାଛିଥିଲେ, ଯେଉଁଠି ବିଜେପି ଏକକ ସଂଖ୍ୟାରେ ଭୋଟ୍ ପାଇଥିଲା, ଯାହା ଥିଲା ଖୋଦ୍ ଏକ ବିରୋଧାଭାସ । ପାଞ୍ଚ ବର୍ଷ ପରେ ଘଟଣା ସବୁ ଅତି ଖରାପ ଦିଗରେ ଗତି କରିଛି ଯେହେତୁ ଶ୍ରୀଯୁକ୍ତ ଗାନ୍ଧୀ ବସ୍ତୁତଃ ଏକ ବିଶାଳ ସମଷ୍ଟିର ନେତୃତ୍ୱ ନେଉଛନ୍ତି, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ସିପିଆଇ, ଯାହାକି ଏହି ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ଆହ୍ୱାନକାରୀ। ୨୦୧୯ ଲୋକସଭା ନିର୍ବାଚନ ସମୟରେ ତତ୍କାଳୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ତାଚ୍ଛଲ୍ୟ କରିବା ଭଳି ମନ୍ତବ୍ୟ ଦେଇଥିଲେ ଯେ ଶ୍ରୀଯୁକ୍ତ ଗାନ୍ଧୀଙ୍କ ନିର୍ବାଚନ ମ୍ୟାଲି ଭାରତରେ ହେଉଛି କି ପାକିସ୍ତାନରେ, ତାହା ନିରୂପଣ କରିବା ଏକ କଷ୍ଟସାଧ୍ୟ ବ୍ୟାପାର। କଂଗ୍ରେସର ସମୀପ ଦୃଷ୍ଟିର ଅଭାବ ଏଭଳି ଯେ ଏହା ନିଜର ସର୍ବୋତ୍କୃଷ୍ଟ ମୁହଁକୁ ନିଜ ମେଣ୍ଟର ଜାତୀୟସ୍ତରୀୟ ନେତାଙ୍କ ବିରୁଦ୍ଧରେ ଠିଆ କରିଛି, ରାଜନୀତିକ ବିରୋଧୀଙ୍କ ବିରୋଧରେ ନୁହେଁ । କଂଗ୍ରେସ ଏବେ ସୁଦ୍ଧା ଅନୁଭବ କରିପାରି ନାହିଁ ଯେ ଦୁଇ ନାଆରେ ଗୋଡ଼ ଦେବାର ଅର୍ଥ ବୁଡ଼ି ମରିବା ଏବଂ ରାଜନୀତିକ ଦଳମାନେ କୌଣସି ଅନିଶ୍ଚିତ କଥା ଉପରେ ନିଜର ନୀତିଗତ ବିବୃତି ପ୍ରଦାନ ନ କରି ହିଁ ଲାଭ ଉଠାଇ ପାରିଥାନ୍ତି । ଯେବେଠାରୁ କଂଗ୍ରେସ ଏହାର ଧର୍ମନିରପେକ୍ଷ ନୀତିକୁ ଜଳାଞ୍ଜଳି ଦେଇ ଶାହା ବାନୋ ମାମଲାରେ ମୁସଲମାନ ମୌଳବାଦୀମାନଙ୍କ ନିକଟରେ ନତମସ୍ତକ ହୋଇଛି ଏବଂ ତା' ପରେ ବାବ୍ରି ମସଜିଦ୍ ପ୍ରସଙ୍ଗରେ ଗୋଳମାଳିଆ କଥା କହି ନିଜର ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିକୁ ଦର୍ଶାଇଛି ଯାହା ଏହି ମସଜିଦ୍‌କୁ ଧ୍ୱଂସ ମୁଖକୁ ନେଇ ଯାଇଥିଲା, ଏହା ତା' ପରଠାରୁ ପାଇଛି କେବଳ ସମର୍ଥକମାନଙ୍କର ଏହାଠାରୁ ମୁହଁ ଫେରାଇ ନେବା। ଠିକ୍ ସେମିତି ବର୍ତ୍ତମାନ ଏଇଭଳି ଏକ ରାଜନୀତିକ ଚୋରାବାଲି ଉପରେ ଦଳ ଠିଆ ହୋଇଛି ଯେଉଁଠି ଗୋଟିଏ ପକ୍ଷରେ ଏହାର ମିତ୍ର ଦଳ ନିଜର ପତାକାକୁ ପ୍ରଦର୍ଶନ ନ କରୁ ବୋଲି ଚାହୁଁଥିବା ବେଳେ ଅପର ପକ୍ଷରେ ଏସ୍‌ଡିପିଆଇ ଦ୍ୱାରା ସମର୍ଥନକୁ ଗ୍ରହଣ କରିବ କି ନାହିଁ, ତାକୁ ନେଇ ଦ୍ୱନ୍ଦରେ ପଡ଼ିଛି । ସୂଚନାଯୋଗ୍ୟ ଯେ ଏସ୍‌ଡିପିଆଇ ହେଉଛି ନିଷେଧାଦେଶ ଜାରି କରାଯାଇଥିବା ଇସଲାମୀୟ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆର ରାଜନୀତିକ ବାହୁ । ସମୟ ଉପଗତ ହୋଇଛି, ଦେଶର ସର୍ବପୁରାତନ ରାଜନୀତିକ ଦଳ ନିଜର ସେହିସବୁ ମୂଲ୍ୟବୋଧର ପୁନରାବିଷ୍କାର କରିବା ଉଚିତ, ଯାହା ଦଳକୁ ଦୀର୍ଘ ସମୟ ଧରି ତିଷ୍ଠି ରହିବାରେ ସହାୟକ ହୋଇ ଆସିଛି। ମୂଳକୁ ନ ପାସୋରିବା ହିଁ ସଫଳତାର ମୂଳମନ୍ତ୍ର।




### ବୁନ୍ଦାଏ ଜଳର ଚମକ୍

**କୁନା ସେଠୀ**



ନିଦାଘର କରାଳ କାୟା
ଘୋଟିଯାଇଛି ସତେଜ ପୃଥିବୀକୁ
ସବିତାର କ୍ରୋଧରେ
ଜର୍ଜରିତ ଏ ସାରା ଜଗତ
ଶୁଷ୍କ ତୃଣମାନ
ତୈଳହୀନ ମସ୍ତକ ପରାଏ
ଚାହିଁରହିଛନ୍ତି ଉଦ୍ଧାରକାରୀଙ୍କୁ
ବିନ୍ଦୁଏ ପାଣି ର ଚମକ
ଆଜି ଲୋଡ଼େ ଏ ଜୀବଜଗତ
ରସ ରସ ପାଣି ବହିଯାଇଛି
ହେଲେ ଆଜି ବିନ୍ଦୁଏର
ଆବଶ୍ୟକତା ଏତେ ଅଧିକ ଯେ
ରସକ ଠାରୁ ବି ବଳିଯାଇଛି ।
ବିନ୍ଦୁଏ ପାଇଲେ
ଶରୀରରେ ଜୀବନ ସଂଚାର ହେବ
ନିଦାଘର କ୍ରୁର ରୂପ ଠାରୁ
ରକ୍ଷାପାଇବାର ଏକମାତ୍ର ଉପାୟ
ବୁନ୍ଦାଏ ଜଳର ଚମକ ।


ଭୁତସରସିଙ୍ଗି,
ପୁରୁଷୋତ୍ତମପୁର,ଗଞ୍ଜାମ


## ମୁଁ ଗଙ୍ଗାଧରଙ୍କ ଆତ୍ମଜ କହୁଛି



**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସେ ମୋର ପ୍ରପିତାମହ । ଅର୍ଥାତ୍ ତାଙ୍କ ସୁପୁତ୍ର ଭଗବାନ ମେହେରଙ୍କ କନିଷ୍ଠ ପୁତ୍ର କିଶୋର ଚନ୍ଦ୍ର ମେହେରଙ୍କ ଏକମାତ୍ର ସନ୍ତାନ ମୁଁ । ଚତୁର୍ଥ ପର୍ଯ୍ୟାୟରେ ଉତ୍ତରାଧିକାରୀଙ୍କ ଶରୀରରେ କଣ ପ୍ରପିତାମହଙ୍କ ରକ୍ତଧାରା ଶିରା ପ୍ରଶିରାରେ ପ୍ରବାହିତ ହୋଇପାରେ ? ସେ କଥା ହୁଏତ କହିପାରିବେ ବୈଜ୍ଞାନିକମାନେ । କିନ୍ତୁ ମୁଁ କହିପାରିବି କେବଳ ନିଜର ଉପଲବ୍ଧି ସଂପର୍କରେ । ବାଲ୍ୟକାଳରୁ ସ୍ୱଭାବ କବି ଗଙ୍ଗାଧରଙ୍କ ଆତ୍ମାର ଅବିଚ୍ଛେଦ୍ୟ ଅଂଶ ବୋଲି ଅନୁଭବ କରି ଆସିଛି ନିଜ ଅନ୍ତର୍ଚେତନାରେ ହୁଏତ ଅଜାଣତ ଭାବରେ । ଯେଉଁମାନେ ବାଲ୍ୟକାଳରୁ ଦେଖି ଆସିଛନ୍ତି ମୋତେ ସେମାନେ କାହିଁକି କେଜାଣି ମୋ ଭିତରେ ଖୋଜିଛନ୍ତି ତାଙ୍କୁ, ଯେଉଁ କବିଙ୍କୁ ସେମାନେ ଭଲ ପାଆନ୍ତି ହୃଦୟ ଦେଇ । ଷାଠିଏ ବର୍ଷ ଅତିକ୍ରମ କରି ଯିବା ପରେ ମଧ୍ୟ ମୋର ସାମାନ୍ୟ ସଂସ୍ପର୍ଶରେ ଆସିଥିବା ଭଦ୍ରବ୍ୟକ୍ତିମାନେ କହନ୍ତି- 'ଆମେ ଗଙ୍ଗାଧରଙ୍କୁ ସ୍ୱଚକ୍ଷୁରେ ଦେଖିନାହୁଁ । ଆପଣଙ୍କୁ ଦେଖିବା ପରେ ହୃଦୟରେ କବିଙ୍କୁ ଦର୍ଶନ କରିବାର ଦୁର୍ଲଭ ଆନନ୍ଦ ଅନୁଭବ କରିପାରୁଛୁଁ । ସେମାନେ ନତମସ୍ତକ ହୋଇ କେତେବେଳେ ଅବା ପାଦସ୍ପର୍ଶ ପୂର୍ବକ ଆଶୀର୍ବାଦ ଗ୍ରହଣ ପ୍ରଦାନ କରିବାକୁ ନିବେଦନ କରିଥାନ୍ତି । ସତକୁ ସତ ଆଜି କବିଙ୍କ ପବିତ୍ର ଜୟନ୍ତି ପାଳନ କରିବା ସମୟରେ କହିରଖୁଛି ଯେ କବିଙ୍କ ପ୍ରତି ଅନୁରକ୍ତ ଭଦ୍ରବ୍ୟକ୍ତିମାନଙ୍କ ଏହି ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ବ୍ୟବହାରରେ ମୁଁ ସଂପୂର୍ଣ୍ଣ ସଂକୁଚିତ ହୋଇ ପଡ଼ିଛି ସର୍ବଦା । ଆଶ୍ଚର୍ଯ୍ୟର କଥା ଯେ ସେମାନେ ମୋ ଭିତରେ ଗଙ୍ଗାଧରଙ୍କୁ ଅନୁଭବ କରୁଥିବାବେଳେ ମୁଁ ଦେଖିଛି, ସେମାନଙ୍କ ବକ୍ଷସ୍ଥଳରେ ବିରାଜିତ ରହିଥିବା ମୋର ପରମପୂଜ୍ୟ ପ୍ରପିତାମହଙ୍କୁ । ସେମାନଙ୍କ ପାଦଧୂଳିରେ ମୋ ମସ୍ତକ ଧୂସରିତ ହୋଇଯାଉ ବୋଲି କହିଛି ନିଭୃତ ପ୍ରାର୍ଥନା । ସତସତ ସହସ୍ର ସହସ୍ର ଜନତାଙ୍କ ଜନତାଙ୍କ ଭାବାବେଗ ଭିତରେ ଗଙ୍ଗାଧର-ଦର୍ଶନର ଦୁର୍ଲଭ ସୁଯୋଗ ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରିଛି, ପ୍ରତିଟି ଅମୃତମୟ ଲଗ୍ନରେ ।

ଯେପରି ଭାବରେ ଅସଂଖ୍ୟ ଗଙ୍ଗାଧର ଅନୁରାଗୀଙ୍କ ଶ୍ରଦ୍ଧା ସ୍ପର୍ଶରେ ସ୍ପନ୍ଦିତ ହୋଇଛି, ଅପର ପକ୍ଷରେ ସେହିପରି ଅନେକଙ୍କଠାରୁ ନିଷ୍ଠୁର ବ୍ୟବହାର ଲାଭକରି ହୋଇଯାଇଛି ଆତଙ୍କିତ । ଗଙ୍ଗାଧରଙ୍କ ପ୍ରପୌତ୍ର ବୋଲି ଜାଣିବା ସତ୍ତ୍ୱେ ବହୁ ବିଶିଷ୍ଟ ଓ ଅଶିଷ୍ଟ ବ୍ୟକ୍ତି ଯେପରି ମାନସିକ ସ୍ତରରେ ଏ ପର୍ଯ୍ୟନ୍ତ ଦେଇ ଆସୁଛନ୍ତି ଅନେକ ଦାରୁଣ ଆଘାତ ତାହାକୁ ବା ଅସ୍ୱୀକାର କରିପାରିବି କେମିତି ? ମହାତ୍ମାଗାନ୍ଧୀ କହିଛନ୍ତି- ଯେଉଁମାନେ ଆମକୁ ଭଲପାଆନ୍ତି ସେମାନଙ୍କ ପ୍ରତି ଶ୍ରଦ୍ଧାଶୀଳ ହେବା ସ୍ୱାଭାବିକ । କିନ୍ତୁ ଯେଉଁମାନେ ଆମପ୍ରତି ପ୍ରଦର୍ଶନ କରନ୍ତି ବିରୂପ ଆଚରଣ ସେମାନଙ୍କ ପ୍ରତି ହୃଦୟରେ ପ୍ରେମଭାବ ଅତୁଟ କରି ରଖିବା ହେଉଛି ପ୍ରକୃତ ଅହିଂସା। ଗାନ୍ଧିଜୀଙ୍କ ଏହି ଉପଲବ୍ଧି ତ ଗଙ୍ଗାଧରଙ୍କ ଜୀବନାଦର୍ଶ ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା । ସେଇଥିପାଇଁ ମୁଁ ଭାବି ଆସିଛି ଯେ ମହାତ୍ମାଗାନ୍ଧିଙ୍କ ବଂଶଧର ମୁଁ କଣ ହୋଇନପାରେ ? ନିଜ ପ୍ରତି କର୍କଶ ବ୍ୟବହାର ପ୍ରଦର୍ଶନ କରୁଥିବା ସମସ୍ତଙ୍କୁ ମଧୁର ବାକ୍ୟରେ ମମତାବଦ୍ଧ କରିବାକୁ ବ୍ୟାକୁଳ ହୋଇଛି ଅନ୍ତରାତ୍ମା ମୋର। କେତେବେଳେ ଏ ଦିଗରେ ହୋଇଛି କିଞ୍ଚିତ ମାତ୍ରାରେ ସଫଳ ଓ ବହୁ କ୍ଷେତ୍ରରେ ହୋଇଯାଇଛି ପରାଜିତ ନିଜର ଅହଙ୍କାର ହେତୁ। 'ଭକ୍ତ' କବିତାର ଶେଷ ପଦଟି ଅନୁରଞ୍ଜିତ ହୋଇଛି ଅନ୍ତରରେ। 'ମୁଁ କାର ମାତର/ ମୋର ନୁହେଁ ବୋଲି/ କହିବାକୁ ନାହିଁ ବାଟ/ ଦୃରୁଶୀ ଚରଣେ, ଅର୍ପଣ କରୁଛି/ ଘେନତା ବିଶ୍ୱ ସମ୍ରାଟ । ପ୍ରାର୍ଥନା ଗଙ୍ଗାଧରଙ୍କ ଅନ୍ତଃସ୍ଥଳରୁ ନିର୍ଗତ ହୋଇଛି ବୋଲି ସେ ସମଗ୍ର ଜୀବନବ୍ୟାପୀ ରହି ପାରିଥିଲେ ନିଷ୍କପଟ, ନିରାଡ଼ମ୍ବର ଓ ଉଦାର। ସେହି ଆନ୍ତରିକତାର ସଂପୂର୍ଣ୍ଣ ଉପଯୁକ୍ତ ହୋଇ ନ ପାରିଥିବା କାରଣରୁ ତାଙ୍କ ପରି ଅକପଟ ଜୀବନର ଅଧିକାରୀ ହୋଇପାରିବା ମୋ ନିକଟରେ ସର୍ବଦା ସମ୍ଭବ ହୋଇପାରି ନାହିଁ ।

ଜଣେ କବିଙ୍କ ପରିବାରରେ ଜନ୍ମ ନେଇଥିଲେ ସୁଦ୍ଧା ଏ ପୃଥିବୀର ଯେଉଁ ମହାନ ସାହିତ୍ୟଶିଳ୍ପୀ ଓ ମହାପୁରୁଷମାନଙ୍କ ଜୀବନଗାଥା ଅଧ୍ୟୟନ କରି ମୋ ଉଭୟ ଚକ୍ଷୁ କୃତଜ୍ଞତାର କୋମଳତାରେ ହୋଇଛି ଅଶ୍ରୁ ବିଗଳିତ । ସେତିକି ବେଳେ ଲାଗିଛି ଯେ ମୁଁ ସେମାନଙ୍କ ପାରିବାରିକ ମରିସରର ଅନ୍ତର୍ଗତ ହୋଇଥିବି ନିଶ୍ଚିତ । କୈଶୋର କାଳର ଗଙ୍ଗାଧରଙ୍କ ବ୍ୟବହୃତ ସାମଗ୍ରୀ ଓ ତାଙ୍କର ପାଣ୍ଡୁଲିପି ତଥା ତାଙ୍କ ନିକଟକୁ ଆସିଥିବା ଶହ ଶହ ପତ୍ରାବଳୀର ସଂଲକ୍ଷଣ ଦାୟିତ୍ୱ ମୋ ଉପରେ ସ୍ୱତଃ ନ୍ୟସ୍ତ ହୋଇଥିଲା । ସେ ସବୁକୁ ସ୍ପର୍ଶ କରିବା ବେଳେ ଓ ତାହାର ଉପଯୁକ୍ତ ଯତ୍ନ ନେବା ସମୟରେ ମନେ ହୋଇଛି ସତେ ଯେପରିକି ଗଙ୍ଗାଧର ସଶରୀରରେ ବିଦ୍ୟମାନ ରହିଥାନ୍ତି ଆମ ପାଖରେ ଓ ତାଙ୍କରି ସ୍ନେହାତ୍ମକ ନିର୍ଦ୍ଦେଶରେ ସମସ୍ତ ଦୁର୍ଲଭ କାଗଜପତ୍ର, ପୁସ୍ତକ ଓ ପତ୍ରପତ୍ରିକା ସଜାଡ଼ି ଦେଉଛି ଅତ୍ୟନ୍ତ ଗୌରାବାବହ ଆନନ୍ଦରେ।

ଯେଉଁ ମାଟି ଘରଟି ଆଦି ଗଙ୍ଗାଧରଙ୍କ ଜନ୍ମଗୃହ ଭାବରେ 'କବିଭବନ' ନାମରେ ଲାଭ କରିଛି ପ୍ରସିଦ୍ଧି । ସେଇଠି ମୁଁ ଭୂମିଷ୍ଠ ହୋଇଥିଲି ୧୯୬୩ ମିହା ଜୁଲାଇ ୨୬ ତାରିଖ ଶ୍ରାବଣ ଶୁକ୍ଳ ଷଷ୍ଠୀ ତିଥିରେ । ବାପା- ମାଁ ଓ ମୁଁ ଯେଉଁ ପ୍ରକୋଷ୍ଠରେ ରହୁଥିଲୁ ତାହା ଥିଲା ଦିନେ କବିଙ୍କ ସାହିତ ସାଧନାକକ୍ଷ । ଯଦି ସାମାନ୍ୟ କିଛି ସାହିତ୍ୟିକ ପ୍ରତିଭାର ରେଣୁକଣା ମୋ ମଧ୍ୟକୁ ସଂଚରି ଆସିଥାଏ ତେବେ ଯାହା ଉତ୍ତରାଧିକାରୀ ଭାବରେ କବିଙ୍କ ରକ୍ତଧାରାକୁ ବହନ କରିଥିବା କାରଣରୁ ଯେତିକି, ତାଙ୍କ ସାଧନା ପ୍ରକୋଷ୍ଠରେ ନିଷ୍ପାପ ବାଲ୍ୟକାଳ ବିତାଇଥିବା ହେତୁରୁ ତା' ଠାରୁ ଅଧିକ ବୋଲି କାହିଁକି କେଜାଣି ମୋର ମନେହୁଏ । ସତେ ଯେମିତି ଆଜିବି ଗଙ୍ଗାଧର ରହିଛନ୍ତି ସାଧନା-ନିଗମ୍ନ ହୋଇ ସେହି କୋଠରୀଟିରେ । ଏବେବି ସେହି ମାଟି ନିର୍ମିତ ସୁଶୀତଳ କକ୍ଷମଧ୍ୟରୁ ପ୍ରବେଶ କରିବା ମାତ୍ରକେ କବିଙ୍କ ସୂକ୍ଷ୍ମ ଉପସ୍ଥିତିରେ ବାସ୍ତବତା ଅନ୍ତର୍ଚକ୍ଷୁରେ ଦେଖିବା ପାଇଁ ମୋଆଖି ଆଗରେ କୌଣସି ପରଦା ବାଧକ ହୋଇନାହିଁ ଆଦୌ । ଯାହା ହେଉନା କାହିଁକି । ଯଦି ମୋ ନିକଟରେ ରହିଥାଏ କବିଙ୍କ ସାମାନ୍ୟ ବି ସତ୍ ସ୍ୱଭାବ ସେଥିପାଇଁ କବି ହିଁ ପୂଜ୍ୟ ତ ଯେଉଁମାନେ ତାଙ୍କର ଆରାଧନାରେ ଧ୍ୟାନ ନିବିଷ୍ଟ ସେମାନେ ସମ୍ମାନନୀୟ । ଆଉ ଯଦି ମୋ ନିକଟରେ ଗଙ୍ଗାଧରଙ୍କ ଆଦର୍ଶ ପରିପନ୍ଥୀ କୌଣସି ଆଚରଣ ତାହାକୁ ସାମାନ୍ୟ ବି ଦେଇଯାଏ ଆଘାତ, ସେଥିପାଇଁ ମୁଁ ଅନୁତପ୍ତ ଓ କ୍ଷମାପ୍ରାର୍ଥୀ ହୋଇ ରହିଛି ସମସ୍ତଙ୍କ ଉଦ୍ଦେଶ୍ୟରେ ହୃଦୟର କୃତଜ୍ଞତା ପ୍ରକାଶ କରି ।


ପ୍ରକ୍ତନ ବିଭାଗ ମୁଖ୍ୟ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର


## ଇଣ୍ଡିଆ ମ୍ୟାପ'ର ରୋଡମ୍ୟାପ



**ସୌଭାଗ୍ୟ ରଂଜନ ମହାନ୍ତି**

ଦିଲ୍ଲୀର ରାମଲୀଳା ମଇଦାନରେ ଅନୁଷ୍ଠିତ ବିରୋଧି ଦଳଙ୍କୁ ନେଇ ଗଠିତ 'ଇଣ୍ଡିଆ' ମେଂଟର ସମାବେଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲା ଏବଂ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଗିରଫ ଦାବିକୁ ନେଇ କେବଳ ହଠାତ କର୍ମତତ୍ପର କରିନାହିଁ, ୨୦୨୪ ମହାଲଢେଇ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଇଣ୍ଡିଆ ମେଂଟର ମହାସମାବେଶରେ କଂଗ୍ରେସ, ଆମଆଦମୀ ପାର୍ଟି, ଜେଏମଏମ, ଶିବସେନା ୟୁବିଟି, ତୃଣମୂଳ କଂଗ୍ରେସ, ଡିଏମକେ, ବାମପନ୍ଥୀ ଦଳଗୁଡିକ ସମେତ ମେଂଟର ସମସ୍ତ ଅଂଶୀଦାର ଦଳମାନଙ୍କର ନେତାମାନେ ଯୋଗଦେଇଥିଲେ। ସମାବେଶରେ କେଜିରୱାଲାଙ୍କ ପତ୍ନୀ ସୁନୀତା ଏବଂ ହେମନ୍ତଙ୍କ ପତ୍ନୀ କଳ୍ପନା ସୋରେନ ଯୋଗ ଦେଇଥିଲେ। ସମାବେଶରେ ବିରୋଧି ଦଳଗୁଡିକ ଦରଦାମ, ବେକାରୀ, ବେରୋଜଗାରୀ ବୃଦ୍ଧି, ଚାଷୀ ସମସ୍ୟା ତଥା ଏମଏସପି ବୃଦ୍ଧି, ବିଜେପିର ସ୍ୱେଚ୍ଛାଚାରୀ ଶାସନ ପ୍ରସଙ୍ଗ ଉଠାଇ କଟୁ ସମାଲୋଚନା କରିଥିଲେ। କେବଳ ଏତିକି ନୁହେଁ, ଲୋକତନ୍ତ୍ର ବଂଚାଓ, ଏକଛତ୍ରବାଦ ହଟାଓ ଧ୍ୱନୀ ଦେଇ ଏକାଠି ହୋଇଥିବା ବିରୋଧ ଦଳ ନେତାମାନେ ବିଜେପି ନେତୃତ୍ୱାଧୀନ ସରକାର ବିରୋଧି ଦଳର ନେତାମାନଙ୍କ ବିରୁଦ୍ଧରେ ସିବିଆଇ, ଇଡି ଏବଂ ଆୟକର ବିଭାଗକୁ ଅସ୍ତ୍ର ଭାବେ ବ୍ୟବହାର କରି ସେମାନଙ୍କୁ ଜେଲ ପଠାଇବା, ଆକାଉଂଟ ଅଚଳ କରିବା ଆଦି ଅଭିଯୋଗ କରିବା ସହ ଏନେଇ ନିର୍ବାଚନ କମିଶନଙ୍କ ଜରୁରୀ ହସ୍ତକ୍ଷେପ ଦାବି କରିଛନ୍ତି। ଏହା ନିସନ୍ଦେହ ଯେ, କେନ୍ଦ୍ରୀୟ ଏଜେନ୍ସଗୁଡିକର କାର୍ଯ୍ୟାନୁଷ୍ଠାନ ସମୟକୁ ନେଇ ପ୍ରଶ୍ନ ଉଠିବା ଅସ୍ୱଭାବିକ ନୁହେଁ। ଦୁଇ ବିରୋଧି ଦଳର ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଇଡି ନିର୍ବାଚନ ସମୟରେ ଗିରଫ କରିବା ଦେଶରେ ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଆହୁରି ମଧ୍ୟ ସମାବେଶରେ ନେତାମନେ ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ମିଳିତ ଭାବେ ଯେଉଁ ଦାବିଗୁଡିକ ଉପସ୍ଥାପିତ କରିଛନ୍ତି, ତାହା ମଧ୍ୟ ସାଂପ୍ରତିକ ସମୟରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଏହି ଦାବିଗୁଡିକ ମଧ୍ୟରେ ସମସ୍ତ ରାଜନୈତିକ ଦଳକୁ ସମାନ ସୁଯୋଗ ପ୍ରଦାନ କରିବା, ବିରୋଧିଙ୍କ ଉପରେ ଆର୍ଥୀକ କଟକଣାକୁ ରଦ୍ଦ କରିବା, ସିବିଆଇ, ଇଡି, ଆୟକର ବିଭାଗ ପରି କେନ୍ଦ୍ରୀୟ ଏଜେନ୍ସଗୁଡିକୁ ନିର୍ବାଚନ ସମୟରେ ବିରୋଧିଦଳ ନେତାଙ୍କୁ ନିଶାଣ କମିଶନର ନିର୍ବାଚନ ସମୟରେ ଅତୀବ କ୍ଷମତା ସମ୍ପନ୍ନ ହୋଇଥିବାରୁ ବିରୋଧି ଦଳର ଦାବିଗୁଡିକ ଉପରେ କି ପଦକ୍ଷେପ ଗ୍ରହଣ କରିବେ, ତାହା ଦେଖିବାକୁ ବାକି ରହିଲା। ଏହା ସ୍ପଷ୍ଟ ବୁଝାପଡୁଛି ଯେ, ଭାରତୀୟ ରାଜନୀତି ଏପରି ଏକ ସମୟ ଦେଇ ଗତି କରୁଛି, ଯାହାକୁ ବିଜେପି ପ୍ରଭାବିତ ରାଜନୈତିକ ବ୍ୟବସ୍ଥା ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। କେବଳ ଏତିକି ନୁହେଁ, କେନ୍ଦ୍ରରେ କ୍ଷମତାସୀନ ବିଜେପିର ଦେଶର ପ୍ରାୟ ସମସ୍ତ ରାଜ୍ୟରେ ବିରୋଧିଙ୍କ ସହ ଦୃଢ ମୁକାବିଲା ସ୍ଥିତିରେ ରହିଛି। କିନ୍ତୁ ଦେଶରେ ସର୍ବପୁରାତନ ବୃହତମ ଜାତୀୟ ଦଳ କଂଗ୍ରେସର ସମସ୍ତ ରାଜ୍ୟରେ ଉପସ୍ଥିତ ରହିଥିଲେ ମଧ୍ୟ ଅଳ୍ପ କେତେକ ରାଜ୍ୟ ବ୍ୟତୀତ ବହୁ ରାଜ୍ୟରେ ଏହାର ସ୍ଥିତି ଅତ୍ୟନ୍ତ ଦୁର୍ବଳ ରହିଛି। ଯେଉଁଥିପାଇଁ କି କଂଗ୍ରେସ ସ୍ଥିତି ଦୁର୍ବଳ ଥିବା ରାଜ୍ୟଗୁଡିକରେ ପ୍ରଭାବଶାଳୀ ଆଂଚଳିକ ଦଳମାନଙ୍କ ସହ ମେଂଟ କରିବାକୁ ବାଧ ହୋଇଛି। ଆଂଚଳିକ ଦଳଗୁଡିକ ଏକାକୀ ବିଜେପିକୁ ମୁକାବିଲା କରିବା ପାଇଁ ସମର୍ଥ ନୁହଁନ୍ତି। ମେଂଟ ବା ଆସନ ବୁଝାମଣା ଦ୍ୱାରା ବିଜେପିକୁ ମୁକାବିଲା କରିବାରେ ସହାୟକ ହୋଇପାରେ, ଏଥିରେ ସନ୍ଦେହ ନାହିଁ। କେତେକ ବଛା ବଛା ରାଜ୍ୟରେ କଂଗ୍ରେସ ଇଣ୍ଡିଆ ମେଂଟର ଅଂଶୀଦାର ଦଳଗୁଡିକ ପାଇଁ ଏକତାର ଆବଶ୍ୟକତା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୯ ନିର୍ବାଚନରେ ବିଜେପି ୯୦ ପ୍ରତିଶତ ଆସନ ହାସଲ କରିଥିବା ହିନ୍ଦି ଭାଷାଭାଷି ଏବଂ ପଶ୍ଚିମ ଭାରତ ରାଜ୍ୟଗୁଡିକରେ ଇଣ୍ଡିଆ ମେଂଟ ଆସନ ବୁଝାମଣା କରିବାରେ ସଫଳ ହୋଇଛି, ଯାହାକି ବିଜେବିକୁ ମୁକାବିଲା କରିବା ସଫଳ ହୋଇପାରେ। ବିହାରରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ବିଧାନସଭାରେ ସର୍ବବୃହତ ଦଳ ହୋଇଥିବାବେଳେ ଭୋଟ ହାର ମଧ୍ୟ ଅଧିକ ରହିଛି। ୨୦୨୦ ବିଧାନସଭା ନିର୍ବାଚନରେ ଆରଜେଡି, କଂଗ୍ରେସ ଓ ବାମପନ୍ଥୀ ମେଂଟ, ବିଜେପି-ଜେଡିୟୁ ମେଂଟକୁ ପରାଜୟର ଦ୍ୱାରଦେଶ ନିକଟକୁ ଟାଣି ଆଣିଥିଲା। ଜେଡିୟୁକୁ ଅଣଯାବତ ଓ ପଛୁଆ ବର୍ଗର ସମର୍ଥନ ଥିବା ସତ୍ତ୍ୱେ ଇଣ୍ଡିଆମେଂଟ ବିଶେଷ କରି କଂଗ୍ରେସର ମଣ୍ଡଳ ପ୍ରତି ଆସ୍ଥା ଓ ଜାତିଭିତିକ ଜନଗଣନା ଦାବି ଯୋଗୁଁ ଏହାର ସଫଳ ମୁକାବିଲା କରିବାର ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ସେହିପରି ବାହୁବଳି ନେତା ଭାବେ ପରିଚିତ ପପୁ ଯାଦବଙ୍କ ଦଳକୁ ମେଂଟକୁ କଂଗ୍ରେସ ସ୍ୱାଗତ କରିବା ମେଂଟ ପାଇଁ ଲାଭଦାୟକ ହୋଇପାରେ। ତାମିଲନାଡୁରେ ଡିଏମକେ ସହ ଆସନ ବୁଝାମଣା ଇଣ୍ଡିଆକୁ ଲାଭଦାୟକ ହେବ ଏଥିରେ ସନ୍ଦେହ ନାହିଁ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯


## ଲୁଡୁ, ତାସ, କ୍ୟାରାମ, ଚେସ୍ ସବୁ ଗଲେ କୁଆଡ଼େ ?



**ସୁବ୍ରତ କର**

ଗୋଟାଏ ସମୟ ଥିଲା ଏମାନେ ସମସ୍ତଙ୍କର ଅତି ପ୍ରୀୟ ଭାଜନ ଥିଲେ । ସେ ପିଲା ହୁଅନ୍ତୁ ବା ବୁଢ଼ା । ପ୍ରତିଦିନ କିଛି ସମୟ ସମସ୍ତେ ଏମାନଙ୍କ ସହିତ ସେ ଘର ହେଉ, ସ୍କୁଲ ବା କଲେଜ ବା କ୍ଲବ ବିତାଇଥିଲେ ବେଶ୍ କିଛି ସମୟ କଟି ଯାଉଥିଲା । ଏହି ସବୁଖେଳ ମାଧ୍ୟମରେ ସମସ୍ତେ ମଜା ନେଉଥିଲେ କାରଣ ଏହିସବୁ ଖେଳ ମଧ୍ୟ ନିଜ ନିଜ ମଧ୍ୟରେ ଝଗଡ଼ା ସୃଷ୍ଟି କରୁଥିଲା । ସବୁଠୁ ବଡ଼ କଥା ହେଉଛି ବେଶ୍ କିଛି ସମୟ ପାଇ ବେଶ୍ କିଛି ଲୋକଙ୍କୁ ଏକାଠି କରି ପାରୁଥିଲା । ନିଜ ନିଜ କାମ ଦାମ ଶେଷକରି ତାସ କିମ୍ବା ଲଡୁ ଧରି ବସିଯାଇଥିଲେ ନିଜ ନିଜ ମନକୁ ସତେଜ କରିବା ପାଇଁ । ଏହାରି ଉତରେ ବେଶ୍ କିଛି ଲୋକ ଖେଳକୁ ଭିଡ଼ି ରଖିବା ପାଇଁ ଅଳ୍ପ ପଇସା ବାଜି ମଧ୍ୟ ରଖୁଥିଲେ । ସେଇଠୁ ଜୁଆଖେଳର ସୃଷ୍ଟି ଏବଂ ପରେ ପରେ ଏହି ଖେଳ ନିଶାରେ ପରିଣତ ହେଉଥିଲା । ଲୁଡୁ, ଚେସ୍ ବା କେରାମ୍ ଖେଳରେ ବାଜି ମରା ମରି ହେଉ ନଥିଲା। କିନ୍ତୁ ତାସ୍ ଖେଳ ବହୁତ ପ୍ରକାରର । ଘରୁଆ ସ୍ତ୍ରୀ ଲୋକମାନେ ମାଗଣା କିମ୍ବା ଟୁଏନ୍ଟିନାଇନ୍ ଖେଳ ଖେଳୁଥିଲେ । କିନ୍ତୁ ପ୍ରକୃତ ଖେଳାଳିମାନେ ବ୍ରେ ବା ବ୍ରିଜ ଖେଳ ଖେଳୁଥିଲେ । ତାସ ଖେଳ ଭିତରେ ସବୁଠୁ ମର୍ଯ୍ୟାଦାପୂର୍ଣ୍ଣ ଖେଳ ହେଲା ବ୍ରିଜ । ଏହି ଖେଳଟି ସାରା ଦୁନିଆରେ ଏଖେଳାଯାଏ ଏବଂ ଏହି ଖେଳଟିର ସାରା ଦୁନିଆରେ ପ୍ରତିଯୋଗିତା ହୋଇଥାଏ । ଖେଳଟିରେ ପ୍ରଚୁର ମୁଣ୍ଡ ଖଟାଇବାକୁ ପଡ଼ିଥାଏ । ଗୋଟାଏ ସମୟ ଥିଲା ଏହି ଖେଳଟିର ଆଦର ଥିଲା ଏବଂ ପ୍ରତିଯୋଗିତା ମଧ୍ୟ ଜୋରସର ହେଉଥିଲା । ଏହାପାଇଁ ପ୍ରାଇଜ ଯଦି ମଧ୍ୟ ବହୁତ ରଖାହେଉଥିଲା । ଏବେ ବି ଅଲମ୍ପିକଏଡ ବ୍ରିଜ ଖେଳ ସାରା ପୃଥିବୀ ପ୍ରସିଦ୍ଧ ଏବଂ ଏହି ଖେଳରେ ଆମ ଦେଶ ଯଦି ପାରଙ୍ଗମ । ଏହାଛଡ଼ା କେରମରେ ମଧ୍ୟ ପ୍ରତିଯୋଗିତା ହୁଏ କିନ୍ତୁ ଚେସ୍ ଭଳି ନୁହଁ। ଚେସ୍ ଖେଳଟି ସାରା ପୃଥିବୀ ପ୍ରସିଦ୍ଧ । ଏହି ଖେଳରେ ମଧ୍ୟ ଆମ ଦେଶ ଅତି ପାରଙ୍ଗମ ଏବଂ ଏହି ଖେଳ ପାଇଁ ପ୍ରଚୁର ପ୍ରାଇଜ ମନି ରଖାଯାଇଥାଏ ।

ଏବେ ପ୍ରଶ୍ନ ଉଠୁଛି ଉପରୋକ୍ତ ଲେଖା କଣ ପାଇଁ ? ପ୍ରଶ୍ନ ଉଠୁଛି ଏହିସବୁ ଖେଳ (ଚେସ୍ ଛଡ଼ା) ଉଭେଇ ଗଲାଣି । ଏବେକାର ପିଲାଙ୍କୁ ତାଙ୍କର ମା ବାପାମାନେ ଶିଖେଇବାକୁ କୁଣ୍ଠାବୋଧ କରନ୍ତି । ପିଲାସବୁ ଖରାପ ହୋଇଯିବେ । କିନ୍ତୁ ମୋବାଇଲ ବା ଟି.ଭି ସେଗୁଡ଼ିକ ଅତି ଭଲ । ଏବେ ପିଲା ଜନ୍ମ ହେବାର ବର୍ଷେ ପରେ ମା, ବାପାମାନେ ମୋବାଇଲ ଧରାଇ ଦେଉଛନ୍ତି । ପିଲା ମୋବାଇଲ ନେଇ କେତେ ପ୍ରକାରର ଖେଳ ଖେଳିବ କେତେ ଜିନିଷ ସେଥିରୁ ଦେଖିବାର ଅଛି ଦେଖିବେ । ପିଲାଟି ଯେତେବେଳେ ଟିକିଏ ବଡ଼ ହୋଇ ମୋବାଇଲର ଭକ୍ତ ହୋଇଯିବ ଏବଂ ବହୁତ କିଛି ଶିଖି ପାରିବ (ଭଲ ସହିତ ଅତି ଖରାପ) ମା ବାପାମାନେ ଗର୍ବ କରିବେ ଏବଂ ସମସ୍ତଙ୍କୁ କହି ବୁଲିବେ 'ମୋ ପିଲା ମୋବାଇଲ ଏକ୍ସପୋର୍ଟ ହୋଇଗଲାଣି । ପରିକ୍ଷା ପରେ ଫଳ ଆସିଲା ବେଳକୁ ଶୂନ । ମୋବାଇଲ ତା ସହିତ ଟି.ଭି ସମସ୍ତଙ୍କୁ ବିଗାଡ଼ି ସାରିଲାଣି । ଏ ସବୁରେ ନିଜସ୍ୱ ବୁଦ୍ଧି ଖର୍ଚ୍ଚ କରିବାକୁ ପଡ଼େ ନାହିଁ କିନ୍ତୁ ଖେଳ ଗୁଡ଼ିକର ନିଜର ବୁଦ୍ଧିକୁ ଖଟାଇବାକୁ ପଡ଼ିଥାଏ । ମୋର ଅନୁରୋଧ ମା ବାପାମାନଙ୍କୁ ପିଲାମାନଙ୍କୁ ପୁରୁଣା ଖେଳଆଡ଼କୁ ଟାଣି ନିଅନ୍ତୁ ଏବଂ ଯେତେ ସମ୍ଭବ ମୋବାଇଲ ବା ଟି.ଭି ସବୁ (ମେକାନିକାଲ) ଏବଂ ଏମାନଙ୍କୁ ଦୂରରେ ରଖନ୍ତୁ ।

### ବସନ୍ତ ଆସିଛି

**ଧ୍ରୁବ ଚରଣ ବେହେରା**



ବସନ୍ତ ଆସିଛି ରଙ୍ଗ ସବାରିରେ
ଫଗୁଣ ଗାଉଛି ଗୀତ
ନବ ପଲ୍ଲବିତେ ହସନ୍ତି ପାଦପ
ପ୍ରକୃତିକୁ କରି ମିତ ।

ମଳୟ ଛୁଆଁରେ ମନ ମୋହି ଯାଏ
ଶୀତଳତା ସ୍ପର୍ଶ ଧାରେ
ଆମ୍ର କୁଞ୍ଜବନେ କୋକିଳ ନିନାଦେ
ମଧୁ ତାନ ପ୍ରାଣ ହରେ ।

ସବୁଜିମା ଛଇ ଅବନୀ ରାଣୀକୁ
ସଜାଏ ଶାଗୁଆ ପାଟେ
ପଳାଶ ହସଇ ମଧୁରିମା ହସ
ନାରଙ୍ଗୀ ଜୀବନ୍ତ ପଟେ ।

ବିହଙ୍ଗ କାକଳୀ ଶୁଭେ ଭଳି ଭଳି
ଆମୋଦ ପାଛୋଟି ଦେଇ
ମାଟି ଗାଉଥାଏ ପ୍ରକୃତି କବିତା
ଧରା ଲାଗେ ପୁଣ୍ୟ ଭୂଇଁ ।

ବଉଳ ମହକ ମହକି ଯାଆଇ
ମତୁଆଲା ପ୍ରେମ ଭରି
ପ୍ରେମିକା ମନରେ ଉଠଇ ଜୁଆର
ପ୍ରୀତି ପାଇଁ ହୁଏ ଝୁରି ।

ଋତୁ ରାଜ କୋଳେ ପ୍ରଣୟ ବାସନା
ପାରି ହୁଏ ନାହିଁ କଳି
ନାନା କୁସମର ପାଶେ ବନ୍ଧା ପଡେ
ପ୍ରେମିକ ପ୍ରବୀର ଅଳି ।

ଗୁଣୁ ଗୁଣୁ ତା'ର ବଜାଏ ବଂଇଶୀ
ଉଦ୍ୟାନର ରାଜା ସାଜି
ସତେକି ପାଆଇ ସ୍ୱର୍ଗ ଭରା ସୁଖ
ଫୁଲର ନିତ୍ୟମ୍ୱେ ହଜି ।

ଅଭୁଲା ରାଗର କାମାତୁର କଳା
ଚିବୁକ କୋମଳ ଭାଗେ
ପାଖୁଡା ମେଲାଇ ପରଶି ଦିଅଇ
ପ୍ରୀତି କାଦମ୍ବରୀ ରାଗେ ।

ଆହା କି ମଧୁର ରମ୍ୟ ଉପବନ
ବସନ୍ତର ଆଗମନେ
ଫଗୁଣ ଖେଳଇ ରଙ୍ଗ ଦୋଳି ଖେଳ
ସମୟର ଯଉବନେ ।


ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


### ଭାବିଥିଲି ଯିବି ଝରି

**ଡ. ଅନିଲ ନନ୍ଦ**



ଭାବିଥିଲି ଦିନେ ଝରି ପଡୁଥିବି
ବନ୍ଧୁର ଶିଳା ଡେଇଁ
ଘଞ୍ଚ ବନାନୀ ଉଲଙ୍ଗ ଆକାଶ
ଅପଲକେ ଥିବେ ଚାହିଁ ।

ଯାଉଥିବି ବହି ଅଧୋମୁଖ ହୋଇ
ଅଜଣା ରାଇଜ ପଥେ
ନଦୀ ପାରାବାର ବୁଝିବାର ନାହିଁ
କିଏ ବା ଡାକୁଛି କେତେ ।

ବୁଝିଲେ କି ଲାଭ ଜୀବନର ମାନେ
ଖୋଜିଲେ କି ହେବ ସୁଖ
ଖୋଜିବି କେବଳ ବିଷାଦ ବଦନ
ଧୋଇଦେବା ଲାଗି ଦୁଃଖ।

ରହୁ ବା ନରହୁ ନାମଟି ମୋହର
ଚିରଦିନ ଅମଳିନ
ଇତିହାସ ଅବା ଛବି ପଛେ କହୁ
ମୁହିଁ ଥିଲି ଭାଗ୍ୟହୀନ ।

ଜାଣି ତ ନଥିଲି ସଲିଳ ଦେଖିଲେ
ବଢ଼ି ବଢ଼ି ଯାଏ ତୃଷା
ନଇଁ ଆସେ ପୁଣି ନିଦାଘର ଜ୍ୱାଳା
କରିବାକୁ ଲୋକ ହସା।

ଗୀତ ହେଲା ଆଜି ଲୁହର କାକର
ଭାବନା ମୋ ଝଡରାତି
ରୁକ୍ଷ ପାହାଡ ପଥରୋଧ କରି
ବଦଳାଇ ଦେଲା ଗତି ।


କ୍ୟାମ୍ପସ -୯,କିଟ୍
ମୋ -୯୯୩୭୮୪୩୩୬୮

# ମୁକ୍ତି



ପଦ୍ମାଳୟା ସାମଲ



ରାତିରେ ନିଦ ନଥିଲା ପଦିଆକୁ । ରହି ରହି ତାର ମନେ ପଡୁଥିଲା ଗାଁରେ ଥିବା ତାର ମା କଥା ଆଉ ସପନି କଥା । ଛଅ ମାସେ ହେବ ଗାଁ ମାଟି ମାଡିନି ସେ । ଏଠି ସହରରେ ବାବୁଙ୍କ ଆଉଟ ହାଉସରେ ରହିବା ବୋଧେ ଦଶ ବର୍ଷ ହୋଇଗଲାଣି । ବାପା ମଲା ବେଳକୁ ଯାହା ଯାଇଥିଲା । ଫେରିଲା ବେଳକୁ ମା କହୁଥିଲା, ମୋ କଥା କିଛି ଚିନ୍ତା କରିବୁନି । ତୋ ବାପାର ବର୍ଷକିଆ ନଗଲା ଯାଏ ମୁଁ ଏଠୁ ଯାଇପାରିବିନି । ବାବୁ ସେଠି ଭଲରେ ରହିଲେ ମୁଁ ଏଠି ଭଲରେ ରହିଥିବି ବୋଲି ଭାବିବୁ ।

ମନେ ପଡୁଛି ପଦିଆର, ତାକୁ ସେତେବେଳେ ଆଠ ବର୍ଷ ବୟସ । ଏଇ ବାବୁ ନୂଆ କରି ଏସ. ଡି. ଓ ଚାକିରିରେ ଜଏନ କରିଥାନ୍ତି ତାଙ୍କ ଗାଁ ପାଖରେ । ନୂଆ ବାହାଘର ହୋଇଥାଏ ବାବୁଙ୍କର । ନୂଆ ଜାଗା ହୋଇଥିବାରୁ ବାବୁଆଣୀଙ୍କୁ ଭାରି ଅସୁବିଧା ହେଲା ଚଳିବା ପାଇଁ । ସେଥିରେ ପୁଣି ବର୍ଷକର ପୁଅ ତାଙ୍କର । ଘର ବାହାର ବୁଝିଲା ବେଳକୁ ବାବୁଆଣୀ କଣ୍ଠାଗ୍ରତ । କୁଆଡେ କାହାକୁ ଜାଣି ନାହାନ୍ତି । କାମବାଲୀର ସନ୍ଧାନରେ ଥିଲେ ସେ । ଯୋଗକୁ ମା ସହିତ ଭେଟ ହୁଏ ବାବୁଙ୍କର ଦିନ ମଜୁରିଆ କାମ କରୁଥିବା ସମୟରେ । ହଜିଲା ବଳଦ ଖୋଜିଲା ଠେଇଁ ପରି ବାବୁ ଖୁସି ହୋଇ ମାକୁ ନେଇ ତାଙ୍କ ଘରକୁ ଗଲେ । ସେହିଦିନଠାରୁ ମା ତାଙ୍କ ଘର କାମରେ ନିଯୁକ୍ତ ରହିଲା ।

ସେତେବେଳେ ପଦିଆର ବାପା ରଘୁଆ ବାରିକର ଚଳିବା ଅବସ୍ଥା ଭାରି ଶୋଚନୀୟ । ଦିନ ମଜୁରିଆ କାମ କରୁଥିବା ସମୟରେ ପାହାଚରୁ ଗଳିପଡି ଗୋଡ଼ ଭାଙ୍ଗି ବିଛଣାରେ ପଡିରହିଥାଏ । ସ୍ତ୍ରୀ ସାବି ଅଣ୍ଟା ଭିଡିଥାଏ ସ୍ୱାମୀକୁ ବଂଚେଇବା ପାଇଁ । ଅନ୍ୟର ମୂଲ ଲାଗିଲେ ତିନି ପ୍ରାଣୀ କୁଟୁମ୍ବ ଚଳେ । ଗାଁ ପାଖ କଣ୍ଟ୍ରାକ୍ଟର କାମ ଯୋଗେଇଦେଲା ସାବିକୁ । ସେଇ ରୋଜଗାରରେ ତିନି ପ୍ରାଣୀ ଯାହା ଯେମିତି ଚଳିଯାନ୍ତି । ଯୋଗକୁ ଏସ. ଡି.ଓ ସାରଙ୍କ ସହ ଭେଟ ହେଲା ସାବିର । ସେହି ଦିନଠାରୁ ସାବି ବାବୁଆଣୀଙ୍କ ସହ ଘର କାମରେ ନିଯୁକ୍ତ ରହିଲା । ଧୀରେ ଧୀରେ ସବୁ ଘରକାମକୁ ଏମିତି ଆପଣାର ଭାବି ଆଦରି ନେଲା ଯେ ବାବୁଆଣୀ ଆଉ କୁଟା ଖଣ୍ଡକୁ ଦି 'ଖଣ୍ଡ କଲେନି । ରୋଷେଇ ଠାରୁ ଆରମ୍ଭ କରି ବଜାର ସଉଦା ଯାଏଁ, ଘର ସଫା ଠାରୁ ଆରମ୍ଭ କରି ଲୁଗାପଟା ଚଉତି ରଖିବା ଯାଏଁ ସବୁ ନିଜର ଭାବି କରିନେଲା । ସାବି ବିନା ଗୋଟିଏ ଦିନ କେମିତି କଟିବ, ବାବୁ କି ବାବୁଆଣୀ କେହି ଭାବି ପାରନ୍ତି ନାହିଁ ।

ସେତବେଳେ ପଦିଆକୁ ବୟସ ମାତ୍ର ଆଠ ବର୍ଷ । ବାପା ବିଛଣାରେ ପଡିଲା ଦିନରୁ ସେ ସ୍କୁଲକୁ ଯାଏନାହିଁ । ଘରେ ବସି କରିବ କଣ ! ମା ତାକୁ ସାଙ୍ଗରେ ନେଇ ଆସେ ବାବୁ ଘରକୁ । ବାବୁଙ୍କ ପୁଅ ସହିତ ଖେଳେ, ତାକୁ ତିନି ଚକିଆ ଗାଡ଼ିରେ ବସେଇ ଠେଲେ,କାଖେଇ ବଗିଚାରେ ବୁଲେଇ ନାନା ରଙ୍ଗର ଚଢେଇ, ଗଛଲତା, ପ୍ରଜାପତି, କଙ୍କି ଆଦି ଦେଖାଏ । ଛୋଟ ପୁଅ ପପୁନି ପଦିଆକୁ ଏମିତି ଆଦରିନିଏ ଯେ ଘଡିଏ ନ ଦେଖିଲେ ପାଗଳ ହୋଇଯାଏ । ବାବୁ ବାବୁଆଣୀ ବି ଭାରି ଶ୍ରଦ୍ଧା କରନ୍ତି ପଦିଆକୁ ।

ସନ୍ଧ୍ୟା ହେଲା ମାତ୍ରେ ବାବୁଆଣୀ କ୍ଷୀରରେ ହର୍ଲିକସ୍ ଗୋଳେଇ ପୁଅକୁ ପିଇବାକୁ ଦିଅନ୍ତି । ପଦିଆ ବି ଆଗ୍ରହରେ ତାକୁ ଖେଳନା ଦେଖେଇ ପିଇବାରେ ସାହାଯ୍ୟ କରେ । ପପୁନି କ୍ଷୀର ପିଇଦେଲେ ପଦିଆର ପେଟ ପୂରିଯାଏ । ଖୁସି ହେଇ ତା ହାତରେ ବିସ୍କୁଟ ଦୁଇଟା ଗୁଞ୍ଜି ଦିଅନ୍ତି ବାବୁଆଣୀ । କୁନି ପୁଅ ଚିତ୍ର ବହି ଧରି ପାଠ ପଢି ବସିଲେ ପଦିଆ ପାଖରେ ବସେ, ବହିରେ ହାତ ମାରି ଖୁସି ହୁଏ । ଦି 'ବର୍ଷ ଆଗରୁ କଣ ପଢିଥିଲା ଆଉ କଣ ତାର ମନେ ପଡୁଛି ? ସାବିକୁ ଦେଖି ବାବୁଆଣୀ କୁହନ୍ତି,'ପୁଅକୁ ପାଠ ଦି ଅକ୍ଷର ପଢା, ନହେଲେ ସେ ଏ ଦୁନିଆଁରେ ତିଷ୍ଠିବ କେମିତି ?'

କପଡା ଭାଙ୍ଗି ରଖୁ ରଖୁ ସାବି କୁହେ,'ମୁଁ କଣ ସେ କଥା ଭାବିନି କି ମା '। କିନ୍ତୁ କଣ କରିବି ତା ବାପାର ଔଷଧ ପାଣିକୁ ପଇସା ନିଅଣ୍ଟ । ଦୁଇ ବର୍ଷ ତଳେ ପଦିଆ ବାପାର ଗୋଡ଼ ସିନା ଭଲ ହେଇଗଲା, କିନ୍ତୁ ଅଣ୍ଟାରେ ଯନ୍ତ୍ରଣା ହେଲା । ଡାକ୍ତର ପରୀକ୍ଷା କରି କହିଲେ ଅଣ୍ଟା ହାଡ଼ ବଙ୍କି ଯାଇଛି, ଆସ୍ତ୍ରୋପଚାର କରିବାକୁ ପଡିବ । ଯାହା ପଇସା ଥିଲା ସବୁ ଖର୍ଚ୍ଚ କଲି ମୁଁ । ହେଲେ ସେ ଆଉ ଅଣ୍ଟା ସଳଖି ଠିଆ ହେଲାନି । ଶେଷକୁ ଅଣ୍ଟା ଭିଡ଼ିଲି କିଛି ରୋଜଗାର କରିବା ପାଇଁ । ଘର ଚଳେଇବା ପାଇଁ ତ ବାରଦୁଆର ଶୁଣ୍ଢିପିଣ୍ଡା ହେଉଥିଲି । ବାବୁ ଆଶ୍ରା ଦେଲେ ବୋଲି ସିନା । ବାବୁ ମତେ କଥା ଦେଲେ ପଦିଆ ବାପାର ଅପରେସନ ଖର୍ଚ୍ଚ ସେ ବହନ କରିବେ । ଆପଣ ତ ଜାଣନ୍ତି ମା ଅପରେସନ ପରେ ସେ ଆଉ ପୂର୍ବ ଭଳି ଚଲାବୁଲା କରିପାରିଲେ ନାହିଁ । ସବୁଦିନ ପାଇଁ ବିଛଣାରେ ପଡିରହିଲେ । ଔଷଧ ଖର୍ଚ୍ଚ ତ ବାବୁ ବୁଝୁଛନ୍ତି । ଆପଣଙ୍କ ଋଣ କଣ ମୁଁ ଏ ଜନ୍ମରେ ସୁଝି ପାରିବି ମା '!

ବାବୁ ପାଖରେ ବସି ଶୁଣୁଥିଲେ ସବୁ । କହିଲେ,'ପଦିଆ କାଲିଠୁ ସ୍କୁଲକୁ ଯାଉ । ତାର ସବୁ ଖର୍ଚ୍ଚ ମୁଁ ବହନ କରିବି । କୃତଜ୍ଞତାରେ ଆଖି ଛଳଛଳ ହୋଇଗଲା ସାବିର । ଆପଣଙ୍କୁ ପଦିଆ ଲାଗିଲା ବାବୁ। ସେ ମଣିଷ ହେଲେ ଯାଇ ମୋ ଦୁଃଖ ଯିବ । ତାକୁ ଏମିତି ସ୍ନେହ କରୁଥିବେ । ତା ମୁଣ୍ଡ ଉପରେ ଆପଣଙ୍କର ଆଶିଷର ହାତ ଏମିତି ଥାଉ ସବୁଦିନ ।

ତିନିବର୍ଷ ପରେ ବାବୁଙ୍କର ବଦଳି ହୋଇଗଲା ଭୁବନେଶ୍ୱରକୁ । ସାବି କହିଲା,'ବାବୁ, ମୁଁ ପଦିଆ ବାପାକୁ ଛାଡି ଯାଇ ପାରିବିନି । ଜୀବନ ଥିବା ଯାଏ ଆଶା ଅଛି । ୟା ଭିତରେ ପଦିଆ କିଛି ଘର କାମ ଶିଖିଗଲାଣି । ତାକୁ ସାଙ୍ଗରେ ନେଇ ଯାଆନ୍ତୁ । ସେ ଆପଣଙ୍କ ବୋଲହାକ କରିବ । ଏଠି ରହିଲେ ସେ ପଢ଼ାରେ ମନ ଦେବନି । ସେ ଆପଣଙ୍କ ପୁଅ ପାଖରେ ରହିଲେ ପାଠ ଦି ଅକ୍ଷର ପଢିବ । ସହର ଦେଖିବ, ପାଞ୍ଚ ମଣିଷଙ୍କୁ ଜାଣିବ । ତାର ଆଖି ଖୋଲିବ । '

ଭୁବନେଶ୍ୱର ଆସିବା ଦିନ ସାବି ତା ପୁଅକୁ କହିଲା, 'ବାବୁଙ୍କ ପାଇଁ ଆମ ପରିବାର ବଞ୍ଚିଛେ । ତାଙ୍କ ମନ ଜାଣି କାମ କରିବୁ । କୁନି ପୁଅର ଯତ୍ନ ନେବୁ । ମାଙ୍କ କଥା ଧରିବୁନି । ଯାହା ବୋଲହାକ କହିବେ କରିବୁ । ସହର ବଜାର କଥା ଦେଖି ଚାହିଁ ଚଳିବୁ' । ପୁଣି ଆଖି ଛଳଛଳ କରି ବାବୁଙ୍କୁ କହିଲା, 'ମୋ ପୁଅ ଆପଣଙ୍କୁ ଲାଗିଲା ବାବୁ । ତାକୁ ଆପଣଙ୍କ ସ୍ନେହରୁ ଊଣା କରିବେନି ।'

ସେଇ ଯେ ପଦିଆ ଗାଁରୁ ଆସିଛି ଯେ ଆସିଛି । ପ୍ରତିବର୍ଷ ଥରେ ଦୁଇଥର ଯାହା ଯାଏ । ଶେଷଥର ପାଇଁ ବାପା ମଲା କାମରେ ଯାଇଥିଲା । ୟା ଭିତରେ ମାଟ୍ରିକ ପାସ କଲାଣି । ଆଉ ଅଧିକ ପାଠ ପଢିବାକୁ ମନ କଲାନି । ନିଶ ଦାଢ଼ି ଉଠିବା ଆରମ୍ଭ କଲାଣି । ଗାଁରେ ଥିବା ପିଲାଦିନର ସାଙ୍ଗ ସପନିକୁ ମନର ରାଣୀ କଲାଣି । କାମରୁ ତର ପାଇଲେ ସପନି ସହ କଥା ହୁଏ । ସପନି ମା ସହିତ ବି କଥା କରେଇଦିଏ । ତଥାପି ଅଣନିଶ୍ୱାସୀ ଲାଗେ ପଦିଆକୁ । ମନ ଛଟପଟ ହୁଏ ।

ସକାଳୁ ପଦିଆକୁ ଘରେ ନପାଇ ବାବୁଆଣୀ ଥମ୍ ହୋଇ ବସିପଡିଲେ ତା ଖଟ ଉପରେ । ହଠାତ ତକିଆ ଉପରେ ଚଉତାହୋଇ ଥିବା କାଗଜ ଖଣ୍ଡ ଉପରେ ଆଖି ପଡିଲା ତାଙ୍କର । ପଦିଆ ଛାଡି ଯାଇଛି ତାଙ୍କ ପାଇଁ ଏ ଚଠି ।

' ମା ! ଆପଣଙ୍କୁ ଜଣେଇ ଆସିନଥିବାରୁ ମତେ କ୍ଷମା କରିବେ । ବାବୁ ମତେ କୋଉଥିରେ ଊଣା କରି ନଥିଲେ । ମୋ ଅତୀତ ମତେ ହାତ ଠାରି ଡାକିଲା । ମୋ ମା ଆଉ ଗାଁ ମୋର ଭାରି ମନେପଡିଲା । ଗାଁରେ ଛାଡିଆସିଥିବା ଦିଗନ୍ତବିସ୍ତାରି ଶ୍ୟାମଳ ସବୁଜିମା, ପକ୍ଷୀଙ୍କ କାକଳି, ମାଟି ଗୋବର ଲେସା ନୁଆଁଣିଆ ଚାଳଘର, ଆମ୍ବ ବଉଳର ବାସ୍ନା, ସୁନା ରଙ୍ଗର ଧାନ କ୍ଷେତ, ନିର୍ମଳ ଥଣ୍ଡା ପବନ.... ଏସବୁ ମୋର ଭାରି ମନେପଡିଲା, ମତେ ଅସ୍ତବ୍ୟସ୍ତ କଲା । ସହରର ଚାକଚକ୍ୟ, ମାଳମାଳ କୋଠାଘର, କାରଖାନାର କଳାଧୂଆଁ ମତେ ଅଣନିଶ୍ୱାସୀ କଲା । ଆମେ ମାଟିର ମଣିଷ ମା । ମାଟିକୁ ଛାଡି ବଞ୍ଚିବା କଷ୍ଟ ଆମ ପାଇଁ । ଆଉ ଗୋଟେ କଥା ଆପଣଙ୍କୁ କହି ନ ଥିଲି । ମୋ ପିଲାଦିନର ସାଙ୍ଗ ସପନିକୁ କଥା ଦେଇଥିଲି ଏସନ ଫଗୁଣରେ ମୋ ଗାଁ ମନ୍ଦିରରେ ତାକୁ ବରଣମାଳା ପିନ୍ଧେଇ ସିନ୍ଥିରେ ସିନ୍ଦୂର ଦେଇ ଘରକୁ ଆଣିବି । ଆପଣ ମତେ ଆଶୀର୍ବାଦ କରନ୍ତୁ ମା ମୋର ଆଗାମୀ ଜୀବନ ସୁଖମୟ ହେଉ । ପପୁନି ତ ହଷ୍ଟେଲରେ ରହିଲା । ତାରି ମୁହଁକୁ ଚାହିଁ ମୁଁ ଗାଁକୁ ଫେରି ପାରୁନଥିଲି । ସବୁଦିନ ପାଇଁ ଗାଁକୁ ଫେରିବାକୁ କହିଥିଲେ ବାବୁ ମତେ ଛାଡ଼ିନଥାନ୍ତେ । ସେ ମତେ ଖୋଜିଲେ ତାଙ୍କୁ ବୁଝେଇଦେବେ । ମୋର ଏ ଛୋଟିଆ ଭୁଲ ପାଇଁ କ୍ଷମା ଦେବେ ।

(ଇତି )

ଆପଣଙ୍କର ସ୍ନେହର,ପଦିଆ

ଚିଠି ପଢି ଆଖି ଛଳଛଳ ହୋଇଗଲା ବାବୁଆଣୀଙ୍କର । ମନେମନେ ଭାବୁଥିଲେ - ଏତେସବୁ ସ୍ୱାଧୀନତା ଭିତରେ କେଉଁଠି ନା କେଉଁଠି କାଣିଚାଏ ପରାଧୀନତା ଘାରୁଥିଲା ପଦିଆକୁ । ଆଜି ସେ ମୁକ୍ତ । ଘର ଲେଉଟାଣି ତା ପାଇଁ ଶୁଭ ହେଉ, ହସ ଖୁସିରେ ସଂସାର ଗଢୁ ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଛୁପା ରୁସ୍ତମ



ସୁଦର୍ଶନ ମହାପାତ୍ର



ବିପ୍ଳବ ପ୍ରଧାନ ମୋର ପିଲାଦିନର ସାଙ୍ଗ, ସହପାଠୀ । ଯଦିଓ ଆମେ ଦୁହିଁଙ୍କ ଗାଁ ଅଲଗା, ଦୂରତା ବେଶି ନଥିଲା । ଗୋଟିଏ ସ୍କୁଲରେ ପଢୁଥିଲୁ । ଆମ ପାଖରେ ସେ 'ବୁଲୁ' ନାଁ ରେ ପରିଚିତ ।

ପାଠ ପଢ଼ାରେ ବୁଲୁ ଯଦିଓ ଏତେଟା ଭଲ ନଥିଲା ଖେଳ କୁଦରେ ସେ ସବୁବେଳେ ପ୍ରଥମ । ଆକର୍ଷଣୀୟ ଚେହେରା ସାଙ୍ଗକୁ ତା'ର ମେଳାପି ସ୍ୱଭାବ ଯୋଗୁଁ ସେ ସମସ୍ତଙ୍କର ପ୍ରିୟ । ତା'ର ଉପସ୍ଥିତ ବୁଦ୍ଧି, କଥା କହିବାର ପଟୁତା ଆମ ସମସ୍ତଙ୍କୁ ଯେମିତି ମନ୍ତ୍ରମୁଗ୍ଧ କରେ । ମୁଁ ତା' ଭଳି ହେବାକୁ ଚେଷ୍ଟା କରି ବିଫଳ ହୋଇଛି ବାରମ୍ବାର ।

ମୋ ପାଇଁ ଏତିକି ସାନ୍ତ୍ୱନା ଥିଲା ଯେ ବୁଲୁ ମୋ ପାଖରେ ବସେ, ମୋ ଖାତା ଦେଖି ଲେଖେ ଏବଂ ସର୍ବୋପରି ମୁଁ ତା'ର ସବୁଠୁ ଭଲ ସାଙ୍ଗ ବୋଲି କହେ । ମୁଁ ଏଥିପାଇଁ କାହିଁକି କେଜାଣି ନିଜକୁ ଗୌରବାନ୍ୱିତ ମନେ କରେ ।

ବୁଲୁ ପ୍ରଧାନ ବଡ଼ ହେଲା ପରେ ଆମ ଗହଣରେ ବୁଲେଟ ପ୍ରଧାନ ନାମରେ ପରିଚିତ ହେଲା । ଏମିତି ଏକ ନାମକରଣର ଯଥାର୍ଥତା ଥିଲା ଏଥିପାଇଁ ଯେ ସେ ମାଟ୍ରିକ ପାଶ କରୁକରୁ ବୁଲେଟ ଚଲେଇବା ଆରମ୍ଭ କରିଥିଲା । ହେଉପଛେ ଥାର୍ଡ କ୍ଲାସ ଏକାଥରକେ ମାଟ୍ରିକ ପାଶ ପାଶ୍ କରିଥିବାରୁ ତା' ଜେଜେଙ୍କଠାରୁ ଉପହାର ସ୍ୱରୂପ ମିଳିଥିଲା ତାକୁ ଏକ କଳା ରଙ୍ଗର ବୁଲେଟ୍ । ସେତେବେଳକୁ ଆମ ଭିତରୁ କାଁ ଭାଁ କିଏ ସାଇକେଲ ବ୍ୟବହାର କରୁଥିଲେ ମାତ୍ର ।

ମାଟ୍ରିକ ପାଶ କରିବାର ତେର ଚଉଦ ବର୍ଷ ବିତିଯାଇଥିଲା । ଆମ ବ୍ୟାଚର ପିଲା କିଏ କେଉଁଠି ଚାକିରୀ କରିଥିଲେ ଅବା କେହି ବ୍ୟବସାୟ । ତିନି ଚାରି ଜଣ ସାଂଗ ପାଠ ପଢ଼ା ଛାଡି ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିଲେ । ବୁଲେଟ ପ୍ରଧାନ ପାଖ କଲେଜରୁ ଆଇ.ଏ. କୌଣସି ମତେ ପାସ୍ କଲା ସିନା ବି.ଏ. ପାସ୍ କରିପାରିଲାନି । ପଢିଲା ବେଳେ 'କଲେଜ ଶ୍ରୀ' ଉପାଧି ତାକୁ ମିଳିଥିଲା ଆଉ କଲେଜ ଇଲେକ୍ସନରେ ସଭାପତି ଆସନ ମଧ୍ୟ ସେ ଅଳଂକୃତ କରିଥିଲା । ଗାଁରେ ରହି ଗୋଟିଏ ଫାର୍ମ ହାଉସ କରିଥିଲା । ତା'ର ପଇସା ପତ୍ରରେ ଅଭାବ ନଥିଲା । ବାପା, ଜେଜେବାପାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ମିଳିଥିଲା ପ୍ରଚୁର ପଇସା ।

ଆମ ସାଙ୍ଗମାନଙ୍କ ଭିତରେ ମଝିରେ ମଝିରେ ବୁଲେଟ ପ୍ରଧାନ ବିଷୟରେ ଆଲୋଚନା ହୁଏ । ତା'ର ତ ୱାର୍କ ଫ୍ରମ ହୋମ୍ । ତା'ର ଉଭା ଯେତେ ପୋତା ସେତେ । ଗାଁକୁ ଗଲେ ଜଣେ ଦୁଇ ଜଣ ସାଙ୍ଗ ବୁଲୁ ବିଷୟରେ ଏମିତି ଆଡୁ ସାଡୁ କହନ୍ତି । ତା'ର କେଉଁଠି କାହା ସହିତ ଚକ୍କର ଅଛି ବୋଲି ବି ସେମାନଙ୍କର ଅନ୍ଦାଜ । ହେଲେ ବୁଲୁ କେବେ ଅବାଟରେ ଯିବାର କିମ୍ୱା କେଉଁ ଝିଅ ସହିତ ସମ୍ପର୍କ ରଖିଥିବାର କଥା ମୋର ଧାରଣାର ବାହାରେ । ସେମାନେ ଯେ କେବଳ ଅନ୍ଧାରରେ ବାଡି ବୁଲାନ୍ତି ମୁଁ ବୁଝିପାରେ ।

ଥରେ ଗାଁକୁ ଯାଇଥିବା ବେଳେ ବୁଲୁ ପାଖକୁ ଯାଇ ସିଧା ସାଙ୍ଗ ମାନଙ୍କ ତା' ଉପରେ ଆସିଥିବା ଆରୋପ ବିଷୟରେ ପଚାରିଲି ।

-'ମୋ ପାଖରେ ମାଳମାଳ ଅଛନ୍ତି । ଯଦି କହିବୁ ତୋ ପାଇଁ ଗୋଟିଏ ଯୋଗାଡି ଦେବି ।' ହସି ହସି କହିଲା ବୁଲୁ ।

ବୁଲୁର ହସ ମୋତେ କାହିଁକି କୁଟିଳିଆ ହସ ପରି ଲାଗିଲା ।

-'ମୋତେ କ'ଣ ଚିହ୍ନି ପାରୁନା ବିକାଶ । ମୁଁ ଚିନୁ.. ଚିନ୍ମୟୀ ।'

ହଠାତ୍ ସମ୍ବିତ ଫେରି ପାଇଲି ନିଜ ନାଁ ସମ୍ବୋଧନରେ ।

ଚିନୁକୁ ବହୁତ ଦିନ ପରେ ଦେଖିଲି । ହାଇସ୍କୁଲ ପର୍ଯ୍ୟନ୍ତ ସାଙ୍ଗ ହୋଇ ପଢିଥିଲୁ । ତା' ପରଠୁ ଆଉ କିଛି ଖୋଜ ଖବର ରଖି ନଥିଲୁ କେହି କାହାର ।

-' ମୁଁ ବୁଲୁ ଘରକୁ ଯାଇ ଏବେ ଫେରୁଛି । ଟିକିଏ ଅନ୍ୟମନସ୍କ ହୋଇ ପଡିଥିଲି ତ ହଠାତ୍ ଚିହ୍ନି ପାରିଲି ନାହିଁ ।' ମାନିଗଲି ସତକଥା ।

ଚିନୁ ଗୋଟିଏ ସଫ୍ଟୱେର କମ୍ପାନୀରେ ଅଛି ବୋଲି ଜାଣିଲି । ହେଲେ ତା' ବାହାଘର କଥା କିମ୍ୱା ଆଉ କିଛି କଥା ତ ମୁଁ ପଚାରି ପାରିଲି ନାହିଁ ? ଘରେ ପହଞ୍ଚି ମନେ ମନେ ଅବସୋସ କଲି ।

ମନେ ପଡିଲା ପିଲାଦିନର ଚିନୁ କଥା । ବୋଧହୁଏ ସପ୍ତମ ଶ୍ରେଣୀ ହୋଇଥିଲା । ଦିନେ ହଠାତ୍ କ୍ଲାସ ଟିଚର୍ ରବି ସାର୍ ବ୍ରେକ ପିରିୟଡ଼ରେ ପଶି ଆସିଲେ ।

-'ଚିନ୍ମୟୀକୁ କାହିଁକି 'ଫୁଲେଇ' ବୋଲି କହିଲୁ ? ଇଡିଅଟ୍..! ପାଠପଢ଼ା ନାହିଁ । ଏଇ ଫାଜିଲାମି ଚାଲିଛି ?' ସାର୍‌ଙ୍କ ବେତ ମୋରି ଆଡକୁ ଲହ ଲହ ହେଉଥିଲା । ଏଇ ବର୍ଷିଯିବ ସାର୍‌ଙ୍କ ରାଗ ମୋ ଉପରେ । ମୋର ହଲକ ଶୁଖିଗଲା ପ୍ରାୟ..!



-' ସାର, ବିକାଶ ନୁହଁ, ମୁଁ କହିଥିଲି । କିନ୍ତୁ ତାକୁ ତ କହିନି ।'

-' ସାର, ମୁଁ ବାହାରକୁ ଯାଉଥିବା ବେଳେ ମୋତେ କହିଲା ।' କାନ୍ଦୁଥିବା ଅବସ୍ଥାରେ କହିଲା ଚିନୁ ।

-'ମୁଁ 'ଫୁଲେଇ' କହୁଥିବା ବେଳେ ତୁ କାହିଁକି ଯାଉଥିଲୁ କି ?'

ବୁଲୁ ସିଧାସଳଖ ଆକ୍ରମଣ କଲା ଚିନ୍ମୟୀ ଉପରେ । ବୁଲୁର ଏ ଉତ୍ତରରେ ଉପସ୍ଥିତ ଥିବା ସବୁ ପିଲା ହସି ଉଠିଲେ ।

-'ରହ ତୋ' ବାପାଙ୍କୁ ଏ ବିଷୟରେ କହୁଛି ।' ସାର୍ ହସ ଲୁଚେଇ ଏତିକି ତାଗିଦ୍ କରି ଫେରିଗଲେ । ଆମେ ସମସ୍ତେ ଜାଣିଥିଲୁ ବୁଲୁ ବାପାଙ୍କ ପାଖରେ ଏ ଖବର ପହଞ୍ଚିବନି । ବୁଲୁ ବି ଜାଣିଥିଲା । କାରଣ ତା' ବାପା ରହନ୍ତି କଲିକତାରେ । ହେଲେ ପ୍ରକୃତ ଦୋଷୀ 'ମୁଁ' ରକ୍ଷା ପାଇ ଯାଇଥିଲି ବୁଲୁ ଭଳି ସାଙ୍ଗ ପାଇଁ ।

ମନେ ମନେ ହସିଲି ସେଦିନର କଥା ଭାବି । ଏତିକି ବେଳକୁ ମନେ ପଡିଗଲା ଏଇ ତିନି ଚାରି ବର୍ଷ ତଳର କଥା । କଟକରୁ ଗାଁକୁ ଆସୁଥିଲି ବାଇକରେ । ଆମ ଗାଁ ଠୁ ତିନି ଚାରି କିଲୋମିଟର ଦୂରରେ ପଡେ ପଚ୍ଚାମୁଣ୍ଡାଇ ବଜାର । ବଜାର ଶେଷ ମୁଣ୍ଡରେ ପହଞ୍ଚିବା ବେଳକୁ ମୋ ବାଇକ ଆଗକୁ ଆସିଗଲା ଗୋଟିଏ ଗଞ୍ଜା । ସେଇଠି ହିଁ ସବୁ ଶେଷ । ଗଞ୍ଜା ପାଖରୁ ଆଖି ଫେରେଇଲି ତ ସାମ୍ନାରେ ଦେଖିଲି କେତେ ଗୁଡିଏ ନିର୍ଦ୍ଦୟୀ ଆଖି ।

-' ଆବେ ପକାବେ ହଜାର ଟଙ୍କା । ନହେଲେ ଏବେ ଦେଖିବୁ ?'

-' ଶଳାର ଗାଡି ଛଡେଇ ରଖବେ ! ବଳେ ସବୁ ଠିକ୍ ହୋଇଯିବ ।'

-'ହାରାମି, ଦେଖିକି ଗାଡି ଚଲେଇ ପାରୁନୁ ?'

-' ଚାହିଁଛୁ କ'ଣ ବେ ? ପକା ଏବେ ଟଙ୍କା ।'

ସେମାନଙ୍କ ଧମକରେ ମୁଁ କାକୁସ୍ଥ । ' ମୋର କ'ଣ ଦୋଷ ? ଗଞ୍ଜାଟା ତ ହଠାତ୍ ଗାଡି ପାଖକୁ ଆସିଗଲା ।' ମନରେ ଥିବା ଏ କଥାକୁ ମୁହଁକୁ ଆଣି ପାରୁନଥିଲି । କାଳେ ବସିଯିବ ମୋ ମୁହଁରେ ଦୁଇଟା ଘୁଷି... !

ଗହଳି ପାଖରେ ହଠାତ୍ ବୁଲେଟଟିଏ ଠିଆ ହେଲା । ମୋ ପିଣ୍ଡରେ ପ୍ରାଣ ପଶିଲା । ବୁଲେଟ ପ୍ରଧାନ ମୋ ସାମ୍ନାରେ ।

-'ଆରେ ବୁଲୁ ବାବୁ । ଆପଣଙ୍କ ଚିହ୍ନା । ଆମେ ଜାଣି ନଥିଲୁ ।'

ବୁଲୁର ଇସାରାରେ ମୁଁ ଗାଁ ଆଡକୁ ମୁହାଁଇବା ପୂର୍ବରୁ ଥରେ ପଛକୁ ଚାହିଁଲି । ବୁଲୁ ସେମାନଙ୍କ ଆଡକୁ ପାଞ୍ଚ ଶହ ଟଙ୍କା ବଢଉଥିବାର ମୁଁ ଦେଖିଲି ।

ଏତିକି ବେଳକୁ ଚିନୁର ଫୋନ୍ କଲ୍ ଆସି ମୋ ଭାବନାର ଅନ୍ତ ଘଟାଇଲା ।

-' ମୋତେ ଟିକିଏ ସାହାଯ୍ୟ କରିପାରିବ ? ବିପ୍ଳବଙ୍କୁ ମୁଁ ଭଲପାଏ । ତାଙ୍କୁ ବାହା ହେବାକୁ ଚାହେଁ । ଇତ୍ୟାଦି ଇତ୍ୟାଦି... । ତୁମେ ତାଙ୍କର ସବୁଠୁ ଭଲ ସାଙ୍ଗ । ତୁମେ ଚାହିଁଲେ ସବୁ ସମ୍ଭବ ହେବ । ସେ ବିଶ୍ୱାସ ମୋର ଅଛି ।'

ମୁଁ ଫୋନ୍ କାଟିଲି ଆଉ ଚିନୁ ବିଷୟରେ କ'ଣ ଭାବିଛୁ ବୋଲି ବୁଲୁକୁ ସିଧା ପଚାରିଲି । ବୁଲେଟ ପ୍ରଧାନ ଚିରାଚରିତ ଭାବରେ ହୋ ହୋ ହୋଇ ହସିଲା । ଯେମିତି ଫୁ କରି ମୋ କଥାକୁ ଉଡ଼ାଇ ଦେଲା ।

ଛୁଟି ନେଇ ସେଦିନ ଗାଁରେ ରହିଲି । ମୋ କଥା ଅନୁଯାୟୀ ପରଦିନ ଚିନୁ ଥିଲା ପଚ୍ଚାମୁଣ୍ଡାଇ ପୋଲିସ୍ ଷ୍ଟେସନରେ ।

ବିପ୍ଳବ ପ୍ରଧାନ ନାଁରେ ଏଫ.ଆଇ.ଆର. !

ଅଭିଯୋଗ କାରିଣୀ - ଚିନ୍ମୟୀ ପଟ୍ଟନାୟକ

ଅଭିଯୁକ୍ତ - ବିପ୍ଳବ ପ୍ରଧାନ

ଅଭିଯୋଗ - ଭଲ ପାଇବାର

ଛଳନା କରି ଦୁର୍ବ୍ୟବହାର

ସାକ୍ଷୀ - ବିକାଶ ମିଶ୍ର

କିଛି ସମୟ ଭିତରେ ଅଭିଯୁକ୍ତ ବିପ୍ଳବ ପ୍ରଧାନ ଥାନାକୁ ଆସିଲା । ଏଫ୍. ଆଇ. ଆର ପଢିଲା । ମୋ ଆଡକୁ କଟମଟ କରି ଚାହିଁଲା । ଚିନ୍ମୟୀ ଆଡକୁ ବୁଲି ଚାହିଁଲା ତ ତା' ଆଖିରେ ଲୁହ ଦେଖିଲା ବୁଲୁ । ମୁହଁ ତଳକୁ କଲା ।

ମୋତେ ଇସାରାରେ ଗୋଟିଏ ପାଖକୁ ଡାକିଲା । ମୋ ପଛେ ପଛେ ଚିନୁ ।

- 'ତୁ କାହିଁକି ମୋ ନାଁରେ ମିଛ ସାକ୍ଷୀ ଦେଇଛୁ ?'

-'ଚିନ୍ମୟୀ କହୁଛି ତୁ ଆଜିକୁ ଚଉଦ ବର୍ଷ ଦୁଇ ମାସ କୋଡିଏ ଦିନ ତଳେ ତାକୁ ଚୁମା ଦେଇଥିଲୁ ।'

-'ସେ ନିଜେ ମୋ ଠାରୁ ଚୁମା ଖାଇଥିଲା ।' ମୁରୁକି ହସି କହିଲା ବୁଲୁ ।

-' ସେଇ ଏକା କଥା । ସେ ସେଇ ଦିନଠାରୁ ତୋତେ ଭଲ ପାଉଛି । ଏବେ ତୁ ତାକୁ ବାହା ହେବା ଉଚିତ । ତୋ ପାଇଁ ସେ ଏତେ ଦିନ ଧରି ଅପେକ୍ଷା କରିଛି । ଦୁହିଁଙ୍କର ଅଭିଭାବକ ଭଳି ମୁଁ କଥା ହେଉଥିଲି ।'

-' ଚିନୁ ଏତେ ପାଠ ପଢିଛି । ମୋ ଭଳି ମୂର୍ଖକୁ କାହିଁକି ବାହା ହେବ ?' ଧୀରେ କହିଲା ବୁଲୁ ।

-' ଏଇ କେତେ ବର୍ଷ ଭିତରେ ଚିନୁର କେତେ ଖଣ୍ଡ ଚିଠି ପାଇଛୁ ଆଉ କେତେଟା ଚିଠିର ଉତ୍ତର ଦେଇଛୁ ?'

-'ମୁଁ କ'ଣ ତାକୁ କହିଥିଲି ମୋତେ ଚିଠି ଦେବାକୁ ?'

-' ହାୟରେ ଗଧ କେଉଁଠିକାର ।' ମୁଁ ଚିଡିଲା ଭଳି କହିଲି । ମୋ କଥାରେ ବୁଲୁ କିନ୍ତୁ ହସିଲା ।

-'ବିକାଶ, ତାଙ୍କୁ କହିଦିଅ ମୁଁ ସବୁ ସାର୍ଟିଫିକେଟ ଚିରି ଫୋପାଡି ଦେବି ।' ଆମ କଥା ମଝିରେ ଚିନୁ କହିଲା ।

ବୁଲୁ କଣେଇ ଚାହିଁଲା ମୋ ଆଡକୁ । ତୁମେ ଦୁଇଜଣ ଯାହା ଇଚ୍ଛା କରୁଛ କର ।

ଅର୍ଥାତ୍ ବୁଲୁ ରାଜି ହୋଇଗଲା । ଏଫ୍.ଆଇ.ଆର କ୍ୟାନ୍ସଲ୍ ।

ବୁଲୁ ବାହାଘରରେ ମୁଁ ଯୋଗ ଦେଇଥିଲି । ପ୍ରାୟ ସାଙ୍ଗ ବି ଯୋଗ ଦେଇଥିଲେ । ବାହାଘର ପରେ ଚିନୁର ଚାକିରୀ ଛାଡିବା ଆଉ ଦରକାର ହୋଇ ନଥିଲା । ସେ ୱାର୍କ ଫ୍ରମ ହୋମ୍‌ରେ ଥିଲା ।

ପଚ୍ଚାମୁଣ୍ଡାଇ ବଜାରରେ ଏବେ ଖୋଲିଥିବା ବୁଲେଟ ସୋ ରୁମ୍‌ର ମାଲିକ ବିପ୍ଳବ ପ୍ରଧାନ । ସୋ ରୁମ୍ ଉନ୍ମୋଚନ ଦିନ ଯୋଗ ଦେବାକୁ ମୋତେ ସବିନୟ ଅନୁରୋଧ କରିଥିଲା ଚିନ୍ମୟୀ..!

-' ଓ ହୋ ଛୁପା ରୁସ୍ତମ ! ମୋ ସାନ ଭଉଣୀ ତୁମକୁ ମ୍ୟାରେଜ କରିବାକୁ ରାଜି । ସେ ଏଇଠି ଅଛି । ବାକି କଥା ତୁମେ ଦୁଇଜଣ ହୋଇଯାଅ । ଆସନ୍ତା ମାସରେ ବାହାଘର ତିଥି ଅଛି । ବାପା ବୋଉ ବି ରାଜି । ତୁମ କାମ ମୁଁ ଠିକ୍ ଭାବରେ ତୁଲେଇ ଦେଇଛି । ମୋ ପାଇଁ ଭଲ ଗିଫ୍ଟର ବ୍ୟବସ୍ଥା କରିବ, ହେଲା ।' ହସି ହସି କହିଲା ଚିନୁ ।

+କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

# କଂକ୍ରିଟ୍ ତତାଉଛି ଭୁବନେଶ୍ୱର: ଆର୍ଦ୍ରଭୂମି, ଜଳାଶୟ କମୁଛି



ଭୁବନେଶ୍ୱର, ୦୭/୪ (ନି.ପ୍ର): ଦିନକୁ ଦିନ ରାଜଧାନୀର ତାପମାତ୍ରା ବଢ଼ିବାରେ ଲାଗିଛି। ତାପମାତ୍ରା ତୁଳନାରେ ଅଧିକ ଗରମ ମଧ୍ୟ ଅନୁଭୂତ ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଗତକାଲି ଗତ ତିନିମାସ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱର ଦେଶରେ ଦ୍ୱିତୀୟ ଓ ରାଜ୍ୟର ପ୍ରଥମ ଉତ୍ତପ୍ତ ସହର ଭାବେ ଉଭା ହୋଇଛି। ତେବେ କାହିଁକି ତାତୁଛି ଭୁବନେଶ୍ୱର ? କ'ଣ ହୋଇପାରେ କାରଣ ? ବିଶେଷଜ୍ଞମାନେ ଦ୍ରୁତ ସହରୀକରଣକୁ ଦାୟୀ କରିଥିବା ବେଳେ ପଶ୍ଚିମ ଦିଗରୁ ବୋହୁଥିବା ଶୁଷ୍କ ବାୟୁ ଗତକାଲି ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ଥିବା ମତ ପ୍ରକାଶ ପାଇଛି। ଗତକାଲି ସବୁଠାରୁ ଅଧିକ ଉତ୍ତପ୍ତ ହୋଇଥିଲା ରାଜଧାନୀ। ଏପ୍ରିଲ ମାସରେ ଏଭଳି ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ପ୍ରାକୃତିକ ନୁହେଁ ବରଂ ମନୁଷ୍ୟକୃତ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ଭୁବନେଶ୍ୱର ସହର ସମେତ ଉପକଣ୍ଠ ଅଞ୍ଚଳଗୁଡିକରେ କଂକ୍ରିଟ୍ ନିର୍ମାଣ ଆଶାତୀତ ଭାବରେ ବୃଦ୍ଧି ପାଇଛି। ଗୋଟିଏ ପଟେ କଂକ୍ରିଟ ଜଙ୍ଗଲ ବଢୁଥିବା ବେଳେ ଅନ୍ୟପଟେ ଆର୍ଦ୍ରଭୂମି ହ୍ରାସ ପାଇବାରେ ଲାଗିଛି। ଜଳ ଉତ୍ସଗୁଡ଼ିକ ମଧ୍ୟ ନଷ୍ଟ ହେବାରେ ଲାଗିଛି। ଏକଦା ଜଳର ପ୍ରମୁଖ ଉତ୍ସ ଥିବା ଜାଗା ଏବେ ପୋତି ହୋଇଯାଇଛି। କେଉଁଠି ବେଆଇନ ନିର୍ମାଣ ହୋଇଥିବା ବେଳେ ଅନ୍ୟ କେଉଁଠି ଜଳାଶୟରେ ହୋଇଥିବା କୋଠାକୁ ପରବର୍ତ୍ତୀ ସମୟରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଏଭଳି ଭାବେ ଆର୍ଦ୍ରଭୂମି କମି କମି ଯାଉଥିବାରୁ ତାତି ବଢ଼ି ଚାଲିଛି। ସେହିଭଳି ସୁଉଚ୍ଚ ଅଟ୍ଟାଳିକା ସଂଖ୍ୟା ଲଗାତାର ବଢ଼ିବାରେ ଲାଗିଛି। ଭୁବନେଶ୍ୱର ସହର ଭିତରେ ବିଭିନ୍ନ ନିର୍ମାଣ ପାଇଁ ବିଏମ୍‌ସି ଅନୁମତି ପ୍ରଦାନ କରୁଥିବା ବେଳେ ଉପକଣ୍ଠରେ ବିଡିଏ ସ୍ୱୀକୃତି ଦେଉଛି। ଏହି ସବୁ ନିର୍ମାଣ ପାଇଁ ଏବେ ତାତି ବଢ଼ିବାରେ ଲାଗିଥିବା ମତ ପ୍ରକାଶ ପାଇଛି। ଏହା ସହିତ ଆଉ ଏକ ପ୍ରମୁଖ କାରଣ ହେଉଛି ଭୁବନେଶ୍ୱରରେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ସଂଖ୍ୟା ଅନ୍ୟ ସହର ଠାରୁ ଅଧିକ। ଏଥିରୁ ନିର୍ଗତ ଧୂଆଁ ତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ ହୋଇଛି। ତେବେ ଗତକାଲି ହଠାତ୍ ତାପମାତ୍ରା ବଢ଼ିବା ନେଇ ବିଶେଷଜ୍ଞ ଭିନ୍ନ ମତ ଦେଇଛନ୍ତି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି, ଭୁବନେଶ୍ୱରରେ ପବନର ଦିଗ ଗତକାଲି ମୁଖ୍ୟତଃ ଦକ୍ଷିଣ-ପଶ୍ଚିମ ରହିଥିଲା। ପଶ୍ଚିମ ଦିଗରୁ ଯେଉଁ ପବନ ବୋହୁଥିଲା ତାହା ଶୁଷ୍କ। ଏହି ଶୁଷ୍କ ପବନ ସୂର୍ଯ୍ୟରଶ୍ମିକୁ ଆହୁରି ତୀବ୍ର କରିଦିଏ। ଗୋଟିଏ ପଟେ ସହରୀକରଣ ଜନିତ ତାପମାତ୍ରା ବୃଦ୍ଧି ଓ ଏହି ସୂର୍ଯ୍ୟରଶ୍ମିର ତୀବ୍ରତା ଭୁବନେଶ୍ୱରକୁ ତତଲା ପିଣ୍ଡ କରି ଦେଇଥିଲା। ସେହିଭଳି ନୟାଗଡ଼ରେ ତାପମାତ୍ରା ବୃଦ୍ଧି ପାଇଁ ପବନର ଦିଗ ଅତ୍ୟନ୍ତ ସହାୟକ ଥିଲା। ସକାଳ ୮ଟା ୩୦ ପରେ ପଶ୍ଚିମ ତଥା ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହେଉଥିଲା। କିନ୍ତୁ ୨/୩ ଦିନ ଧରି ରାଜଧାନୀ ଠାରୁ ଅଧିକ ତାପମାତ୍ରା ରହୁଥିଲା। ଗତକାଲି ଏହି ବୃଦ୍ଧିରେ ହ୍ରାସ ଘଟିଥିଲା। ସେହିଭଳି କଟକରେ ମଧ୍ୟ ଦିନ ତମାମ ଦକ୍ଷିଣ ପଶ୍ଚିମ, ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହୋଇଥିଲା, ଯାହାକି ତାପମାତ୍ରା ବୃଦ୍ଧି ପାଇଁ ଅତ୍ୟନ୍ତ ସହାୟକ। କିନ୍ତୁ ଏହା ସତ୍ତ୍ୱେ ଭୁବନେଶ୍ୱର ଠାରୁ କଟକରେ ତାପମାତ୍ରା କମ୍ ରହିଥିଲା। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଉତ୍ତର-ପଶ୍ଚିମ ବାୟୁ ସହର ଭିତରେ ଧିମା ହୋଇଯାଉଛି। ଭୁବନେଶ୍ୱରରେ କଂକ୍ରିଟ୍ ଜଙ୍ଗଲ ଯୋଗୁ ପଶ୍ଚିମା ବାୟୁ ବୋହିବା ସୁବିଧା ନାହିଁ। ଗତକାଲି ପବନର ବେଗ ଏମିତି ବି ଧିମା ଥିଲା। ଜଳାଶୟ ନାହିଁ। ଗଛବୃକ୍ଷ ବି ନାହିଁ। ରାସ୍ତାରୁ ଉତ୍ପନ୍ନ ତାତି ଓ ଗାଡ଼ିର ଧୂଆଁରୁ ବାହାରୁଥିବା ତାତି ଭୁବନେଶ୍ୱରକୁ ତତଲା କରିଛି।

# ମା' ରୁଦ୍ରକାଳୀଙ୍କ ଦଣ୍ଡଯାତ୍ରା: ଶହଶହ ବର୍ଷର ପରମ୍ପରାକୁ ବଞ୍ଚେଇ ରଖିଛନ୍ତି ଘୁମୁସର ଉଦୟଗିରି ଦଣ୍ଡ ଦଳ



ଘୁ.ଉଦୟଗିରି, ୦୭/୪ (ନି.ପ୍ର): ତିନି ଶହ ବର୍ଷର ପୁରୁଣା ପରମ୍ପରା କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରିର ଦଣ୍ଡନାଚ। ସେଇ ପୁରୁଣା ପରମ୍ପରାକୁ ବଞ୍ଚେଇ ରଖିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଆଧୁନିକତା ସ୍ପର୍ଶ କରିନି ସ୍ଥାନୀୟ ଦଣ୍ଡ ଯାତ୍ରାରେ। ସେଇ ପୁରୁଣା ଦଣ୍ଡ ନୃତ୍ୟ। ସେଇ ଦିନରେ ଧୂଳିଦଣ୍ଡ କନ୍ଧ-କନ୍ଧୁଣି, ଗୌଡ଼-ଗୌଡୁଣି, ଶବର-ଶବରୁଣୀ, ରାତିରେ କାଳୀକା, ଈଶ୍ୱର-ପାର୍ବତୀ, ଚଢ଼େଇ-ଚଢ଼େଇଆଣି ଭଳି ଦଣ୍ଡନୃତ୍ୟ ଭିତରେ ଚାଲିଛି ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ଯାତ୍ରା ଶ୍ରୀ ଶ୍ରୀ ଶ୍ରୀ ମାଁ ରୁଦ୍ରକାଳୀଙ୍କ ପାରମ୍ପରିକ ଦଣ୍ଡ ଯାତ୍ରା। ହର୍ଷ ଉଲ୍ଲାସରେ ଚଳିତ ବର୍ଷ ପାଳିତ ହେଉଛି। ଏହି ପାରମ୍ପରିକ ଦଣ୍ଡଯାତ୍ରା ଗତ ସୋମବାର ରାତିରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୩ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ୧୩ ଦିନ ମାଁ ରୁଦ୍ରକାଳୀ ଓ ଦେବଦେବ ମହାଦେବ ୧୩ ଭୁକ୍ତା ଓ ମାନସିକ ପୂରଣ ନିମନ୍ତେ ପଇତା ଧାରି ସେବାୟତଙ୍କ ସହ ଭକ୍ତମାନଙ୍କ ଘରକୁ ଯାତ୍ରା କରିଥାନ୍ତି। ସମସ୍ତ ଦଣ୍ଡୁଆ ପ୍ରତ୍ୟେକ ଦିନ ଏକ ଓଳି ଭୋଜନ ଗ୍ରହଣ କରିଥାନ୍ତି। ଦିନ ୧୨ ଘଣ୍ଟିକା ପରେ ଭକ୍ତଙ୍କ ଘର ସମ୍ମୁଖରେ ଧୂଳି ଦଣ୍ଡ ଅନୁଷ୍ଠିତ ହୁଏ। ସେହି ସମୟରେ ପଇତା ଧାରି ମାନସିକ ଭକ୍ତମାନେ ବିଭିନ୍ନ ଦଣ୍ଡ ଗ୍ରହଣ କରି ସେବା କରିବା ସହ କଳାକାର ବହୁତ୍ ସୁନ୍ଦର ଅଭିନୟ ସହ ନୃତ୍ୟ କରିଥାନ୍ତି। ବିଭିନ୍ନ ଦଣ୍ଡରେ ଆଧୁନିକତା ଏବଂ ଅଶ୍ଳୀଳତା ପ୍ରବେଶ କରିଥିବା ବେଳେ ଘୁ.ଉଦୟଗିରି ଦଣ୍ଡ ଯାତ୍ରା ଏଥିରୁ ବାଦ ପଡ଼ିଛି। କାରଣ ଦଣ୍ଡନୃତ୍ୟରେ ଦିନରେ ହେଉ କି ରାତିରେ ନାରୀ ଭୂମିକାରେ ପୁରୁଷମାନେ ହିଁ ଅଭିନୟ ପ୍ରଦର୍ଶନ କରନ୍ତି। ଅନ୍ୟ ପକ୍ଷରେ ରାତିରେ ଅନୁଷ୍ଠିତ ସାମାଜିକ ନାଟକ କୌଣସି ଷ୍ଟେଜରେ ହୁଏ ନାହିଁ। ବରଂ ଏହା ବିନା ମଂଚରେ ପରିବେଷିତ ହୋଇଥାଏ। ସମସ୍ତ ନାଚୁଆ ୧୩ଦିନ ସମସ୍ତ ନୀତି ନିୟମ ମାନି ଦଣ୍ଡୁଆଙ୍କ ପୋଷାକ ଧୋତି ପିନ୍ଧି ରୁହନ୍ତି। ବାହାର ଖାଦ୍ୟ ସେବନରୁ ନିବୃତ୍ତ ରହିଥାନ୍ତି। ମାଁଙ୍କୁ ବରଣ କରିଥିବା ଭକ୍ତ ଦାଣ୍ଡରେ ମାଁଙ୍କ ଦଣ୍ଡ ନାଚ ଅନୁଷ୍ଠିତ ହୋଇଥାଏ। ପୁରାଣ ଶାସ୍ତ୍ର ଅନୁସାରେ ପୁରାତନ ପରମ୍ପରାକୁ ନାଚ ଗୀତ ମାଧ୍ୟମରେ ପରିବେଷଣ କରାଯାଇଥାଏ। ସନ୍ଧ୍ୟା ସମୟରେ ପାଣି ଦଣ୍ଡ ଅନୁଷ୍ଠିତ ହୁଏ ଅର୍ଥାତ୍ ସମସ୍ତେ ନଦୀ, ବନ୍ଧ ତୋଠରେ ନିଜେ ସ୍ନାନ ହେବା ସହ ଦେବା ଦେବୀଙ୍କୁ ସ୍ନାନ କରାଇଥାନ୍ତି ସେଠାରେ ରୀତି ନୀତି ଅନୁଯାୟୀ ପୂଜା ପାଠ କରାଯିବା ପରେ ପୂଜାରୁ ଆସିଥିବା ପାଦୁକା ସାହାଯ୍ୟରେ ପଣା ପ୍ରସ୍ତୁତ କରାଯାଇ ପଣା ପିଇଥାନ୍ତି। ସନ୍ଧ୍ୟା ଆଳତି ପରେ ଭୋଜନ ପ୍ରସ୍ତୁତ ହୁଏ ଓ ବିଳମ୍ବିତ ରାତିରେ ସମସ୍ତ ଦଣ୍ଡୁଆ ଭୋଜନ କରିଥାନ୍ତି। ଯାହା ସହର ର ସାହି ସାହି ରେ ଢୋଲ ମହୁରି ଶବ୍ଦର ତାଳେ ତାଳେ ଦଣ୍ଡ ନାଚ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳୁଛି। ଦଣ୍ଡ ଯାତ୍ରାର ଢୋଲ, ତୁରୀ, ବାଜା ସହିତ ଝୁଣା ବାସ୍ନାରେ ଆଧାତ୍ମିକ ପରିବେଶ ମଧ୍ୟରେ ଜନସାଧାରଣ ଯାତ୍ରା ଉପଭୋଗ କରୁଥିବା ଦେଖିବାକୁ ମିଳୁଛି। ଦିନ ଓ ରାତି ରେ ପାରମ୍ପରିକ ଦଣ୍ଡ ଯାତ୍ରା ର ବିଭିନ୍ନ ଚରିତ୍ର ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏହି ଯାତ୍ରା ସମୟରେ ପ୍ରାୟ ସମସ୍ତ ହିନ୍ଦୁ ପରିବାରରେ ଆମିଷ ବର୍ଜନ ହୋଇଥିବା ବେଳେ ଶାକାହାରୀ ଖାଦ୍ୟ ଖାଇଥାନ୍ତି। ସୂଚନା ଅନୁସାରେ ଏହି ଯାତ୍ରା ଚଳିତ ମାସ ମାସନ୍ତ ତିଥି ୧୩ ତାରିଖ ଦିନ ମେରୁ ଯାତ୍ରା ସହ ଏହି ଦଣ୍ଡ ଯାତ୍ରା ଶେଷ ହେବ। ଚଳିତ ବର୍ଷ ସ୍ଥାନୀୟ ସହର ସମେତ ରାଇକିଆ ବ୍ଲକ, ଟିକାବାଲି ବ୍ଲକ ଏବଂ ଗ୍ରାମାଞ୍ଚଳରେ ମହାପ୍ରଭୁଙ୍କ ମାନସିକ ଧାରୀଙ୍କ ଦ୍ୱାର ରେ ଦଣ୍ଡ ଯାତ୍ରା ଅନୁଷ୍ଠିତ ହେଉଥିବା ସୂଚନା ମିଳିଛି।

# ଅଲ ଓଡିଶା ଆର୍ଟିଷ୍ଟ କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ବଲାଙ୍ଗୀର, ୦୭/୪ (ନି.ପ୍ର): ଗାନ୍ଧୀ ଷ୍ଟାଡିୟମ ଠାରେ ବଲାଙ୍ଗୀର ଯୁବ କଳାକାର ସଂଘର ଅଲ୍ ଓଡିଆ ଆର୍ଟିଷ୍ଟ ପ୍ରିମିୟମ ଲିଗ୍ ୨୦୨୪ ସିଜନ-୩ ଉଦଯାପିତ ହୋଇ ଯାଇଛି । ସଭାପତି ବିନୋଦ କାଲସାଏ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁପ୍ରିମ ଟାସ୍କ ହସପିଟାଲର ନିର୍ଦ୍ଦେଶକ ଅଜିତ ପାଲ, ସମ୍ମାନୀତ ଅତିଥି ଭାବେ ସମାଜ ସେବୀ ନିହାଲ ସିଂ, ସନ୍ଦିପ ବାଗ, ସୋମନାଥ ମିଶ୍ର, ବିକାଶ ସା ଓ ବିଶିଷ୍ଟ କଳାକାର ନବୀନ କୁଅଁର,ଅନୀତା ତ୍ରିପାଠୀ, ଶିବ ଶଙ୍କର ପଧାନ ଓ ଅଞ୍ଜନ ଯୋଗ ଦେଇ ଥିଲେ। ଆଜିର ଫାଇନାଲ ମ୍ୟାଚ ଆରସି ଚେଲେଞ୍ଜର ଓ ରକଷ୍ଟାର ୱାରିଅର ମଧ୍ୟରେ ହୋଇଥିବା ବେଳେ ରକଷ୍ଟାର ୱାରିଅର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ଗୋପାଳ ପ୍ରଧାନ, ଏସ୍ ?. ସରୋଜ, ସମିର, ଅଜୟ ନାଗ, ମିଲି ବାରିକ, ଶଶି, ରାଜ ସିନ୍ଧ୍ରିୟା, ଶ୍ରୀକାନ୍ତ ବାଗ, ଦେବେନ ସାହୁ, ବିନୟ ସୁନା, ସାଗର କୁମ୍ଭାର, ନରସିଂହ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁ ଅମିତ ମଛଖଣ୍ଡ, ହୃଦୟ ଶବର, ସଂଗୀତ ସାହୁ, ସୁଦର୍ଶନ ବାଗ, ମନ୍ ?ସି ସୋରେନ, କଳାକୃଷ୍ଣ ସାହୁ ପରିଚାଳନା କରିଥିଲେ।

# ରାଜେନ୍ଦ୍ରନଗରରେ ବ୍ୟାପିଲା ଜଣ୍ଡିସ୍: ୮୬ରୁ ଅଧିକ ଆକ୍ରାନ୍ତ

କଟକ-ବିଦ୍ୟାଧରପୁର, ୦୭/୪ (ନି.ପ୍ର): କଟକରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଅମୃତ ପାଣି ଏବେ ଲୋକଙ୍କ ପାଇଁ ବିଷ ହୋଇଛି। କଟକ ପୌର ନିଗମର ୫୨ ନମ୍ବର ୱାର୍ଡରେ ଏହି ପାଣି ପିଇ ଏବେ ୮୬ରୁ ଅଧିକ ଲୋକ ଜଣ୍ଡିସରେ ଆକ୍ରାନ୍ତ ହେଲେଣି। ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ଅଭିଯୋଗ ହେଉଛି। ରାଜେନ୍ଦ୍ର ନଗର ମଙ୍ଗଳା ମନ୍ଦିର ପୋଷ୍ଟ ଅଫିସ୍ ଠାରୁ ବିଜୟଲକ୍ଷ୍ମୀ ମଣ୍ଡପ ପର୍ଯ୍ୟନ୍ତ ଯାଇଥିବା ଟ୍ୟାପ୍ ପାଣି ଏହି ଅଞ୍ଚଳର ଲୋକ ବ୍ୟବହାର କରୁଥିବାରୁ ଏହି ପାଣି ପିଇ ସେମାନେ ଆକ୍ରାନ୍ତ ହୋଇଥିବା କୁହାଯାଉଛି। ଏସଂପର୍କରେ ସ୍ଥାନୀୟ ସମାଜସେବୀ ପ୍ରଦୀପ୍ତ ଆଚାର୍ଯ୍ୟ କହିଛନ୍ତି ଯେ ଟ୍ୟାପ୍‌ରେ ଆସୁଥିବା ଦୂଷିତ ପାଣି ପିଇ ଅଞ୍ଚଳରେ ଜଣ୍ଡିସ ବ୍ୟାପିବାରେ ଲାଗିଛି। ପୋଷ୍ଟ ଅଫିସ୍ ଲେନ୍‌ରେ ରହୁଥିବା ପ୍ରଶାନ୍ତ ପଣ୍ଡାଙ୍କ ପୂରା ପରିବାର ଏବେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ପ୍ରଶାନ୍ତଙ୍କ ଅଭିଯୋଗ ଅନୁଯାୟୀ ସେ ଏ ସଂପର୍କରେ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କଟକ ପୌର ନିଗମରେ ବି ଅଭିଯୋଗ କରିଥିଲେ। କିନ୍ତୁ ତୁରନ୍ତ ପଦକ୍ଷେପ ନେବା ବଦଳରେ ଏ କାମ ୱାଟ୍‌କୋର ବୋଲି କହି ସିଏମ୍‌ସି କର୍ତ୍ତୃପକ୍ଷ ଚୁପ୍ ବସିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୱାର୍ଡର ଏଭଳି ସ୍ଥିତି ସଂପର୍କରେ କର୍ପୋରେଟର ସୌଭାଗିନୀ ଜେନା କହିଛନ୍ତି ଯେ ପାଣି ପାଇପ୍ ବାରମ୍ବାର ଫାଟି ସେଥିରେ ନଳା ପାଣି ମିଶି ଦୂଷିତ ହେଉଛି। ସେହି ପାଣି ବ୍ୟବହାର କରି ୱାର୍ଡର ଅନେକ ପରିବାର ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଏ ସଂପର୍କରେ ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ୱାଟକୋ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ ସେମାନେ ଏହାକୁ ସେତିକି ଗୁରୁତ୍ୱ ଦେଇ କାମ କରୁନାହାନ୍ତି। ଅଳ୍ପ କିଛି କାମ କରି ଛାଡ଼ି ଚାଲି ଯାଉଛନ୍ତି। ଏ ସଂପର୍କରେ ସିଏମସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବା ପରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଅଞ୍ଚଳକୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି ବୋଲି କର୍ପୋରେଟର କହିଛନ୍ତି। କିନ୍ତୁ ସିଧା ଟ୍ୟାପ୍‌ରୁ ଶୁଦ୍ଧ ପାଣି ପିଇବା ପାଇଁ ପ୍ରଚାର କରାଯାଉଥିବା ବେଳେ ଟ୍ୟାପର ଦୂଷିତ ପାଣି ପିଇ ଲୋକେ ଜଣ୍ଡିସରେ ଆକ୍ରାନ୍ତ ହେବା ଏବେ ପ୍ରତିକ୍ରିୟାର କାରଣ ହୋଇଛି। ଖରା ଦିନେ ୱାଟକୋ ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ ନ କରି ନିଷ୍କ୍ରିୟ ରହିବା ଘଟଣା ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ସମସ୍ୟା ରହିଲେ କେବଳ ଏହି ନିର୍ଦ୍ଦିଷ୍ଟ ୱାର୍ଡ ନୁହେଁ, କଟକ ସହରରେ ବି ଜଳଜନିତ ରୋଗ ବ୍ୟାପକ ହେବା ଆଶଙ୍କା କରାଯାଉଛି।

# ପ୍ରକୃତି ବନ୍ଧୁ ପ୍ରଧାନ ଶିକ୍ଷକ ନିର୍ମଳ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୦୭/୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ-ଜମରାସ୍ଥିତ ମା'ମଙ୍ଗଳା ଉଚ୍ଚ ବିଦ୍ୟାପୀଠର ଆଦର୍ଶ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଓଷ୍ଟାର ସମ୍ପାଦକ ଶିକ୍ଷକ ନେତା ପ୍ରଣବ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଉଦ୍‌ଘାଟନ କରି ନିର୍ମଳ ସାର୍ ଜଣେ ଛାତ୍ର ବତ୍ସଳ ଓ ମେଳାପି ଶିକ୍ଷକ ଥିଲେ । ତାଙ୍କ ଶିକ୍ଷାଦାନରେ ଅନେକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷିତ ହେବା ସହ ସମାଜରେ ସୁ ପ୍ରତିଷ୍ଠିତ ହୋଇପାରିଛନ୍ତି । ଶ୍ରୀ ନାୟକ ଏକାଧାରାରେ ଶିକ୍ଷକତା ସହ ଜଣେ ପ୍ରକୃତି ପ୍ରେମୀ ବ୍ୟକ୍ତିତ୍ୱ ଥିଲେ । ସେ ସ୍କୁଲର ଏକ ସୁନ୍ଦର ଶୈକ୍ଷିକ ବାତାବରଣ ସୃଷ୍ଟିକରିଥିଲେ । ଏହି ସମାରୋହରେ ଅବସରପ୍ରାପ୍ତ ଶିକ୍ଷକ ଚିରଞ୍ଜନ ରାଉତଙ୍କୁ ମଧ୍ୟ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀତ ଅତିଥି ରୁପେ ପରିବେଶ ବିତ୍ ତଥା ମହାକାଳପଡା ବିକାଶ ମଂଚ ସଭାପତି କାଶିନାଥ ରାଉତରାଏ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ରାଜ୍ୟ ଓଷ୍ଟା କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ପ୍ରେମାନନ୍ଦ ଜେନା, ତୈଲୋକ୍ୟନାଥ ସ୍ୱାଇଁ, ଚକ୍ଳକ ସଭାପତି, ସରୋଜିନୀ ସ୍ୱାଇଁ, ଅନ୍ନପୂର୍ଣ୍ଣା ସାହୁ, ରିନାରାଣୀ ରାଉତ ପ୍ରମୁଖ ଯୋଗ ଦେଇ ନିର୍ମଳ କୁମାର ନାୟକ କେବଳ ଜଣେ କୃତୀ ବିଦ୍ୟ ପ୍ରଧାନ ଶିକ୍ଷକ ନଥିଲେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଢୋଲ-ଜମରା ନୁହେଁ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଏକ ମାଇଲ ଖୁ ହୋଇ ରହିଛନ୍ତି ।

# ୧୩ ଲକ୍ଷର ଚନ୍ଦନ କାଠ ଜବତ: ୨ ଗିରଫ



ଓଡ଼ଗାଁ, ୦୭/୪ (ନି.ପ୍ର): ଆଜି ଓଡ଼ଗାଁ ବନାଞ୍ଚଳ କର୍ମଚାରୀମାନେ ଏକ ବଡ଼ ସଫଳତା ହାସଲ କରିଛନ୍ତି। ୧୩ ଲକ୍ଷ ଟଙ୍କାର ଚନ୍ଦନ କାଠ ଜବତ କରିବା ସହ ଦୁଇଜଣ ଆସାମୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ପ୍ରକାଶ ଥାଉକି, ଓଡ଼ଗାଁ ବନାଞ୍ଚଳର ବିଭିନ୍ନ ଗାଁ ଓ ଦେବାଳୟରୁ ଚନ୍ଦନ କାଠ ଚୋରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ବନ କର୍ମଚାରୀମାନେ ଜାଣିବା ପୂର୍ବରୁ ଦୁର୍ବୃତ୍ତମାନେ ଚତୁରତାର ସହ ଖସି ଯାଉଥିଲେ। ଆଜି ଗୌଡ଼ପୁଟ ପଞ୍ଚାୟତ ନୂଆପଲ୍ଲୀ ରାସ୍ତାକଡ଼ରେ ଦୁଇଜଣ ବ୍ୟକ୍ତି କରତ ଯୋଗେ ଚନ୍ଦନ ଗଛ କାଟୁଥିବା କୌଣସି ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ନିର୍ଦ୍ଦେଶରେ ଫରେଷ୍ଟର ସରିତା ବରାଳ, ଫରେଷ୍ଟଗାର୍ଡ ସୌମ୍ୟରଞ୍ଜନ ଦଳେଇ ଓ ପ୍ରୋଟେକ୍ସନ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଚନ୍ଦନ କାଠ ଓ ସେଥିରେ ବ୍ୟବହୃତ ୩ଟି କରତକଳ, ଗୋଟିଏ ହାତ କରତ, ୨ଟି କଟୁରୀ ଓ ଗୋଟିଏ କୁରାଢ଼ି ଜବତ କରିବା ସହ ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ଦୁଇଜଣ କଟାଳି ଚନ୍ଦନ କାଠକୁ ୨ରୁ ୩ ଫୁଟ ସାଇଜ କରି କାଟି ନେବାକୁ ଉଦ୍ୟମ କରୁଥିବା ସମୟରେ ବନ କର୍ମଚାରୀମାନେ ସେମାନଙ୍କୁ ମାଡ଼ି ବସିଥିଲେ। ଦୁଇଜଣ ହେଉଛନ୍ତି କୁରାଳ ପଞ୍ଚାୟତ ଦଣ୍ଡୋର ଗ୍ରାମର ହରି ବିଷୋୟୀଙ୍କ ପୁଅ ସୁବାସ ବିଷୋୟୀ (୪୨) ଓ ନବରନ୍ନପୁର ଗ୍ରାମର ଦେବରାଜ ରାଉତଙ୍କ ପୁଅ ମହେଶ୍ୱର ରାଉତ (୪୩)। ଜବତ ମୂଲ୍ୟବାନ ଚନ୍ଦନ କାଠ ୧୦୮ କେଜି ଏବଂ ସରକାରୀ ମୂଲ୍ୟ ୧୨ ଲକ୍ଷ ୯୬ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ଆକଳନରୁ କରାଯାଇଛି। ଓଡ଼ଗାଁ ଅଞ୍ଚଳରେ କିଛି ବ୍ୟକ୍ତି ମୂଲ୍ୟବାନ ଚନ୍ଦନ କାଠ ଚୋରିକୁ ନିଜର ପେଷା ଭାବେ ଗ୍ରହଣ କରି ବିଭିନ୍ନ ସ୍ଥାନରୁ ଲୁଟ୍ କରୁଛନ୍ତି। ଏନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯିବା ସହ ଆସନ୍ତାକାଲି ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନପାଳ ସରିତା ବରାଳ ସୂଚନା ଦେଇଛନ୍ତି। ଏସଂପର୍କରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ, ଅନ୍ୟ ଚନ୍ଦନ କାଠ ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ଚେଷ୍ଟା ଚାଲିଥିବା କହିଛନ୍ତି।

# ସୁନାବେଡ଼ା ଅଭୟାରଣ୍ୟରେ ଜଳାଭାବ: ଗାଁ ମୁହାଁ ତୃଷାର୍ତ୍ତ ବନ୍ୟପ୍ରାଣୀ




ନୂଆପଡ଼ା, ୦୭/୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟରେ ଏବେ ପାନୀୟଜଳର ଘୋର ଅଭାବ ଦେଖାଦେଇଛି। ଝରଣା, ନଦୀ ନାଳ ସବୁ ଶୁଖି ଯାଇଥିବାରୁ ଅଭୟାରଣ୍ୟ ଭିତରେ ପାଣି ମୁନ୍ଦାଏ ପାଇଁ ବନ୍ୟପ୍ରାଣୀମାନେ ଡହଳବିକଳ ହେଉଛନ୍ତି। ଶେଷରେ ତୃଷାର୍ତ୍ତ ବନ୍ୟପ୍ରାଣୀମାନେ ଗାଁମୁହାଁ ହେଉଥିବା ଦେଖିବାକୁ ମିଳୁଛି। ବନ୍ୟପ୍ରାଣୀମାନେ ପାଣି ଅନ୍ୱେଷଣରେ ଜଂଗଲର ତଳି ଅଂଚଳକୁ ଆସୁଥିବାରୁ ଶିକାରୀ ହାବୁଡ଼ରେ ପଡୁଛନ୍ତି। ସେହିପରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ବନ୍ୟପ୍ରାଣୀମାନେ ଅଂଶୁଘାତର ଶିକାର ହେଉଛନ୍ତି। ପ୍ରତିବର୍ଷ ସମ୍ବର, ହରିଣ, ବାରହା, କୁଟୁରା ଭଳି ଶତାଧିକ ବନ୍ୟପ୍ରାଣୀ ପ୍ରାଣ ହରାଉଥିବା ମଧ୍ୟ ଜଣାପଡ଼ିଛି। ଗତ ବର୍ଷ ନୂଆପଡ଼ା ବ୍ଲକ୍ ଧରମବନ୍ଧା ସିଲିଆରିବାହାର ଗାଁ ଜଙ୍ଗଲରେ ଏକ କଲାରାପତିଆ ଅଂଶୁଘାତର ଶିକାର ହୋଇଥିବା ନୂଆପଡ଼ା ଏସିଏଫ୍ ସୂଚନା ଦେଇଥିଲେ। ଛତିଶଗଡ଼ ସୀମାରେ ଥିବା ଏହି ଅଭୟାରଣ୍ୟ ଓଡ଼ିଶା ଓ ଛତିଶଗଡ଼କୁ ୨ ଭାଗରେ ବିଭକ୍ତ କରୁଛି। କୋମନା ବ୍ଲକ୍ ସୁନାବେଡ଼ା ଓ ସୋସେଙ୍ଗ ପାଞ୍ଚୟତ ସମେତ ନୂଆପଡ଼ା, କୋମନା, ବୋଡ଼େନ ଓ ସିନାପାଲି ବ୍ଲକ୍‌ର ୫୨ଟି ଛୋଟ ବଡ଼ ଗାଁକୁ ନେଇ ସୁନାବେଡ଼ା ଅଭୟାରଣ୍ୟ ଗଠିତ ହୋଇଛି। ଏହି ଅଭୟାରଣ୍ୟରେ କଲରାପତରିଆ, ଗୟଳ, ଭାଲୁ, ସମ୍ବର, ହିରଣ, ବାରହା, କୁଟୁରା ଭଳି ଅନେକ ବନ୍ୟପ୍ରାଣୀ ସହିତ ବିଭିନ୍ନ ପ୍ରଜାତିର ପକ୍ଷୀ ମଧ୍ୟ ରହନ୍ତି। ଅଭୟାରଣ୍ୟରେ ନିଆଁ ଲାଗିବା ଓ କାଠ ମାଫିଆ ସକ୍ରିୟ ଥିବାରୁ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି। ସେହିପରି ଶିକାରୀମାନେ ମଧ୍ୟ ଅବାଧରେ ବନ୍ୟପ୍ରାଣୀ ଶିକାର କରୁଛନ୍ତି। ପୁଣି ଖାଦ୍ୟ ଓ ପାନୀୟ ଜଳ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଗ୍ରୀଷ୍ମ ଋତୁ ଆରମ୍ଭ ନହେଉଣୁ ଅଭୟାରଣ୍ୟର ସମସ୍ତ ନଦୀ, ନାଳ, ପୋଖରୀ ଶୁଖିଗଲାଣି। ଏଭଳି ସ୍ଥିତିରେ ପିଇବା ପାଣି ଟୋପାଏ ପାଇଁ ବନ୍ୟପ୍ରାଣୀମାନେ ଆଉଟୁ ପାଉଟୁ ହେଉଛନ୍ତି। ଦୁର୍ବୃତ୍ତମାନେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାରୁ ଶତାଧିକ ଏକର ଜଙ୍ଗଲ ପୋଡ଼ି ନଷ୍ଟ ହୋଇଯାଉଛି। ଭୟଭୀତ ହୋଇ ବନ୍ୟପ୍ରାଣୀମାନେ ଗାଁମୁହାଁ ହେଉଛନ୍ତି। କିଛିଦିନ ହେଲା ଭାଲୁମାନେ ଜନବସତି ଅଞ୍ଚଳକୁ ଚାଲିଆସୁଥିବା ଲକ୍ଷ୍ୟ କରାଯାଇଛି। ଶୁକ୍ରବାର ଧରମବନ୍ଧା ଥାନା ଚୁଲାଭାଟ ଗାଁର କଥାବାଇ ରାଉତ ନାମ୍ନୀ ଜଣେ ମହିଳା ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସରକାର ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ଯୋଜନାରେ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ସେସବୁରେ ଅନିୟମିତତା କରାଯାଉଥିବାରୁ ଏଭଳି ସ୍ଥିତି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଗ୍ରୀଷ୍ମ ପ୍ରବାହକୁ ନେଇ ଜିଲ୍ଲାସ୍ତରୀୟ ବୈଠକରେ ଜିଲ୍ଲାପାଳ ଜଙ୍ଗଲ ଅଞ୍ଚଳରେ ଥିବା ଗାଁଗୁଡ଼ିକରେ ବନ୍ୟପ୍ରାଣୀଙ୍କ ପାଇଁ ଏକ କୁଣ୍ଡ କରି ସେଥିରେ ପାଣି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ବନ୍ୟପ୍ରାଣୀ ବଭାଗ ଏହାକୁ କାର୍ଯ୍ୟକାରୀ କରି ନାହିଁ। ଫଳରେ ପ୍ରବଳ ଗ୍ରୀଷ୍ମରେ ବନ୍ୟପ୍ରାଣୀମାନେ ପାଣି ନପାଇ ମୃତ୍ୟୁ ମୁଖରେ ପଡୁଥିବା ପ୍ରକୃତି ପ୍ରେମୀମାନେ ପ୍ରକାଶ କରିଛନ୍ତି।

# ସମ୍ବଲପୁରରେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୦୭/୪ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କରେ ମହାନଗର ନିଗମ ସମ୍ମିଳନୀ କକ୍ଷଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଳା ନାୟକ ଅଧ୍ୟକ୍ଷତା କରିଥିଲେ। ସେ ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ପୋଷ୍ଟାଲ ବେଲଟ୍, ଭୋଟ ଗ୍ରହଣ କେନ୍ଦ୍ରର ବିଭିନ୍ନ ସୁବିଧା, ମତଦାନ ସୁବିଧା କେନ୍ଦ୍ର, ଇଭିଏମ୍ ପରିଚାଳନା, ଭୋଟ କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା, ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ, ପୋଲିଂ ଟିମ୍ ମଧ୍ୟରେ ସମନ୍ୱୟ, ନିର୍ବାଚନ ଖର୍ଚ୍ଚ ତଦାରଖ ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ। ନିର୍ବାଚନ ସମୟରେ କୌଣସି ପରିଚାଳନାଗତ ତ୍ରୁଟିର ପ୍ରତିକାର, ମିଥ୍ୟା ଖବରର ଯାଂଚ, ନାଗରିକମାନଙ୍କ ସହ ସୁସମ୍ପର୍କ ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ।

ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ପି ମୁକେଶ କୁମାର ଭାମୁ, ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ଅଜୟର ମହାନ୍ତି, ସୁଚାରୁ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ପାଇପ ଚୋରି ଅଭିଯୋଗରେ ୧୧ ଗିରଫ

ଖୋର୍ଦ୍ଧା, ୦୭/୪ (ନି.ପ୍ର): ପାଇପ ଚୋରି ଅଭିଯୋଗ ରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୧୧ଜଣକୁ ଗିରଫ କରିଛି। ଗିରଫ ମାନେ ହେଲେ ମହାରାଷ୍ଟ୍ର ସୋଲାପୁର ଥାନା କମ୍ପତିପଦା ଗାଁ ର ସନ୍ତୋଷ ମାଡକେ,ରେବନ ଗୌଡ଼,ନୟାଗଡ଼ ର ଜଣେ,ଗଞ୍ଜାମର୫ଜଣ,ଢେଙ୍କାନାଳ ର ଜଣେ,ଖୋର୍ଦ୍ଧା ଜିଲ୍ଲା ଚନ୍ଦକା, ଛତାବର, ଢୁମୁଢୁମାର ୩ଜଣ। ତେବେ ପୋଲିସ ଏମାନଙ୍କ ଠାରୁ ଏମଅଚ-୧୩ଡିକ୍ୟୁ ୧୯୯୮ନମ୍ବର ବିଶିଷ୍ଟ ଇଆଚର ଓ ଓଡ଼ି-୦୨-ଏ ଏନ-୮୦୮୧ନମ୍ବର ବିଶିଷ୍ଟ ହୁଣ୍ଡାଇ କାର ଜବତ କରିବା ସହ ସମସ୍ତ୧୧ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଦର୍ଶ ଥାନା ଅଧିକାରୀ ସଂଜୟ ନାୟକ ସୂଚନା ଦେଇଛନ୍ତି।

# ସମସ୍ତ ବୁଥ୍‌ରେ ଆବଶ୍ୟକ ସର୍ବନିମ୍ନ ସୁବିଧା ଉପଲବ୍ଧ ନିଶ୍ଚିତତାର ସମୀକ୍ଷାକଲେ ଜିଲ୍ଲାପାଳ



ଭଦ୍ରକ, ୦୭/୪ (ନି.ପ୍ର): ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିରେ ମତଦାନ ପାଇଁ ନିର୍ଦ୍ଧାରିତ ସମସ୍ତ ବୁଥ୍‌ରେ ମତଦାତାଙ୍କ ପାଇଁ ଆବଶ୍ୟକ ସର୍ବନିମ୍ନ ସୁବିଧା ଉପଲବ୍ଧ ନିଶ୍ଚିତତା ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମୀକ୍ଷା କରିଛନ୍ତି। ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆର.ଓ ଭାବେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ବିତ କୁମାର ଗଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ଏହି ବୈଠକରେ ଯୋଗଦେଇ ସମୀକ୍ଷା ପାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାରେ ସମୁଦାୟ ୧୩୦୯ ଟି ବୁଥ୍‌ରେ ମତଦାନ ଗ୍ରହଣ କରାଯିବ। ସମସ୍ତ ବୁଥ୍‌ରେ ସର୍ବନିମ୍ନ ସୁବିଧା ହିସାବରେ ପାନୀୟ ଜଳ, ଶୌଚାଳୟ, ର୍ୟାମ୍ପ, ମତଦାତା ମାନଙ୍କ ପାଇଁ ଛାୟାପ୍ରଦ ଆଶ୍ରୟ ସ୍ଥଳ, ବିଦ୍ୟୁତ୍ ପଙ୍ଖା, ବସିବା ପାଇଁ ଷ୍ଟେକି ଆଦିର ବ୍ୟବସ୍ଥା, ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ହ୍ୱିଲ୍ ଚେୟାର, ଭୋଟର ମାନଙ୍କ ପାଇଁ ବୁଥ୍ ପରିସରରେ ମତଦାନ କକ୍ଷ ବାହାରେ ଭୋଟର ସହାୟତା କେନ୍ଦ୍ର, ବିଦ୍ୟୁତ୍ ସଂଯୋଗ, ବୁଥ୍ ପରିସର ପରିଷ୍କାର ପରିଚ୍ଛନ୍ନ ରଖାଯିବା, ପୁଲିଂ ଦଳ, ପୁଲିଂ ଏଜେଣ୍ଟ, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଭୋଟର ଆଦି ମାନଙ୍କ ପାଇଁ ଆବଶ୍ୟକ ଚୌକି ଓ ଫର୍ଣ୍ଣିଚର ଆଦି ସମସ୍ତ ଆନୁସଙ୍ଗିକ ସୁବିଧା ଉପଲବ୍ଧ ନିଶ୍ଚିତତା କରିବା ନେଇ ବୈଠକରେ ଉପସ୍ଥିତ ସମସ୍ତ ବି.ଡ଼ି.ଓ., ତହସିଲଦାରମାନେ ତଥ୍ୟ ଉପସ୍ଥାପନ କରିଥିଲେ। ସୂଚନା ଯୋଗ୍ୟକି ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ମଧ୍ୟରେ ୨୬୦ଟି ଆଦର୍ଶ ବୁଥ୍ ରହିଛି। ସେଥି ମଧ୍ୟରେ ୧୩୦ଟି ବୁଥ୍‌କୁ ସଖୀ ବୁଥ ଏବଂ ଅନ୍ୟ ୧୩୦ଟି ବୁଥ ମଧ୍ୟରେ ଆଞ୍ଚଳିକ ସଂସ୍କୃତି, କ୍ରୀଡ଼ା, ସବୁଜ ସାଥୀ ବୁଥ୍ ଭାବେ ପ୍ରସ୍ତୁତ କରାଯିବ। ମତଦାନ ଦିବସର ଯଥେଷ୍ଟ ପୂର୍ବରୁ ସମସ୍ତ ସୁବିଧା ସମସ୍ତ ବୁଥ୍ ମାନଙ୍କରେ ଉପଲବ୍ଧ କରାଇବାକୁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଡେପୁଟୀ କଲ୍ଲେକ୍ଟର ନିର୍ବାଚନ ସାଗରିକା ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍, ଜିଲ୍ଲାର ସମସ୍ତ ବି.ଡ଼ି.ଓ., ତହସିଲଦାର ଓ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

## ପୁରୀକୁ ସୁରକ୍ଷା ପାଇଁ ସ୍ୱାଧୀନ ପ୍ରାର୍ଥୀ ହରେକୃଷ୍ଣ

ପୁରୀ, ୦୭/୪ (ନି.ପ୍ର): ଦିନକୁ ଦିନ ପୁରୀର ପରମ୍ପରା ନଷ୍ଟ ହେଉଛି। ଶ୍ରୀଜଗନ୍ନାଥ ସଂସ୍କୃତି ଅବକ୍ଷୟ ହେବାରେ ଲାଗିଛି। ସେଭ ପୁରୀ ଅନୁଷ୍ଠାନ ପକ୍ଷରୁ ରବିବାର ପୂର୍ବାହ୍ନରେ ନାୟକ ପ୍ଲାଜା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ରତ୍ନସିଂହାସନ ସେବକ ଗୌରୀ ଶଙ୍କର ସିଂହାରୀ ଯୋଗଦେଇ କହିଲେ ପୁରୀରେ ଏବେ ଲୁଟିଖିଆ ରାଜନୀତି ଚାଲିଛି। ବାହାର ଠିକାଦାର ଠକି ନେଉଛନ୍ତି କୋଟି କୋଟି ଟଙ୍କା। ଆମ ସହରବାସୀ ଘରଦ୍ୱାର ତ୍ୟାଗ କଲେ। ଗଢିଉଠିଲା ପରିକ୍ରମା ମାର୍ଗ। ହେଲେ ସେହି ପରିକ୍ରମା ମାର୍ଗ ଦେଇ ପାଂଚ ସାହି ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ପୁରୀରେ ଅନେକ ସମସ୍ୟା ରହିଛି। ନେତା ପରେ ନେତା ବଦଳୁଛନ୍ତି, ହେଲେ ପୁରୀର ଜମିଜମା ସମସ୍ୟା ସମାଧାନ ହୋଇପାରୁନି। ପୁରୀବାସୀଙ୍କୁ ନ୍ୟାୟ ଓ ସୁରକ୍ଷା ଦେବା ପାଇଁ ମୋ ପୁଅ ହରେକୃଷ୍ଣ ସିଂହାରୀ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହେବେ। ଜନତାଙ୍କ ସେବା କରିବା ପାଇଁ ହରେକୃଷ୍ଣଙ୍କୁ ସୁଯୋଗ ଦେବାକୁ ସେ ନିବେଦନ କରିଥିଲେ।

## ତୃପ୍ତିରାଣୀ ମାଇତିଙ୍କ ଦୁଇଟି କବିତା ପୁସ୍ତକ ଲୋକାର୍ପିତ



ବାଲେଶ୍ୱର, ୦୭/୪ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ଶାନ୍ତିକାନନଠାରେ ତୃପ୍ତିରାଣୀ ମାଇତିଙ୍କ ଦୁଇଟି କବିତାଗ୍ରନ୍ଥ 'କବିତା ପାଖୁଡ଼ା' ଓ 'କବିତା କାନନ' ଉନ୍ମୋଚିତ ହୋଇଯାଇଛି। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ଗବେଷକ ଡ. ଭାଗବତ ପ୍ରସାଦ ଦାସ ମୁଖ୍ୟଅତିଥି ଓ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ସୁଶ୍ରୀ ପ୍ରତୀଚୀ ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ପୁସ୍ତକ ଦୁଇଟିର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଆଲୋକପାତ କରିଥିଲେ। କବୟିତ୍ରୀ ତୃପ୍ତିରାଣୀ ମାଇତି ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ, ପ୍ରଭାକର ସାହୁ, ପଦ୍ମଲୋଚନ ପ୍ରଧାନ ଓ ବାସନ୍ତୀ ଦେ ପ୍ରମୁଖ ଲୋକାର୍ପିତ ହୋଇଥିବା ଦୁଇଟି କବିତାଗ୍ରନ୍ଥରୁ କିଛି କବିତା ଆବୃତ୍ତି କରିଥିଲେ। ଶେଷରେ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଖେଳ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା




କୋଷ୍ଟା , ୦୭/୪ (ନି.ପ୍ର): ୪ଶୁଳିଆପଦା ବ୍ଲକ ଅବସ୍ଥିତ କୁଲାଦହଣୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଶ୍ରୀ ପରେଶ ଚନ୍ଦ୍ର ସିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ଶ୍ରୀ ମଣ୍ଟୁ କୁମାର ଶାସମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ତାଙ୍କର ଦୀର୍ଘ ୩୭ବର୍ଷର ଶିକ୍ଷକ ଜୀବନର ଅବସାନ ଘଟିଛି । ସେ ଥିଲେ ଜଣେ କର୍ମଠ ଓ ଦକ୍ଷ ଶିକ୍ଷକ । ତାଙ୍କର ଅତିତର ସ୍ମୃତି ରମନ୍ଥନ କରିଥିଲେ ଶିକ୍ଷକ ଧନଞ୍ଜୟ ଦାସ, ଅଜୟ କୁମାର ପୁଥାଳ, ଅମରଜିତ ସି, ସତ୍ୟବ୍ରତ ସି, ସତ୍ୟନାରାୟଣ ଦାସ, ମୋତିଲାଲ ଧିର ଓ ପ୍ରଭାତୀ ଗୋସ୍ୱାମୀ । ଏଥି ସହିତ ମୋ ସ୍କୁଲ ଅଭିଯାନର ପୁରାତନ ଛାତ୍ର ଛାତ୍ରୀ ଉତ୍ସବରେ ଯୋଗଦେଇ ତାଙ୍କର ଭବିଷ୍ୟତ ଜୀବନର ସୁଖମୟ ଅଧ୍ୟାୟ ଆରମ୍ଭ ହେଉ ବୋଲି ଭଗବାନଙ୍କ ଠାରେ ପ୍ରାର୍ଥନ କରିଥିଲେ ।

## ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ ଅନୁଷ୍ଠିତ



ବାରିପଦା, ୦୭/୪ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନ ର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣ ପର୍ବ ମୟୁରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ଥର ୨୨ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୪ ମହା ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ। ଏହିପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆଜି ବାରିପଦା ଡିଭାଇନ ଇଞ୍ଜିନିୟରିଙ୍ଗ କଲେଜ ପରିସରରେ ପ୍ରତିଭା ଚୟନ ଭିତ୍ତିକ କାର୍ଯ୍ୟକ୍ରମ ବଳାଙ୍ଗୀ ଟେଲେଣ୍ଟହଣ୍ଟ ମେଗା ଅଡିସନ ଅନୁଷ୍ଠିତ ହୋଇ ଯାଇଛି। ଏହାର ଉଦଘାଟନୀ ଉତ୍ସବରେ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଅରବିନ୍ଦ ଦାସ, ସମାଜସେବୀ ରଜତ କୁମାର ପଣ୍ଡା, କମଳେନ୍ଦୁ ଲାଲ ମହାନ୍ତ, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ଉପଦେଷ୍ଟା ବଳରାମ ବେହେରା, ନରେନ୍ଦ୍ର ମୋହନ ସେନାପତି ପ୍ରମୁଖ ଯୋଗଦେଇ ବଳାଙ୍ଗୀ ମହୋତ୍ସବ ର ଲକ୍ଷ ଏବଂ ଉଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ. ଏହି ଅଡିସନ ରେ ସବ ଜୁନିୟର, ଜୁନିୟର ଏବଂ ସିନିୟର ବିଭାଗରେ ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ, ବିଚାରକ ଭାବରେ ପ୍ରସିଦ୍ଧ ନୃତ୍ୟ କରିୟଗ୍ରାଫର ବୁଲେଟ ରାଜା ଏବଂ ମାଷ୍ଟର କିସୁନ ଯୋଗ ଦେଇଥିଲେ। ଅଡିସନରେ କୃତକାର୍ଯ୍ୟ ହୋଇଥିବା ୩୧ ଜଣ ପ୍ରତିଯୋଗୀ ବଳାଙ୍ଗୀ ମହୋତ୍ସବ ମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ରାଉଣ୍ଡକୁ ଉତୀର୍ଣ୍ଣ ହୋଇଛନ୍ତି। ବଳାଙ୍ଗୀ ସେନାର ମିଥୁନ ବାରିକ, ଦିଲ୍ଲିପ ପାତ୍ର, ରମାକାନ୍ତ ରାଉତ, ପଦ୍ମନାଭ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ- ୨୦୨୪ ପାଳିତ

ମାଲକାନଗିରି, ୦୭/୪ (ନି.ପ୍ର): ଭାରତୀୟ ରେଡ଼କ୍ରସ ସୋସାଇଟି ନିର୍ଦ୍ଦେଶ କ୍ରମେ ଜିଲ୍ଲା ରେଡ଼କ୍ରସ ସୋସାଇଟି ମାଲକାନଗିରି ଏବଂ ଜିଲ୍ଲା ଯୁବ ରେଡ଼କ୍ରସ ମାଲକାନଗିରିର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ ସ୍ଥାନୀୟ ସତ୍ୟନାରାୟଣ ସେବିକା ମହାବିଦ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଛି। ଏହି ସଭାରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ତଥା ଉପସଭାପତି ଜିଲ୍ଲା ରେଡ଼କ୍ରସ ସୋସାଇଟି ବେଦବର ପ୍ରଧାନ ଯୋଗଦାନ କରି ଏହି ଦିବସକୁ ଉଦଘାଟନ କରିବା ସହିତ ସ୍ୱାସ୍ଥ୍ୟ ପ୍ରତି ସମସ୍ତ ବ୍ୟକ୍ତି ସଚେତନ ହେବା ବୋଲି ପରାମର୍ଶ ଦେଇଥିଲେ। ଜିଲ୍ଲା ଯୁବ ରେଡକ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଯୋଗଦାନ କରି ଆଜିର ଦିବସର ତାତ୍ପର୍ଯ୍ୟ ସହିତ ଛାତ୍ରଛାତ୍ରୀମାନେ ସ୍ୱସ୍ଥିୟ ଖାଦ୍ୟ, ବ୍ୟାୟାମ, ଯୋଗ ପ୍ରତ୍ୟେକ ଦିନ କରିବା ଉଚିତ ବୋଲି ମତ ପୋଷଣ କରିଥିଲେ। ସଭା ପ୍ରାରମ୍ଭରେ ସତ୍ୟନାରାୟଣ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଅଧ୍ୟକ୍ଷ ମାଲକାନଗିରି ମହାବିଦ୍ୟାଳୟ ଲିଙ୍ଗରାଜ ମିଶ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜରୁରୀକାଳୀନ ଅଧିକାରୀ ମୁନା ତୁରୁକୁ ଛାତ୍ରଛାତ୍ରୀଙ୍କୁ ଶାରୀରିକ, ମାନସିକ ଏବଂ ସାମାଜିକ ବିଷୟରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ସାର ଜିନ ହେନେରୀ ଡୁନାଂଟଙ୍କ ଫୋଟୋ ଚିତ୍ରରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ ର ସ୍ଲୋଗାନ ମୋ ସ୍ୱାସ୍ଥ୍ୟ, ମୋ ଅଧିକାର ବିଷୟରେ ଛାତ୍ରୀମାନେ ବକ୍ତୃତା ପ୍ରଦାନ କରିଥିଲେ। ଅପ୍ରେଲ ୭ ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟ ଦିବସ ରୂପେ ୧୯୪୮ରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦନ କ୍ରମେ ପାଳନ ସହିତ ସ୍ୱାସ୍ଥ୍ୟ ପ୍ରତି ସଚେତନା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ, ରେଡ ରିବନ କ୍ଲବର ସଦସ୍ୟ, ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣ ଶିକ୍ଷକ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରି ଏହି ଦିବସ ସଫଳ କରିବା ପାଇଁ ସହଯୋଗ କରିଥିଲେ। ଶେଷରେ ସୁମ୍ରିନ ସୁମନ କାର୍ତିକ ଅଧ୍ୟାପିକା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଜେଡିରେ ମିଶିଲେ...

ବିଦ୍ରୋହ ଦେଖାଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ଆଶାୟୀମାନେ ଏନେଇ ଦଳୀୟ ନେତୃତ୍ୱଙ୍କୁ ଚେତାବନୀ ଦେଇସାରିଛନ୍ତି। ଦଳ ଭିତରୁ ସ୍ଥାନୀୟ ଅଞ୍ଚଳର ଯେକୌଣସି ନେତାଙ୍କୁ ପ୍ରାର୍ଥୀ କରିବାକୁ ସେମାନେ ଦାବି କରିଛନ୍ତି। ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରୁ କଂଗ୍ରେସ ଟିକେଟରେ ଦୁଇ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୮୫ରୁ ୧୯୯୦ ଓ ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ସେ ବିଧାନସଭାର ସଦସ୍ୟ ରହିଥିଲେ। ୨୦୦୦ ଓ ୨୦୦୪ରେ ସେ ପଟ୍ଟାମୁଣ୍ଡାଇରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ୨୦୦୯, ୨୦୧୪ ଓ ୨୦୧୯ରେ ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀଙ୍କଠାରୁ ପରାସ୍ତ ହୋଇଥିଲେ। କଂଗ୍ରେସରୁ ଇସ୍ତଫା ଦେବା ପରେ ଗଣେଶ୍ୱର ବେହେରା କହିଥିଲେ, ୨୪ ନିର୍ବାଚନ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏ ନିର୍ବାଚନ ଜିତିବାକୁ ପଡ଼ିବ। ବିଧାନସଭା ଯିବା ଲକ୍ଷ୍ୟ ପୂରଣ ପାଇଁ ଏହି ନିଷ୍ପତ୍ତି ନେଇଛି। କଂଗ୍ରେସରେ ରହି ବିଧାନସଭା ଯିବା ନେଇ ଆଶଙ୍କା ସୃଷ୍ଟି ହେଲା। ସମସ୍ତଙ୍କ ପରାମର୍ଶ ଓ ବହୁ ଆଲୋଚନା ପରେ ଏହି ପଦକ୍ଷେପ ନେଲି। ଆଜି ସକାଳେ ବିଜେପିରୁ ଇସ୍ତଫା ଦେଇଥିବା ଲେଖାଶ୍ରୀ ସାମନ୍ତସିଂହାର ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖ ଭବନରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ର ଏବଂ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଉପସ୍ଥିତିରେ ଲେଖାଶ୍ରୀ ବିଜେଡିରେ ଯୋଗ ଦେଇଥିଲେ। ବିଜେଡିରେ ଯୋଗ ଦେବା ପରେ ଲେଖାଶ୍ରୀ କହିଥିଲେ, ମୋର ଯେତିକି ଦକ୍ଷତା ଥିଲା, ସେହି ଅନୁସାରେ ମୁଁ ଦୀର୍ଘ ୧୦ ବର୍ଷ ଧରି ଭାରତୀୟ ଜନତା ପାର୍ଟି ପାଇଁ କାର୍ଯ୍ୟ କରିଥିଲି। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ମୋର ଯେଉଁ ବୃହତ୍ତ ଇଚ୍ଛା ଥିଲା, ତାହା ୧୦ ବର୍ଷ ପରେ ମଧ୍ୟ ଭାରତୀୟ ଜନତା ପାର୍ଟିରେ ପୂରଣ ହୋଇପାରିଲାନାହିଁ। ପ୍ରତିବଦ୍ଧତାର ସହିତ କଠିନ ପରିଶ୍ରମ କରିବା ସତ୍ତ୍ୱେ ଦଳୀୟ ନେତୃତ୍ୱଙ୍କ ନିକଟରେ ମୁଁ ଆସ୍ଥାଭାଜନ ହୋଇପାରିଲି ନାହିଁ। କୌଣସି କାରଣରୁ ମୋ ଉପରେ ସେମାନେ ଭରସା କରିପାରିଲେ ନାହିଁ। ତେଣୁ ମୁଁ ଅନୁଭବ କଲି ଭାରତୀୟ ଜନତା ପାର୍ଟିରେ ମୋର କାମ ସରିଯାଇଛି। ଆଉ କାମ କରିବାର ସୁଯୋଗ ନାହିଁ। ତେଣୁ ଆଗକୁ ବଢ଼ିବା ପାଇଁ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଯାତ୍ରାରେ ସାମିଲ ହେବାକୁ ନିଷ୍ପତ୍ତି ନେଲି। ଆଜି ସକାଳେ ଲେଖାଶ୍ରୀ ସାମନ୍ତସିଂହାର ସୋଶାଲ ମିଡିଆ ଯୋଗେ ବିଜେପିରୁ ତାଙ୍କର ଇସ୍ତଫା ସଂପର୍କିତ ସୂଚନା ଦେଇଥିଲେ।

## କଶ୍ମୀରରେ ଜୋରଦାର ...

ନେତା ମହମ୍ମଦ ଓ୍ୱାହିଦ୍ ପାରା ଏବଂ ବାରାମୁଲା ଆସନରେ ଫୟାଜ୍ ମିରଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପଟେ ଜମ୍ମୁର ଦୁଇଟି ଆସନ ଉଧମପୁର ଓ ଜମ୍ମୁରେ କଂଗ୍ରେସକୁ ପିଡିପି ସମର୍ଥନ କରିବ ବୋଲି କୁହାଯାଇଛି। ମେହବୁବା ମୁଫତୀ ପୂର୍ବରୁ ମଧ୍ୟ ଅନନ୍ତନାଗ ଆସନରୁ ସାଂସଦ ରହିସାରିଛନ୍ତି। ସେହିପରି ଗୁଲାମ ନବି ଆଜାଦ୍ ମଧ୍ୟ ଏହି ଆସନରୁ ସାଂସଦ ରହିସାରିଛନ୍ତି। ତେଣୁ ଏହି ଆସନରେ ଏଥର ଏକ ରୋଚକ ଲଢେଇ ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି। ମେହବୁବା ମୁଫତୀ କହିଛନ୍ତି, ନ୍ୟାସନାଲ କନଫରେନ୍ସ ବିନା କୌଣସି ଚର୍ଚ୍ଚା ଆଲୋଚନାରେ ପ୍ରାର୍ଥୀ ଘୋଷଣା କରିଥିବାରୁ ସେ ଦୁଃଖିତ। ଏହାଦ୍ୱାରା ପିଡିପିର କାର୍ଯ୍ୟକର୍ତ୍ତାମାନେ ନିରାଶ ଅଛନ୍ତି। ତେବେ ଆମେ ଆମର ଶକ୍ତି ନ୍ୟାସନାଲ କନଫରେନ୍ସକୁ ଦେଖାଇବୁ।

## ଇଡି ଚାର୍ଜସିଟ୍‌ରେ ଟିଭି ଓ....

ଏହି ଚାର୍ଜସିଟ୍‌ରେ ଇଡି ପ୍ରମାଣ ସ୍ୱରୂପ ସ୍ମାର୍ଟ ଟିଭି ଓ ଫ୍ରିଜର ବିଲ୍ ସାମିଲ କରିଥିବା ସୂଚନା ମିଳିଛି। ଏହି ଦୁଇଟି ବିଲ୍‌କୁ ଯାଞ୍ଚ ବେଳେ ରାଞ୍ଚି ସ୍ଥିତ ଦୁଇ ଜଣ ଡିଲରଙ୍କ ଠାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପାଇଥିଲା। ଏପ୍ରିଲ ୪ ତାରିଖରେ ରାଞ୍ଚି କୋର୍ଟର ବିଚାରପତି ଜଷ୍ଟିସ ରାଜୀବ ରଞ୍ଜନଙ୍କ ସ୍ୱତନ୍ତ୍ର ଅଦାଲତ ଏହି ଚାର୍ଜସିଟ୍‌ର ବିଚାର କରିଥିଲେ। ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଜାନୁଆରୀ ୩୧ ତାରିଖରେ ଇଡି ହେମନ୍ତ ସୋରେନ୍‌ଙ୍କୁ ଗିରଫ କରିଥିଲା। ଜମି କିଣାବିକା ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇ ହେମନ୍ତ ସୋରେନ୍ ଏବେ ରାଞ୍ଚିର ହୋଟାୱାର ସ୍ଥିତ ବିର୍ଶାମୁଣ୍ଡା ଜେଲରେ ଅଛନ୍ତି। ଇଡି ଅନୁଯାୟୀ ଏହି ଦୁଇଟି ଗ୍ୟାଜେଟ୍ ସନ୍ତୋଷ ମୁଣ୍ଡାଙ୍କ ପରିବାର ସଦସ୍ୟ ନାଁରେ କିଣାଯାଇଛି। ଯିଏକି, ଏଜେନ୍ସିକୁ କହିଥିଲେ ଯେ ସେ ଉକ୍ତ ଜମିରେ (୮.୮୬ ଏକର) ହେମନ୍ତ ସୋରେନଙ୍କ ସମ୍ପତ୍ତିର ତଦାରଖକାରୀ ଭାବରେ ୧୪ ବର୍ଷ ଧରି ରହୁଛନ୍ତି। ବେଆଇନ୍‌ରେ କିଣା ଯାଇଥିବା ଜମି ସହ ହେମନ୍ତ ସୋରେନ୍‌ଙ୍କ କୌଣସି ସମ୍ପର୍କ ନଥିବା ଦାବିକୁ ଖଣ୍ଡନ କରିବାକୁ ଯାଇ ଇଡି ସନ୍ତୋଷ ମୁଣ୍ଡାଙ୍କ ବୟାନକୁ ମଧ୍ୟ ପ୍ରମାଣସ୍ୱରୂପ ନିଜ ଚାର୍ଜସିଟ୍‌ରେ ସାମିଲ କରିଛି। ଇଡି ଅଭିଯୋଗ କରିଛି ଯେ, ଏହି ଜମି ଉପରେ ଜେଏମ୍‌ଏମ୍ ନେତାଙ୍କ କବ୍‌ଜା ଯେପରି ବୟାଜ ରହିବ ସେଥିପାଇଁ ରାଜ୍ୟ ସରକାର ହେମନ୍ତ ସୋରେନଙ୍କ ଗିରଫଦାରୀର ଦୁଇ ଦିନ ପୂର୍ବରୁ ଅର୍ଥାତ ଜାନୁଆରୀ ୨୯ରେ ରାଜକୁମାର ପହନାଙ୍କୁ ଏହି ଜମି ଦେଇ ଦେଇଥିଲେ। ମୂଳ ମାଲିକଙ୍କ ଦ୍ୱାରା ଉକ୍ତ ଜମିକୁ କିଛି ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିଲା। କିନ୍ତୁ ହେମନ୍ତ ସୋରେନ୍ ସେହି କେତ୍ରାଙ୍କୁ ବହଷ୍କାର କରି ୧୦୧୦-୧୧ରେ ଉକ୍ତ ଜମିକୁ ନିଜ ଅକ୍ତିଆରକୁ ଆଣିଥିବା ଇଡି ଦାବି କରିଛି।

## ପ୍ରଜାପତି ସାହିତ୍ୟ ଶାଖା ....

ସରସ୍ୱତୀ ଭୋଇ ଓ ପ୍ରତିମା ତ୍ରିପାଠୀ। ଅନୁରୂପ ଭାବେ ପ୍ରଣମ୍ୟ କବି ବ୍ରଜନାଥ ରଥ, ଚନ୍ଦ୍ରକୁମାର ମହାନ୍ତି ଓ ପଞ୍ଚାନନ ଦାସଙ୍କ ସମ୍ପର୍କରେ ସଂକ୍ଷିପ୍ତ କଥା ରଖିଥିଲେ ରଶ୍ମୀ ସ୍ୱାଇଁ, ରୋଜାଲିନ୍ ମିଶ୍ର ଓ ଶ୍ରୀୟା ମହାପାତ୍ର। କେନ୍ଦ୍ରାପଡ଼ାରୁ ଆସିଥିବା କବି ବିଜୟ ମହାପାତ୍ର, ସୋନପୁରରୁ ଡ. ପୁରୁଷୋତ୍ତମ ମିଶ୍ର, ରାଉରକେଲାରୁ ଅଙ୍ଗୁରବାଳା ପରିଡ଼ା ସ୍ୱରଚିତ କବିତା ପାଠ କରିବା ସହ ଆମନ୍ତ୍ରଣର ନୂତନ ପରିକଳ୍ପନା କବିତା ପର୍ବ ନିଶ୍ଚୟ ଓଡ଼ିଆ ସାହିତ୍ୟପ୍ରେମୀ ଓ ପାଠକଙ୍କ ଭିତରେ ଏକ ନୂତନ ଅନୁଭବ ପ୍ରଦାନ କରିବ ବୋଲି କହିଥିଲେ। ବାଲେଶ୍ୱର ମାଟିର ଅତିଥି କବି ହରିଶଚନ୍ଦ୍ର ବେହେରା, ଶ୍ରୀଦେବ, ସୈରିନ୍ଧ୍ରୀ ସାହୁ ଓ କୃଷ୍ଣକୁମାର ମହାନ୍ତି ନିଜ କବିତା ପାଠ କରିବା ସହ ଆମନ୍ତ୍ରିତ ସମ୍ବର୍ଦ୍ଧନା ଗ୍ରହଣ କରିବାକୁ ଆସିଥିବା କବିଙ୍କୁ 'ଅକ୍ଷର ଆମନ୍ତ୍ରଣ' କବିତା ସମ୍ମାନ-୨୦୨୪' ପ୍ରଦାନ କରିଥିଲେ ଓ ଏହି ସମ୍ବର୍ଦ୍ଧନା ଆମ ମାଟିର କବିତାର ମହକକୁ ସମଗ୍ର ରାଜ୍ୟରେ ବୁଣିବା ସହ ପାଠକଙ୍କ ମନରେ କବିତାର ରୁଚି ଅଭିବୃଦ୍ଧି କରାଇବ ବୋଲି କହିଥିଲେ। ଉତ୍ସବରେ ଯୋଗଦାନ କରିଥିବା ଆମ ମାଟିର ୮ଜଣ କବିଙ୍କୁ ଅକ୍ଷର ଆମନ୍ତ୍ରଣ କବିତା ଉପହାର ପ୍ରଦାନ କରାଯାଇଥିଲା। ମଂଚରେ ଉପସ୍ଥିତ ସମସ୍ତ କବିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ ଅମରଜିତ୍ ଦାସ, ପାର୍ଥସାରଥୀ ସାହୁ, ରଶ୍ମିତା ଆଚାର୍ଯ୍ୟ, ନନ୍ଦିତା ନାୟକ, ପ୍ରେୟସୀ ମହାପାତ୍ର, ରଂଜନା ଘୋଷ, ଶୁଭ୍ରାଂଶୁ ପଣ୍ଡା, ଜୀବନଜ୍ୟୋତି ସ୍ୱାଇଁଙ୍କ ସମେତ ପ୍ରଜାପତିର ସଦସ୍ୟ ସଦସ୍ୟାଗଣ। ଏହି କବିତା ପର୍ବରେ ବାଲେଶ୍ୱରର ସାହିତ୍ୟପ୍ରେମୀ ଓ ପାଠକଙ୍କ ଉପସ୍ଥିତି ପ୍ରଜାପତିକୁ ଆଗାମୀ ଦିନରେ ଅନେକ ସାରସ୍ୱତ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି କବି ଶ୍ରୀ ଦାସ ଶେଷରେ ପ୍ରକାଶ କରି ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଦେଇଥିଲେ। ନିଜର ସମସ୍ୟା ଓ ବ୍ୟକ୍ତିଗତ ଅସୁବିଧା ପାଇଁ ଉପସ୍ଥିତ ନଥିବା 'ଅକ୍ଷର ଆମନ୍ତ୍ରଣ କବିତା ସମ୍ମାନ-୨୦୨୪ ଗ୍ରହଣ କରିଥିବା ସମ୍ବଲପୁରର କବି ଦୁର୍ଗାପ୍ରସାଦ ପଣ୍ଡା ଓ ନୂଆପଡ଼ାର କବି ବାସୁଦେବ ସୁନାନୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା ଓ ଉକ୍ତ ସମ୍ବର୍ଦ୍ଧନା ମଂଚରୁ ଗ୍ରହଣ କରିଥିଲେ କବି ସୌରଭ ରଂଜନ ଖମାରୀ ଓ ଗାଳ୍ପିକ କ୍ଷୀରୋଦ ବିଶ୍ୱାଳ।

## କଂଗ୍ରେସର ଇସ୍ତାହାର ପାକିସ୍ତାନ ନିର୍ବାଚନ ପାଇଁ ଉପଯୁକ୍ତ: ଆସାମ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୦୭/୪ : କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ କଟାକ୍ଷ କଲେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା। ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ଜାରି କରିଥିବା ଇସ୍ତାହାର ଭାରତ ଅପେକ୍ଷା ଅଧିକ ପାକିସ୍ତାନ ନିର୍ବାଚନ ପାଇଁ ଉପଯୁକ୍ତ ବୋଲି କହିଛନ୍ତି। କଂଗ୍ରେସ କ୍ଷମତାକୁ ଆସିବା ପରେ ଦେଶକୁ ବିଭାଜନ କରିବା ଉଦ୍ଦେଶ୍ୟରେ ଏହି ଇସ୍ତାହାର ଜାରି କରିଇଛି ବୋଲି ବିଶ୍ୱ ଶର୍ମା କହିଛନ୍ତି। ଶୁକ୍ରବାର କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ଇସ୍ତାହାର ଜାରି କରିଥିଲା, ଯେଉଁଥିଲେ ୫ଟି 'ନ୍ୟାୟ ସ୍ତମ୍ଭ' ଏବଂ ୨୫ଟି ଗ୍ୟାରେଣ୍ଟି ଦେଇଥିଲା। ଦଳ ଦ୍ୱାରା ଦିଆଯାଇଥିବା କେତେକ ପ୍ରତିଶ୍ରୁତି ମଧ୍ୟରୁ, ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି), ଦେଶବ୍ୟାପୀ ଜାତିଗତ ଜନଗଣନା ଏବଂ ଅଗ୍ନିପଥ ଯୋଜନା ଉଚ୍ଛେଦ ଭଳି ଆଇନଗତ ଗ୍ୟାରେଣ୍ଟି ଦେଇଛି। କଂଗ୍ରେସର ଇସ୍ତାହାରକୁ ଆସାମ ମୁଖ୍ୟମନ୍ତ୍ରୀ ଟାର୍ଗେଟ କରି କହିଛନ୍ତି, ଏହା ତୁଷ୍ଟିକରଣ ରାଜନୀତି। କଂଗ୍ରେସର ମାନସିକତା ହେଉଛି ସମାଜକୁ ବିଭାଜନ କରି କ୍ଷମତାକୁ ଆସିବା। କୌଣସି ହିନ୍ଦୁ କିମ୍ବା ମୁସଲମାନ ତିନି ତଲାକ ଫେରୁ ବୋଲି ଚାହୁଁ ନାହାଁନ୍ତି। ବହୁବିବାହ କିମ୍ବା ବାଲ୍ୟ ବିବାହକୁ ମଧ୍ୟ ସମର୍ଥନ କରନ୍ତି ନାହିଁ। ଜୋରହଟ ନିର୍ବାଚନମଣ୍ଡଳୀରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରିବା ଅବସରରେ ଏପରି କହିଛନ୍ତି ହିମନ୍ତ ବିଶ୍ୱ ଶର୍ମା। ଅଭିଭାଦନ ଦେଇ ବିଶ୍ୱ ଶର୍ମା ଦୃଢୋକ୍ତି ପ୍ରକାଶ କରି କହିଛନ୍ତି, ରାଜ୍ୟରେ ବିଜେପି ସମସ୍ତ ୧୪ ଲୋକସଭା ଆସନ ଜିତିବ। ବିଜେପି ଏକ ଆନ୍ଦୋଳନର ରୂପ ନେଇଛି, ଯାହା ଦେଶକୁ ବିଶ୍ୱ ଗୁରୁ ରୂପେ ପରିଣତ କରିବ। ୨୦୧୫ରେ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିବା ହିମନ୍ତ ବିଶ୍ୱ ଶର୍ମାଙ୍କ ଏପରି ବୟାନ ବାଜି ଉପରେ ପ୍ରତିକ୍ରିୟା ରଖିଛି କଂଗ୍ରେସ। କଂଗ୍ରେସର ଆସାମ ମୁଖପାତ୍ର ବେଦବ୍ରତ ବୋରା କହିଛନ୍ତି, 'ଶର୍ମା ଅନେକ ବର୍ଷ ଧରି କଂଗ୍ରେସରେ ଥିଲେ, କିନ୍ତୁ ସେ ଦଳର ମୁଖ୍ୟ ନୈତିକତା ବୁଝିପାରିଲେ ନାହିଁ। ସେଥିପାଇଁ ସେ ବିଜେପିକୁ ଯାଇଥିଲେ।' କିଛି ସମୟ ଧରି ବିଜେପିରେ ରହିବା ପରେ ମଧ୍ୟ ସେ କଂଗ୍ରେସକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ସାଫ୍ରନ୍ ପାର୍ଟି ପ୍ରତି ତାଙ୍କର ବିଶ୍ୱସ୍ତତା ରହିଛି ବୋଲି ପ୍ରମାଣ କରିବା ପାଇଁ ସେ ଏପରି କରୁଛନ୍ତି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ନିର୍ବାଚନ ପୂର୍ବରୁ ଷ୍ଟେସନରୁ ମିଳିଲା ୪ କୋଟି: ବିଜେପି କର୍ମୀ ଅଟକ

ନୂଆଦିଲ୍ଲୀ, ୦୭/୪ : ନିର୍ବାଚନ ପୂର୍ବରୁ ରେଲୱେ ଷ୍ଟେସନରୁ ମିଳିଲା ପୁଳା ପୁଳା ଟଙ୍କା। ତାମିଲନାଡୁର ରାଜଧାନୀ ଚେନ୍ନାଇର ତାମ୍ବରମ୍ ରେଲୱେ ଷ୍ଟେସନରୁ ନଗଦ ୪ କୋଟି ଟଙ୍କା ଜବତ ହୋଇଛି। ୬ଟି ବ୍ୟାଗ୍‌ରେ ଏହି ଟଙ୍କା ନେଇ ଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ୩ ଜଣଙ୍କୁ ଅଟକ ରଖିଛି। ଅଟକ ୩ ଜଣଙ୍କ ମଧ୍ୟରେ ଜଣେ ବିଜେପି କର୍ମୀ ମଧ୍ୟ ଅଛନ୍ତି। ଅଟକ ବିଜେପି କର୍ମୀ ଜଣକ ହେଲେ ସତୀଶ। ସେ ଏକ ଘରୋଇ ହୋଟେଲର ମ୍ୟାନେଜର ଭାବେ ମଧ୍ୟ କାମ କରନ୍ତି। ଅନ୍ୟ ଦୁଇ ଜଣେ ହେଲେ ତାଙ୍କ ଭାଇ ନବୀନ ଓ ଡ୍ରାଇଭର ପେରୁମଲ। ଏମାନେ ସମସ୍ତେ ଟ୍ରେନ୍ ଯୋଗେ ଥିରୁନେଲଭେଲି ଯାଉଥିବା ବେଳେ ପୁଲିସର ଏକ ଟିମ୍ ଚଢ଼ାଉ କରି ଏମାନଙ୍କୁ ଅଟକ ରଖିଛି। ସୂତ୍ରରୁ ପ୍ରକାଶ ଯେ ଥିରୁନେଲଭେଲିରୁ ବିଜେପି ଲୋକସଭା ପ୍ରାର୍ଥୀ ନୈନାୟର ନାଗେନ୍ଦ୍ରନଙ୍କ ଟିମ୍‌ର ନିର୍ଦ୍ଦେଶ ଅନୁଯାୟୀ ସାତୀଶ କାର୍ଯ୍ୟ କରିଥିବା ସ୍ୱୀକାର କରିଛନ୍ତି। ଆୟକର ବିଭାଗକୁ ଏହି ମାମଲା ହସ୍ତାନ୍ତର କରାଯାଇଛି। ଅଧିକ ତଦନ୍ତ ପାଇଁ ଆୟକର ବିଭାଗ ପକ୍ଷରୁ ଯାଞ୍ଚ ଜାରି ରହିଛି। କହିରଖୁ ଯେ, ତାମିଲନାଡୁରେ ଆସନ୍ତା ଏପ୍ରିଲ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୩୯ଟି ଆସନରେ ଭୋଟ ଗ୍ରହଣ ହେବ। ଏଥିପାଇଁ ସମସ୍ତ ରାଜନୈତିକ ଦଳର




ନେତାମାନେ ଜୋରସୋରରେ ଲାଗିପଡିଛନ୍ତି। ଉଠୁଛୁ ପଡୁଛି ପ୍ରଚାର ମୈଦାନ। ୧୯ ତାରିଖରେ ଭୋଟିଂ ପରେ ଜୁନ୍ ୪ ତାରିଖରେ ଫଳାଫଳ ଘୋଷଣା ହେବ।

# ଶିକ୍ଷାଶ୍ରୀ ଅନୁଷ୍ଠାନର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




ଭଦ୍ରକ, ୦୭/୪ (ନି.ପ୍ର): ଅଦ୍ୟ ୯ ଘଟିକା ସମୟରେ ଶିକ୍ଷାଶ୍ରୀ ନୃତ୍ୟ ସଙ୍ଗୀତ ଓ ଚିତ୍ରକଳା ବିଦ୍ୟାଳୟ, ରାନ୍ଦିଆର ବାର୍ଷିକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ଶ୍ରୀ କ୍ଷୀରୋଦ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ମୋହିନୀ ମୋହନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନୃତ୍ୟ ଗୁରୁମା ଦେବଦିପ୍ତୀ ହୋତାଙ୍କ ନିର୍ଦ୍ଦେଶନାରେ ଶିଶୁକଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଶ୍ରୀ ରାମଚନ୍ଦ୍ର ଜେନା ସହଯୋଗ କରିଥିଲେ। ମୁଖ୍ୟ ଅତିଥି ରାନ୍ଦିଆ ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ସ୍ୱପ୍ନାରାଣୀ ରାଉତ ରାୟଙ୍କ କର କୋମଳରେ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଉପାଧକ୍ଷା ଶ୍ରୀ ସରୋଜ କୁମାର ଶଙ୍ଖୁଆ। ଏଥିରେ ଚିତ୍ରକଳା ଶିକ୍ଷକ ଶ୍ରୀ ଉଦୟନାଥ ବିଶ୍ୱାଳ ଓ ପୋଧନ ସାହୁ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀ ଗୌରାଙ୍ଗ ଚନ୍ଦ୍ର ବାରିକ, ସୌମ୍ୟରଞ୍ଜନ ମହାପାତ୍ର, ପ୍ରିୟଦର୍ଶନୀ ସିଅଳ, ଅଭିନାଶ ମାହାପାତ୍ର ଓ ଅଭିଜିତ୍ ନାୟକ ଆଦି କାର୍ଯ୍ୟକାରୀ ସଭ୍ୟମାନେ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ଅଭିଭାବକ ଓ ପତିଷ୍ଠିତ ବ୍ୟକ୍ତିଙ୍କ ଗହଣରେ ଉତ୍ସବ ସମାପିତ ହୋଇଥିଲା। ଶେଷରେ ସଭ୍ୟ ଶ୍ରୀ ସମୌରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଓ ସଭା ସାଙ୍ଗ ହୋଇଥିଲେ।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଟିମ୍-ଏ ଚମ୍ପିୟାନ

ବାରିପଦା , ୦୭/୪ (ନି.ପ୍ର): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ଓ ୫ ଟି ଦଳକୁ ନେଇ ୧୧ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଟିମ ଏ ଟିମ ବି କୁ ୯ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ଟିମ - ବି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଚନ୍ଦନ ସିଂ ୧୦୨ ରନ କରିଥିବା ବେଳେ ବିପକ୍ଷ ଦଳର ରୋଶନ ଚୌଧୁରୀ ୩ ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଟିମ - ଏ ୧୨.୧ ଓଭରରେ ଏକ ମାତ୍ର ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରି




ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ରୋଶନ ଚୌଧୁରୀ ୮୯ ଓ ଜି ଏନ ବିଶ୍ୱପ୍ରକାଶ ସାହୁ ୫୮ ରନ କରିଥିଲେ ଓ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଓ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୫୧୭ ରନ ଓ ୫ ଟି ଉଇକେଟ ଅକ୍ତିଆର କରିଥିବା ଚନ୍ଦନ ସିଂ ଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମେନ ଓ ଶ୍ରେଷ୍ଠ ଖେଳାଳି ଭାବେ, ହ୍ୟାଟ୍ରିକ ସହ ୧୧ ଟି ଉଇକେଟ ଅକ୍ତିଆର କରିଥିବା ପ୍ରିୟଙ୍କ ପଟ୍ଟନାୟକ ଶ୍ରେଷ୍ଠ ବୋଲର ଭାବେ ଏବଂ ଫାଇନାଲ ମ୍ୟାଚରେ ୮୯ ରନ କରିବା ସହ ୩ ଟି ଉଇକେଟ ଅକ୍ତିଆର କରିଥିବା ରୋଶନ ଚୌଧୁରୀ ମ୍ୟାନ ଅଫ ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ ଓ ଦୀପକ ଦେହୁରୀ ଓ ଦିବ୍ୟରଞ୍ଜନ ସାହୁଙ୍କୁ ଉଦୀୟମାନ ଖେଳାଳି ଭାବେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସଭ୍ୟ କିଶୋର ଚନ୍ଦ୍ର ସିହ୍ନଓ, କୁମାର ରଞ୍ଜନ ପଣ୍ଡା, ଅନ୍ନଦା ଦାଶ, ଲୋହିତ ଦାସ, ଗଦାଧର ବେହେରା, ସତ୍ୟାନନ୍ଦ ଶେଜପଡା, ଅଶୋକ ରାଉତ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର କୁମାର ସେଠି, ରବୀନ୍ଦ୍ର କୁମାର ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ଚମ୍ପିୟାନ ଓ ରନର୍ସ ଅପ ଟ୍ରଫି ସହ କୃତୀ ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

# ପାରିବାରିକ ସମସ୍ୟାର ସମାଧାନ କଲା ସମ୍ମୁଖ ଭାଗ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ

ଭଦ୍ରକ, ୦୭/୪ (ନି.ପ୍ର): ପାରିବାରିକ ଜୀବନରେ ସାମାନ୍ୟ ମନୋମାଳିନ୍ୟ ବେଳେ ବେଳେ ଏତେ ଆଗକୁ ଚାଲିଯାଇଥାଏଯେ ଶେଷରେ ବିବାହ ବିଚ୍ଛେଦ ପର୍ଯ୍ୟନ୍ତ କଥା ଯାଏ। କିନ୍ତୁ ସେହି ମନୋମାଳିନ୍ୟକୁ ଯଦି କୌଣସି ପ୍ରକାରେ ସହଜରେ ସମାଧାନ କରିହୁଏ, ତେବେ ଦାମ୍ପତ୍ୟ ଜୀବନ ପୁନଃ ସୁଖମୟ ହୋଇଥାଏ। ଏମିତି ଏକ ଉଦାହରଣ ହେଉଛି ନଳାଙ୍ଗ ଠାରେ ଜିଲ୍ଲା କୋର୍ଟ ପରିସରରେ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର ସମ୍ମୁଖ ଭାଗ କାର୍ଯ୍ୟାଳୟ। ଯେଉଁଠାରେ ମାର୍ଚ୍ଚମାସ ତା. ୧୩.୦୩.୨୦୨୪ ରିଖରେ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଚରମ୍ପା (ଗୁଣ୍ଡୁଣିଆ ବଜାର) ଗ୍ରାମର ଗୌରୀ ନାୟକ ତାଙ୍କ ପୁଅ ଏବଂ ବୋହୂ ବିରୋଧରେ ଏକ ଅଭିଯୋଗ ଆଣିଥିଲେ। ପୁଅ ଏବଂ ବୋହୁ ତାଙ୍କ କଥା ମାନୁନାହାନ୍ତି ଏବଂ ତାଙ୍କ ସହ ଦୁର୍ବ୍ୟବହାର କରୁଛନ୍ତି। ଗୌରୀ ନାୟକଙ୍କ ଦରଖାସ୍ତକୁ ଆଧାର କରି ଆଇନ୍ ସେବା ପ୍ରାଧିକରଣ ସମ୍ମୁଖ କାର୍ଯ୍ୟାଳୟର ସମ୍ମୁଖ ଭାଗ ରିଟେନର ଶ୍ରୀ ଗିରିଜାଶଙ୍କର ଦାସ ଗୌରୀ ନାୟକ ତଥା ତାଙ୍କ ପୁଅ ଏବଂ ବୋହୁଙ୍କୁ ସମ୍ମୁଖଭାଗ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସମସ୍ୟାର ସମାଧାନ ନିମିତ୍ତ ନୋଟିସ୍ କରାଯାଇଥିଲା। ଉଭୟ ପକ୍ଷକୁ ୨ଟି ତାରିଖରେ ବୁହତ ବୁଝାଶୁଝା ପରେ ତା. ୦୪.୦୪.୨୦୨୪ ରିଖରେ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଉପସ୍ଥିତିରେ ଆପୋଷ ସମାଧାନ କରାଯାଇଥିଲା। ଏଣିକି ଗୌରୀ ନାୟକ ନିଜ ପୁଅ ଏବଂ ବୋହୂ ସାଥିରେ ଭଲରେ ଏବଂ ଖୁସିରେ ଜୀବନ ବିତାଇବାକୁ ପରାମର୍ଶ ଦିଆଯାଇଥିଲା। ଆପୋଷ ସମାଧାନ ଜରିଆରେ ଥାନା କିମ୍ବା କୋର୍ଟକୁ ନ ଯାଇ ମାମଲାର ତ୍ୱରିତ ଫଇସଲା କରିବାରେ ସମ୍ମୁଖଭାଗ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଏହା ଅନ୍ୟତମ ସଫଳତା ବୋଲି କୁହାଯାଇଛି।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଶପଥ ପାଠ ଉତ୍ସବ

ବଡ଼ସାହି , ୦୭/୪ (ନି.ପ୍ର): ନିଖିଳ ଉତ୍କଳ ପ୍ରଥମିକ ଶିକ୍ଷକ ସଙ୍ଘ, ହିରିପୁର ରୋଡ୍ କଟକର ବଡ଼ସାହି ବ୍ଲକରେ ନବ ନିର୍ବାଚିତ ଶିକ୍ଷକ ସଂଘର କର୍ମକର୍ତ୍ତା ମାନଙ୍କର ଶପଥ ପାଠ ଉତ୍ସବ କୌଡିଖଣୀସ୍ଥିତ ମାଆ ହିଙ୍ଗୁଳାଙ୍କ ପୀଠରେ ହୋଇଅଛି । ଜିଲ୍ଲା ସଂଗଠନର ଉପଦେଷ୍ଟା ଶ୍ରୀ ଶିବ ପ୍ରସାଦ ମହାପାତ୍ର, ଜିଲ୍ଲା ସଂଗଠନ ସମ୍ପାଦକ ଶ୍ରୀ ବଳରାମ ନାଥ, ଜିଲ୍ଲା ସଭାପତି ଶ୍ରୀ ଆର୍ତ୍ତ କୁମାର ପରିଡା, ଉଦଳା ବ୍ଲକ ସମ୍ପାଦକ ଶ୍ରୀ ଲଳିତକୁମାର ବେହେରା, ବେତନଟୀ ବ୍ଲକ ସମ୍ପାଦକ ଶ୍ରୀ ସୁନୀଲ କୁମାର ବଡେ, କୁଳିଅଣା ବ୍ଲକ ସମ୍ପାଦକ ଶ୍ରୀ ଦ୍ୱିଲ୍ଲିପ କୁମାର ପାତ୍ର ଉପସ୍ଥିତ ରହି ଶିକ୍ଷକ ମାନଙ୍କପ୍ରତି ନିସ୍ୱାର୍ଥପର ସେବା ପ୍ରଦାନ କରିବା ପାଇଁ ଶପଥ ପାଠ



କରାଇଥିଲେ। ଶପଥ ପାଠ ଉତ୍ସବରେ ଅଂଶଗ୍ରହଣ କରିଥିଲେ ସଭାପତି ଶ୍ରୀ ରତିକାନ୍ତ ବେହେରା, ଉପସଭାପତି ଶ୍ରୀ ଉଜ୍ଜଳ କୁମାର ସାହୁ ଓ ଶ୍ରୀମତୀ ସୁମତୀ ମାଝୀ, ସମ୍ପାଦକ ଶ୍ରୀ ସଞ୍ଜୟ କୁମାର ଜେନା, ସହସମ୍ପାଦକ ଶ୍ରୀ ଶ୍ରୀକୃଷ୍ଣ ମହାନ୍ତ ଓ ଶ୍ରୀମତୀ ସଂଯୁକ୍ତା ରାଉତ, ବ୍ଲକ ସଂଗଠନ ସମ୍ପାଦକ ଶ୍ରୀ ରଜତ କୁମାର ବେହେରା, କୋଷାଧକ୍ଷ ଶ୍ରୀ ଚିତ୍ତରଞ୍ଜନ ଗିରି ଓ ସଂଯୋଜକ ଶ୍ରୀ କୁଳମଣି ରାଉତ । ଉପଦେଷ୍ଟା ଶ୍ରୀ ଧ୍ରୁବେନ୍ଦ୍ର କୁମାର ଜେନା ଓ ଶ୍ରୀ ବୀରେନ୍ଦ୍ର ପ୍ରଧାନଙ୍କ ସହ ଉପସ୍ଥିତ ଥିଲେ ସର୍ବଶ୍ରୀ ପ୍ରଫୁଲ୍ଲଘୋଷ, ରବୀନ୍ଦ୍ର ବାରିକ, ପ୍ରଦୀପ ସେନାପତି, ମହେଶ୍ୱର ମହାନ୍ତ, ରାଜକିଶୋର ପାଣିପାତ୍ର, ରଜତ ପାଣି, ବୈକୁଣ୍ଠ ଜେନା । ଚାରୋଟି ଶିକ୍ଷା ସର୍କଲ ରୁ ଜଣେ ଜଣେ ସର୍କଲ ସମ୍ପାଦକ ବଛା ଯାଇଛି । ସାନକେର୍କରୁ ମହେଶ୍ୱର ମହାନ୍ତ, ମାଣତ୍ରୀରୁ ମୋହନ ମହାନ୍ତ, ବଡ଼ସାହିରୁ ରାଜକିଶୋର ପାଣିପାତ୍ର ଓ କୋଚିଲାଖୁଣ୍ଟାରୁ ଧିରେନ୍ଦ୍ର ବେହେରା ଓ ପ୍ରଫୁଲ୍ଲ ଘୋଷ ।

## ବାରାବଙ୍କି ଷ୍ଟେସନରେ ଟ୍ରେନରେ ବୋମା ଥିବା ଗୁଜବରେ ଲୋକେ ଆତଙ୍କିତ

ବାରାବଙ୍କି, ୦୭/୪ : ଉତ୍ତର ପ୍ରଦେଶର ବାରାବଙ୍କି ରେଲୱେ ଷ୍ଟେସନରେ ରବିବାର ଗ୍ୱାଲିୟର-ବରୌନୀ ଏକ୍ସପ୍ରେସ ଟ୍ରେନର ଏକ ବଗିରେ ବୋମା ଗୁଜବ ପ୍ରଚାର ହେବା ମାତ୍ରେ ଆତଙ୍କ ଖେଳିଯାଇଥିଲା । ସ୍ଥାନୀୟ ପୋଲିସ ମୁତାବକ ଟ୍ରେନର ଜଣେ ଯାତ୍ରୀ ସୂଚନା ଦେଇଥିଲେ ଯେ, ଗ୍ୱାଲିୟର-ବରୌନୀ ଏକ୍ସପ୍ରେସ ଟ୍ରେନର ବଗିରେ ଏକ ଗଣ୍ଠିଲିରେ ସନ୍ଦିଗ୍ଧ ବସ୍ତୁ ରହିଛି, ଯାହା ବୋମା ହୋଇପାରେ । ଏହାପରେ ଜିଆରପି, ଆରପିଏଫ, ବାରାବଙ୍କି ସିଓ ସଦର, ସିଓ ସିଟି ସହିତ ଆଡିସନାଲ ଏସପି ଚିରଂଜୀବି ନାଥ ସିହ୍ନା ଫୋର୍ସ ଏବଂ ବୋମା ନିଷ୍କ୍ରିୟକାରୀ ଟିମ ସହିତ ଷ୍ଟେସନରେ ପହଂଚିଥିଲେ । ଏହି ଟିମ୍ ପୂରା ଡବାର ସନ୍ଧାନ କରିଥିଲା । ଏହି ସମୟରେ ଟ୍ରେନଟି ପ୍ରାୟ ଘଣ୍ଟାଏ କାଳ ଷ୍ଟେସନରେ ଅଟକି ରହିଥିଲା । କିନ୍ତୁ ତଲାସୀ ସମୟରେ କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ ।

## ବିଧାୟକ ସୁରେଶ ରାଉତରାୟଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୦୭/୪ (ନି.ପ୍ର): ବିଜେଡ଼ି ଦଳରେ ଯୋଗ ଦେଇଥିବା ଏବଂ ବିଜେଡ଼ି ପକ୍ଷରୁ ନିର୍ବାଚନ ଲଢୁଥିବା ନିଜର ପୁଅଙ୍କ ସପକ୍ଷରେ ଭୋଟ ପ୍ରଚାର କରିବେ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ କରିଥିବା କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ପିସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଭଳି ଦଳ ବିରୋଧି କାର୍ଯ୍ୟ ପାଇଁ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେ ସଂପର୍କରେ ଉତର ୨୪ ଘଂଟା ମଧ୍ୟରେ ପ୍ରଦାନ କରିବାକୁ ସୁରେଶ କୁମାର ରାଉତରାୟଙ୍କୁ ପିସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ନୋଟିସ୍ ଜାରି କରିଛନ୍ତି ବୋଲି ପିସିସି ସୂତ୍ରରୁ ପ୍ରକାଶ।

# ଭାସ୍କର ମଢ଼େଇଙ୍କୁ ବାଥୁଡ଼ି ସାଂସ୍କୃତିକ ସମାଜର ଖୋଲା ବିରୋଧ

ଉଦଳା , ୦୭/୪ (ନି.ପ୍ର): ଉଦଳା ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥି ଭାବରେ ଭାରତୀୟ ଜନତା ପାର୍ଟି ତରଫରୁ ପୁଣି ଥରେ ଭାସ୍କର ମଢେଇଙ୍କ ନାମ ଘୋଷଣା ହେବା ପରେ ବିଭିନ୍ନ ମହଲରେ ବିରୋଧାଭାଷ ଦେଖିବାକୁ ମିଳିଛି। ଏପରିକି ବାଥୁଡ଼ି ସାଂସ୍କୃତିକ ସମାଜ ମଧ୍ୟ ଭାସ୍କର ମଢ଼େଇଙ୍କୁ ଖୋଲା ବିରୋଧ କରିଥିବାର ଖବର ମିଳିଛି। ସାଂସ୍କୃତିକ ସମାଜ ପକ୍ଷରୁ ଏ ବାବଦରେ ଲିଖିତ ଆକାରରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇ ଦିଆଯାଇଛି । ବିଗତ ଦିନରେ ଭାସ୍କର ମଢ଼େଇ ୩ ଥର ବିଧାୟକ



ଥାଇ ମଧ୍ୟ ଉଦଳା ନିର୍ବାଚନ ମଣ୍ଡଳିର କୌଣସି ପରିବର୍ତ୍ତନ ଆଣିପାରି ନାହାଁନ୍ତି ବୋଲି ଏହି ଦରଖାସ୍ତରେ ଉଲ୍ଲେଖ ରହିଛି । ତେବେ ଏଠାରେ ବିଧାୟକ ପ୍ରାର୍ଥି ଭାବରେ ଭାସ୍କର ମଢ଼େଇଙ୍କୁ ବାଦ ଦେଇ ବାଥୁଡ଼ି ଜନଜାତିର ଅନ୍ୟ କୌଣସି ପ୍ରାର୍ଥିଙ୍କୁ ଟିକଟ ଦିଆଯାଉ ବୋଲି ସାଂସ୍କୃତିକ ସମାଜର ସମ୍ପାଦକ ସୂର୍ଯ୍ୟମଣି ଡ଼ାକୁଆ ଅନୁରୋଧ ଜଣାଇଛନ୍ତି । ଯଦି ଭାସ୍କର ମଢ଼େଇଙ୍କୁ ବିଧାୟକ ପ୍ରାର୍ଥିରୁ ବାଦ ଦିଆ ନଯାଏ ତେବେ ସାଂସ୍କୃତିକ ସମାଜ ବାଧ ହୋଇ ବିକଳ୍ପ ବ୍ୟବସ୍ଥା କରିବ ବୋଲି ଚେତାବନି ଦିଆଯାଇଛି । ପ୍ରକାଶ ଥାଉକି ଉଦଳା ନିର୍ବାଚନ ମଣ୍ଡଳି ମଧ୍ୟରେ କେବଳ ବାଥୁଡ଼ି ଜନଜାତିଙ୍କ ଭୋଟ ୪୫ ପ୍ରତିଶତ ରହିଛି । ସେହିପରି କିଛିଦିନ ତଳେ ଭାସ୍କର ମଢ଼େଇ ସବର୍ଣ୍ଣ ଲୋକଙ୍କ ବିରୁଦ୍ଧରେ ମନ୍ତବ୍ୟ ଦେଇଥିବାର ରେକର୍ଡ଼ ଭାଇରାଲ ହୋଇଥିଲା । ସବର୍ଣ୍ଣ ଲୋକେ ବାଥୁଡ଼ି ଲୋକଙ୍କ ଘରେ ପସିବା ଓ ବାଥୁଡ଼ି ଲୋକଙ୍କୁ ମାତାଲ କରିବା ସହିତ ଭାଗ ଭାଗ କରିଦେଉଥିବାର କଥା ନିଜେ ଭାସ୍କର ମଢ଼େଇ କହିଥିଲେ । ଏ ସମ୍ପର୍କରେ ମନ୍ତବ୍ୟ ଦେବାକୁ ଯାଇ ଏହା ଭାସ୍କର ମଢେଇଙ୍କ ନିଜସ୍ୱ ମତ, ଏହା ବାଥୁଡ଼ି ସାଂସ୍କୃତିକ ସମାଜର ମତ ନୁହେଁ ବୋଲି ସ୍ପଷ୍ଟିକରଣ ଦିଆଯାଇଛି । ବାତୁଡ଼ି ସାଂସ୍କୃତିକ ସମାଜର ସଦସ୍ୟ ଶ୍ୟାମସୁନ୍ଦର ପରିଆଳ, ନିଧିରାମ ପାତ୍ର, ଜଗଦିଶ ନାଏ. ବିଜୟ ପାତ୍ର ଇତ୍ୟାଦି ଶତାଧିକ ବ୍ୟକ୍ତି ବିଶେଷ ଏ ସମ୍ପର୍କରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ ।

# ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ




ବାଲେଶ୍ୱର, ୦୭/୪ (ନି.ପ୍ର): ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ସେତେ ବଢ଼ି ଚାଲିଛି ବାଲେଶ୍ୱରରେ ନିର୍ବାଚନି ଉଷ୍ଣତା, ସେହିପରି ଭାବରେ ଭାଜପାର ମିଶ୍ରଣ ପର୍ବଦ୍ୱାରା ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ର ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀ ର ଦିନକୁ ଦିନ ବିଜେପି ର ପଲ୍ଲା ଭାରି ହେବାରେ ମଧ୍ୟ ଲାଗିଛି, ଆଜି ବାଲେଶ୍ୱର ଲୋକସଭା କାର୍ଯ୍ୟାଳୟ ରୟାଲ କୁଇନ ମଣ୍ଡପରେ ବସ୍ତା ନିର୍ବାଚନ ମଣ୍ଡଳୀ ର ଦକ୍ଷ ବିଜେଡି ନେତା, ପୂର୍ବତନ ସରପଞ୍ଚ ତଥା ଶିଳ୍ପପତି ସଞ୍ଜୀବ ପାଢ଼ୀ ଆଜି ବିଜୁ ଜନତା ଦଳ ପରିତ୍ୟାଗ କରି ବିଦ୍ଧିବଦ୍ଧ ଭାବରେ ଭାରତୀୟ ଜନତା ପାର୍ଟି ରେ ଯୋଗଦାନ କରିଛନ୍ତି, ଆଜି ଦିବା ୧ ଘଟିକା ସମୟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଉପସ୍ଥିତ ରେ ଶ୍ରୀ ପାଢ଼ୀ ଆଜି ବିଜେପି ରେ ଯୋଗ ଦାନ କରିଛନ୍ତି, ଏହି ସମୟରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଓ ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ତାଙ୍କୁ ଦଳୀୟ ଟୋପି, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ବିଜେପି କୁ ଆମନ୍ତ୍ରଣ କରିଥିଲେ, ଶ୍ରୀ ପାଢ଼ୀ ତାଙ୍କ ସମର୍ଥକ ଙ୍କ ସହ ତଥା ପୂର୍ବତନ ସରପଞ୍ଚ ମାନସୀ ପାଢ଼ୀ, ବିଜେଡ଼ି ପଞ୍ଚାୟତ ସଭାପତି ଦିବାକର ମହାଳିକ, ବାଲିଆପାଳ କଳାକାର ସଂଘର ମୁଖ୍ୟ ହିମାଂଶୁ ପାତ୍ର, ବନମାଳୀ ବାରିକ, ବିଜେଡ଼ି ନେତା ମଧୁସୂଦନ ପଣ୍ଡା, ମନୋରଞ୍ଜନ ବିଶ୍ୱାଳ, ସୁଧାକୃଷ୍ଣ ଜେନା, ପ୍ରଶାନ୍ତ କୁମାର ଦାସ, ବାଦଲ ବେହେରା ଓ ଶିବ କୁମାର ଦାସଙ୍କ ସମେତ ୭୦୦ ରୁ ଉର୍ଦ୍ଧ୍ୱ ବିଜେଡ଼ି ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି,ଏହି ମିଶ୍ରଣ ପର୍ବ ସମୟରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା ମଞ୍ଚ ପରିଚାଳନା କରିଥିବା ସମୟରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ତଥା ଲୋକ ସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ଜେନା, ଜିଲ୍ଲା ଉପ ସଭାପତି କମଲ ଲୋଚନ ଦାସ,ପୂର୍ବତନ ବସ୍ତା ର ବିଧାୟକ ପ୍ରାର୍ଥୀ ଶ୍ୟାମା ପ୍ରସାଦ ବେହେରା, ବରିଷ୍ଠ ନେତା ଅଜୟ ସାହୁ, ବାସୁଦେବ ପଣ୍ଡା, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ସିପ୍ରାରେଖା ମହାପାତ୍ର, ସାଧାରଣ ସମ୍ପାଦିକା ମାଳତୀ ନାୟକ, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ,ମଣ୍ଡଳ ସଭାପତି ଗଗନ ସାହୁ ଲକ୍ଷ୍ମୀ ଧର ପ୍ରଧାନ, ଦେବେନ୍ଦ୍ର ପିଲା, କମଲ ଲୋଚନ ଦତ୍ତ, ବସନ୍ତ ବାରିକ, ରଞ୍ଜନ ମହାନ୍ତି, ରାଧା ପଙ୍କଜ ମଣ୍ଡଳ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

# ଚଉମୁଖ ବାରୁଣୀ ମହୋତ୍ସବର ଦ୍ୱିତୀୟ ସଂଧ୍ୟା

ବାଲିଆପାଳ, ୦୭/୪ (ନି.ପ୍ର): ମହୋତ୍ସବ ସଂପର୍କ ଯୋଡେ , ଭାଇ ଚାରା ବଢ଼ାଏ ତଥା ଅଞ୍ଚଳର ବିକାଶର କଥା କହେ ବୋଲି ଶନିବାର ବାଲିଆପାଳ ବ୍ଲକ ଚଉମୁଖ ବାରୁଣୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଶିଶୁ ସାହିତ୍ୟିକ କାଳି କିଙ୍କର ଦାଶ, ବାଲିଆପାଳ ସାରସ୍ୱତ



ସହର ଅଭିଯାନ କମିଟି ଆବାହକ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି, ଲତାଯୋଡ଼ି ଧ୍ରୁବ ଚରଣ ସଂସ୍କୃତ କଲେଜ୍ର ଅଧ୍ୟକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, କବୟିତ୍ରୀ ସୌଭାଗିନୀ ମିଶ୍ର, ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଂଝା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଉଦବୋଧନ ଦେଇଥିଲେ। ବାଲିଆପାଳ ବ୍ଲକ ଉପାଧକ୍ଷ ତଥା ଉତ୍ସବ କମିଟି କାର୍ଯ୍ୟକର୍ତ୍ତା ରାଜେଶ କୁମାର ଚୌଧୁରୀ ଅତିଥି ପରିଚୟ ସ୍ୱାଗତ ଭାଷଣ ଦେଇଥିଲେ। ବେଣୁଧର ରଣଜିତ, ବିନୋଦ ବିହାରୀ କର, ଗୋପାଳ ଦାସ, ଜନ୍ମେଜୟ ପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଲକ୍ଷ୍ମୀ କାନ୍ତ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଓ ଶେଷରେ ମେଲୋଡି ପରିବେଷିତ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo